ELECTORAL LITERACY CLUB

No Voter to be Left Behind

ଭାରତର ନିର୍ବାଚନ ଆୟୋଗ

# ନିର୍ବାଚନ ପାଠଶାଳା

## ସାଧନ ମାର୍ଗ ଦର୍ଶକ

(ଜନ ସମୁଦାୟ ପାଇଁ ନିର୍ବାଚନୀ ସାକ୍ଷରତା କ୍ଲବ୍)



ELECTORAL LITERACY CLUB

No Voter to be Left Behind

ଭାରତର ନିର୍ବାଚନ ଆୟୋଗ

# ନିର୍ବାଚନ ପାଠଶାଳା

## ସାଧନ ମାର୍ଗ ଦର୍ଶକ

(ଜନ ସମୁଦାୟ ପାଇଁ ନିର୍ବାଚନୀ ସାକ୍ଷରତା କ୍ଲବ୍)



ଭାରତ ନିର୍ବାଚନ ଆୟୋଗ, ନିର୍ବାଚନ ସଦନ
ଅଶୋକା ରୋଡ୍, ନୂଆଦିଲ୍ଲୀ-୧୧୦୦୦୧ଙ୍କ ଦ୍ୱାରା ୨୦୧୮ରେ ପ୍ରକାଶିତ

*ବିଷୟବସ୍ତୁ, ଫଟୋ ଏବଂ ସଚିତ୍ର ବର୍ଣ୍ଣନା*
*ସତ୍ତ୍ୱାଧିକାର – ଭାରତର ନିର୍ବାଚନ ଆୟୋଗ*

# ସୂଚୀପତ୍ର


୧. ନିର୍ବାଚନ ପାଠଶାଳା ଉପକ୍ରମ ........ ୫

୨. ଲକ୍ଷ୍ୟ ........ ୫

୩. ଗଠନ ପ୍ରଣାଳୀ ........ ୫

୪. ସଦସ୍ୟ ଓ ଯୋଗଦାନକାରୀ ........ ୬

୫. କେନ୍ଦ୍ରୀୟ ଅଧିକାରୀ (ମତଦାନ କେନ୍ଦ୍ର ସ୍ତରୀୟ ଅଧିକାରୀ) / ବୁଥ୍ ସ୍ତରୀୟ ଅଧିକାରୀ ........ ୭

୬. ଆବାହକ ........ ୭

୭. ସ୍ଥାନ / ସଭାସ୍ଥଳୀ ........ ୭

୮. ପାଠଶାଳା ଦିବସ ଓ ସମୟ ........ ୮

୯. ପାଠଶାଳା ସଂଚାଳନ ........ ୮

୧୦. କାର୍ଯ୍ୟକ୍ରମଗୁଡ଼ିକର ପ୍ରସ୍ତାବିତ ସୂଚୀ ........ ୮

୧୧. ନିର୍ବାଚନ ପାଠଶାଳା ଖେଳ ଉପକରଣ ........ ୯

୧୨. ନିର୍ବାଚନ ପାଠଶାଳାର ପରିକଳ୍ପନା / ଢାଞ୍ଚା ........ ୧୦

୧୩. ପାଠଶାଳା ଗୀତ ........ ୧୧

୧୪. ଅଧିବେଶନ ସଂରଚନା ........ ୧୧

୧୫. ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅନ୍ତର୍ଭୁକ୍ତି ........ ୧୨

୧୬. ମତଦାତା ମିତ୍ର ........ ୧୨

୧୭. ଉଦ୍‌ଘାଟନ ଓ କାର୍ଯ୍ୟାରମ୍ଭ ........ ୧୩

୧୮. ପରିଚାଳନା / ତଦାରଖ ........ ୧୪


୧୯. ସର୍ବସାଧାରଣ ରେଡ଼ିଓ ........ ୧୪

୨୦. ଆବାହକଙ୍କ ପାଇଁ କାର୍ଯ୍ୟକ୍ରମ ଓ ନିର୍ଦ୍ଦେଶାବଳୀ ........ ୧୫

- i. ନିର୍ବାଚନ ପତ୍ରିକା – ପ୍ରାଚୀର ପତ୍ରିକା ........ ୧୭
- ii. ତାଲିକା ପ୍ରସ୍ତୁତି ........ ୧୮
- iii. ନମୁନା ମତଦାନ ........ ୨୦
- iv. ତାସ୍ ଖେଳ – ଜଣେ ଲୋକ-ପ୍ରତିନିଧି ହୁଅନ୍ତୁ। ........ ୨୫
- v. ଗ୍ରାମ-ସଭାର ଯାତ୍ରା ........ ୨୬
- vi. ନିର୍ବାଚିତ୍ର ........ ୨୮
- vii. ନିର୍ବାଚନ ଯନ୍ତ୍ର ଓ ମତପତ୍ର ପ୍ରସ୍ତୁତି ........ ୩୦
- viii. ନୋଟାକୁ ଜାଣନ୍ତୁ (ନୋଟା-ଏମାନଙ୍କ ଭିତରୁ କେହି ନୁହେଁ) ........ ୩୩
- ix. ଆସ ପଞ୍ଜିକରଣ କରିବା ........ ୩୫
- x. ନିର୍ବାଚନ କାହାଣୀମାଳା ........ ୩୮
- xi. ସମୂହ କାର୍ଯ୍ୟକ୍ରମ – ସାପ ଓ ଶିଡ଼ି ........ ୩୯
- xii. ସମୂହ କାର୍ଯ୍ୟକ୍ରମ – ନିର୍ବାଚନ ଯନ୍ତ୍ର ........ ୪୧
- xiii. ସମୂହ କାର୍ଯ୍ୟକ୍ରମ – ଲୋକନୃତ୍ୟ (ଲୋକକଳା) ପ୍ରଦର୍ଶନ ........ ୪୨

୨୧. ସାଧନ ସମୂହ ........ ୪୪




मेरा वोट
मेरी सरकार
आपका मतदान
लोकतंत्र की जान

## ୧. ନିର୍ବାଚନ ପାଠଶାଳା

ସବୁବୟସ ବର୍ଗର ଭାରତୀୟ ନାଗରିକ, ବିଶେଷ କରି ଭବିଷ୍ୟତର ମତଦାତା ଓ ଯୁବମତଦାତାଙ୍କ ମଧ୍ୟରେ ନିର୍ବାଚନୀ ସାକ୍ଷରତା ବୃଦ୍ଧି କରିବା ପାଇଁ, ଅଣ ରାଜନୈତିକ, ନିରପେକ୍ଷ ଓ ନିର୍ଦ୍ଦଳୀୟ ମନୋଭାବରେ, ଚିତ୍ତାକର୍ଷକ, ମନୋମୁଗ୍ଧକର ଓ ଅର୍ଜିତ ଅଭିଜ୍ଞତା ସବୁକୁ ଭିତ୍ତିକରି ନିର୍ବାଚନୀ ସାକ୍ଷରତା କ୍ଲବ୍‌ମାନ ପ୍ରତିଷ୍ଠା କରାଯାଉଛି। ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥା ପରିସରରେ ବାହାରେ ଥିବା ଜନସାଧାରଣଙ୍କ ପାଇଁ, ମତଦାନ କେନ୍ଦ୍ର ସ୍ତରରେ ନିର୍ବାଚନ ସାକ୍ଷରତା କ୍ଲବ୍ ପ୍ରତିଷ୍ଠା କରାଯିବ। ଏଗୁଡ଼ିକ 'ନିର୍ବାଚନ ପାଠଶାଳା' ଭାବେ ନାମିତ ହେବ।

ନିର୍ବାଚନ ପାଠଶାଳା, ମତଦାନ କେନ୍ଦ୍ର ସ୍ତରରେ ଥିବା ଗ୍ରାମ / ଗୋଷ୍ଠୀର ସମସ୍ତ ସଦସ୍ୟଙ୍କ ପାଇଁ ଉନ୍ମୁକ୍ତ ରହିବ। ଅଧାରୁ ପାଠ ପଢ଼ା ଛାଡ଼ି ଦେଇଥିବା ପିଲାଙ୍କ ଉପରେ ଅଧିକ ଗୁରୁତ୍ୱ ଦେବା ସହିତ, ଗ୍ରାମ-ଜନସମୂହର ଏକ ପ୍ରତିନିଧି ରୂପେ ଗଣ୍ୟ ହେବାକୁ ଏ ପାଠଶାଳା ଲକ୍ଷ୍ୟ ରଖିବ। ଯେହେତୁ ବିଭିନ୍ନ ବୟସ ବର୍ଗର ଲୋକେ ଏହି ପାଠଶାଳାରେ ରହିବେ, କାର୍ଯ୍ୟକ୍ରମଗୁଡ଼ିକ ଏପରି ହେବ ଯାହାକୁ ସହଜରେ ପରିଚାଳନା କରିହେବ ଏବଂ ସମସ୍ତଙ୍କୁ ଏଥି ସହିତ ଜଡ଼ିତ କରି ରଖିହେବ। ସହରାଞ୍ଚଳଗୁଡ଼ିକ ପାଇଁ ମଧ୍ୟ ସେହିପରି ଏକା ପ୍ରକାର ବ୍ୟବସ୍ଥା ଲାଗୁ ହେବ।

ନିର୍ବାଚନ ପାଠଶାଳା କିପରି ଓ କେଉଁସବୁ କାର୍ଯ୍ୟ କରିବ, କେଉଁମାନେ ଏହାର ଆବାହକ, ଯୋଗଦାନକାରୀ ସେସବୁ ନିମ୍ନ ପରିଚ୍ଛେଦରେ ବିଶଦ୍ ଭାବରେ ବର୍ଣ୍ଣନା କରାଯାଇଛି।

## ୨. ଲକ୍ଷ୍ୟ :

ନିର୍ବାଚନ ପାଠଶାଳାର ନିମ୍ନଲିଖିତ ଲକ୍ଷ୍ୟ ସବୁ ରହିବ :

(କ) ଅଭିଜ୍ଞତା ଦ୍ୱାରା, ଉଦ୍ଦିଷ୍ଟ ଜନସାଧାରଣଙ୍କୁ ମତଦାତା ପଞ୍ଜିକରଣ, ନିର୍ବାଚନ ପ୍ରକ୍ରିୟା ତଥା ସଂପୃକ୍ତ ଅନ୍ୟାନ୍ୟ ବିଷୟରେ ଶିକ୍ଷାଦାନ ।

(ଖ) ଇଭିଏମ୍ (ଇଲେକ୍ଟ୍ରୋନିକ୍ ମତଦାନ ଯନ୍ତ୍ର) ଓ ଭିଭିପ୍ୟାଟ୍ (ଭୋଟଦାନର ସତ୍ୟତା ପରୀକ୍ଷଣ ଯନ୍ତ୍ର) ସହିତ ଲୋକମାନଙ୍କୁ ପରିଚିତ କରାଇବା ଏବଂ ଇଭିଏମ୍ ବ୍ୟବହାର ଦ୍ୱାରା ମତଦାନ ପ୍ରକ୍ରିୟାର ସାଧୁତା ବିଷୟରେ ଶିକ୍ଷାଦାନ କରିବା।

(ଗ) ଲୋକମାନଙ୍କୁ ନିଜ ଭୋଟ୍‌ର ମୂଲ୍ୟ ବୁଝିବାରେ ସାହାଯ୍ୟ କରିବା ଏବଂ ସେମାନେ କିପରି ଆତ୍ମବିଶ୍ୱାସର ସହିତ, ସ୍ୱଚ୍ଛନ୍ଦ ଭାବେ, ନୈତିକତାର ଆଧାରରେ ଭୋଟ ଦେଇପାରିବେ ସେଥିପାଇଁ ସେମାନଙ୍କୁ ସାହାଯ୍ୟ କରିବା।

(ଘ) ନିର୍ବାଚନ ସାକ୍ଷରତା ଗୋଷ୍ଠୀକୁ ଆଗେଇନେବାକୁ ନିର୍ବାଚନୀ ସାକ୍ଷରତା କ୍ଲବ୍‌ର ସଭ୍ୟମାନଙ୍କ ଭିତରେ ଥିବା ପ୍ରଚ୍ଛନ୍ନ ଶକ୍ତିର ଉପଯୋଗ କରିବା।


(ଙ) ଏଯାବତ୍ ଭୋଟର ତାଲିକାଭୁକ୍ତ ହୋଇ ନଥିବା ଯୋଗ୍ୟ ସଭ୍ୟମାନଙ୍କୁ ପଞ୍ଜିକରଣ ପ୍ରକ୍ରିୟାକୁ ସୁଗମ କରାଇବା।

(ଚ) ନିର୍ବାଚନରେ ଅଂଶଗ୍ରହଣର ଏକ ବାତାବରଣ ସୃଷ୍ଟି କରିବା ଏବଂ ବିଜ୍ଞ ଭାବେ ଓ ନୈତିକତା ଆଧାରରେ ମତଦାନକୁ ସର୍ବାଧିକ କରାଇବା ଏବଂ 'ପ୍ରତି ଭୋଟ ମୂଲ୍ୟବାନ୍' ଏବଂ 'କୌଣସି ମତଦାତା ବାଦ ନପଡ଼ନ୍ତୁ' – ଏହି ବିଷୟ ଉପରେ ଗୁରୁତ୍ୱ ଦେବା।

## ୩. ଗଠନ ପ୍ରଣାଳୀ :

ନିର୍ବାଚନ ପାଠଶାଳା ସଂପୃକ୍ତ ମତଦାନ କେନ୍ଦ୍ର ନାମରେ ନାମିତ ହେବ ଏବଂ ମତଦାନ କେନ୍ଦ୍ର ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ଙ୍କ ଦ୍ୱାରା ସ୍ଥାପିତ ଓ ସଂଯୋଜିତ ହେବ। ନିର୍ବାଚନ ପାଠଶାଳା । ବିଷୟରେ ସଚେତନତା ସୃଷ୍ଟି କରିବା, ଏଥିରେସାମିଲ ହେବାକୁ ଲୋକମାନଙ୍କୁ ନିମନ୍ତ୍ରଣ କରିବା ଏବଂ ନିର୍ବାଚନ ପାଠଶାଳା ପାଇଁ ଏକ ସ୍ଥାୟୀ ସଭାସ୍ଥଳର ଆୟୋଜନ କରିବା ବୁଥ୍-ସ୍ତରୀୟ ଅଧିକାରୀଙ୍କ ଦାୟିତ୍ୱ।





## ୪. ସଦସ୍ୟ ଏବଂ ଯୋଗଦାନକାରୀ

ନିର୍ବାଚନ ପାଠଶାଳା ସମସ୍ତଙ୍କ ପାଇଁ ଉନ୍ମୁକ୍ତ ରହିବ, ତେବେ ନିମ୍ନଲିଖିତ ନିର୍ଦ୍ଦିଷ୍ଟ ଲୋକମାନଙ୍କୁ ଏଥିରେ ନିଶ୍ଚିତ ସାମିଲ କରାଯିବ।

- ଅଧାରୁ ପାଠପଢା ଛାଡ଼ିଥିବା, ୧୪ରୁ ୧୭ ବର୍ଷ ବୟସ୍କ ପିଲାମାନେ ଯେଉଁମାନେ କି ଭବିଷ୍ୟତରେ ମତଦାତା ହେବେ।
- ୧୮ରୁ ୧୯ ବର୍ଷ ବୟସର ନୂଆ ମତଦାତା
- ମହିଳା (ଯୁବତୀ ଓ ମଧ୍ୟ ବୟସ୍କା)
- ବରିଷ୍ଠ ନାଗରିକ
- ଭିନ୍ନକ୍ଷମ ବ୍ୟକ୍ତି (ଯଦି କେହି ଥାଆନ୍ତି)
- ୧୪ ବର୍ଷରୁ କମ୍ ପିଲା ଯେଉଁମାନେ ଶିକ୍ଷା ପରିସର ବାହାରେ ରହିଯାଇଛନ୍ତି।
- ସେହି ଅଞ୍ଚଳରେ ଥିବା କିଛି ନିର୍ଦ୍ଦିଷ୍ଟ ଦଳ ବା ଗୋଷ୍ଠୀ (ଯଥା-ଜନଜାତି)

ଅଣ-ରାଜନୈତିକ ନାଗରିକ ସମାଜ ସଙ୍ଗଠନ ଓ ସ୍ୱେଚ୍ଛାସେବୀଙ୍କ ସମେତ, ମତଦାନକେନ୍ଦ୍ର ସଚେତନକାରୀ ଦଳ (ବୁଥ୍ ଆୱାରନେସ୍ ଗ୍ରୁପ୍) ଓ ସରକାରଙ୍କ କ୍ଷେତ୍ର କର୍ମଚାରୀଙ୍କ ସହାୟତାରେ ସଦସ୍ୟମାନଙ୍କୁ ତାଲିକାଭୁକ୍ତ କରାଯିବ। ଏହି କାମରେ (ତାଲିକାଭୁକ୍ତ କରିବା) ଶିକ୍ଷକ ରାଷ୍ଟ୍ରୀୟ ସାକ୍ଷରତା ମିଶନର କର୍ମଚାରୀ, ପଞ୍ଚାୟତ ଅଧିକାରୀ କିମ୍ବା ପୌରପାଳିକା କର୍ମଚାରୀ (ନିର୍ବାଚିତ ନୁହନ୍ତି)ଙ୍କ ସ୍ୱେଚ୍ଛାକୃତ ସହାୟତା ନିଆଯାଇପାରେ।

ମତଦାନ କେନ୍ଦ୍ର (ବୁଥ୍)ସ୍ତରୀୟ ଅଧିକାରୀ (ବିଏଲଓ) ଆବାହକଙ୍କ ସାହାଯ୍ୟ ନେଇ ଗୋଟିଏ ରେଜିଷ୍ଟରରେ ସଦସ୍ୟମାନଙ୍କ ନାଁ ଲେଖି ରଖିବେ। ସେ (ବିଏଲ୍ଓ) ସଦସ୍ୟଙ୍କ ବିଷୟରେ ଜିଲ୍ଲା ନିର୍ବାଚନ ଅଧିକାରୀ (ବିଇଓ)ଙ୍କୁ ଏକ ତ୍ରୈମାସିକ ବିବରଣୀ ପଠାଇବେ। ପ୍ରତି ତିନିମାସ ଶେଷରେ ଉକ୍ତ ରେଜିଷ୍ଟରଟି ଅଦ୍ୟତନ କରାଯାଇ ଆବାହକ ଓ ବିଏଲ୍ଓଙ୍କ ଦ୍ୱାରା ସ୍ୱାକ୍ଷରିତ ହେବ।



### ୫. ମତଦାନ କେନ୍ଦ୍ର ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲଓ) ନୋଡାଲ ଅଧିକାରୀ ଭାବେ କାର୍ଯ୍ୟ କରିବେ।

ପ୍ରତି କେନ୍ଦ୍ରର ମତଦାନ କେନ୍ଦ୍ରର ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲଓ) ନିର୍ବାଚନୀ ସାକ୍ଷରତା କ୍ଲବ୍‌ର ନୋଡାଲ୍ ଅଧିକାରୀ ରୂପେ କାର୍ଯ୍ୟ କରିବେ। ମତଦାନ କେନ୍ଦ୍ର ସଚେତନତା ଦଳ (ବୁଥ୍ ଆୱାରନେସ୍ ଗ୍ରୁପ୍, ବିଏଜି) ନିର୍ବାଚନ ସାକ୍ଷରତା କ୍ଲବ୍‌କୁ ସହାୟତା କରିବେ ଓ ମାର୍ଗଦର୍ଶନ କରାଇବେ ଏବଂ ନିର୍ବାଚନୀ ସାକ୍ଷରତା କ୍ଲବ୍‌କୁ କାର୍ଯ୍ୟକାରୀ କରାଇବା ଓ ସଦସ୍ୟଙ୍କୁ ତାଲିକାଭୁକ୍ତ କରାଇବାରେ ବିଏଲଓଙ୍କୁ ସାହାଯ୍ୟ କରିବେ।

### ୬. ଆବାହକ (କନ୍‌ଭେନର୍) :

ବିଏଲଓ (ବୁଥ୍‌ସ୍ତରୀୟ ଅଧିକାରୀ) ସେହି ଗୋଷ୍ଠୀ / ସମୂହ ଭିତରୁ ଜଣକୁ ଆବାହକ ଭାବେ ବାଛିବେ। ଆବାହକ, ଶିକ୍ଷିତ ହୋଇଥିବା ନିହାତି ଆବଶ୍ୟକ। ସ୍ୱେଚ୍ଛାରେ ଯୋଗଦାନ କରିବାକୁ ଚାହୁଁଥିବା ଶିକ୍ଷକ କିମ୍ବା ରାଷ୍ଟ୍ରୀୟ ସାକ୍ଷରତା ପ୍ରାଧିକରଣ ଅଧୀନରେ କାର୍ଯ୍ୟ କରୁଥିବା 'ପ୍ରେରକ'ଙ୍କୁ ଏ କ୍ଷେତ୍ରରେ ଅଗ୍ରାଧିକାର ଦିଆଯାଇପାରେ। ବିକଳ୍ପ ଭାବେ, ଆଗରୁ ଥିବା ମତଦାନ କେନ୍ଦ୍ର ସଚେତନତା ଦଳ (ବିଏଜି), ରାଷ୍ଟ୍ରୀୟ ସେବା ଯୋଜନା ନେହେରୁ ଯୁବ କେନ୍ଦ୍ର ସଂଗଠନ, ଖ୍ୟାତନାମା ବେସରକାରୀ ସଂଗଠନର ଯୁବ ସଦସ୍ୟମାନଙ୍କୁ ଆବାହକ ଭାବେ ନିଆଯାଇପାରେ। ଜଣେ ମୁଖ୍ୟ ପ୍ରଶିକ୍ଷକଙ୍କ ଦ୍ୱାରା ଏମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଗ୍ରାମାଞ୍ଚଳ ଜନସାଧାରଣଙ୍କ ପାଇଁ ନିର୍ବାଚନ ସାକ୍ଷରତା ସମିତି ପ୍ରତିଷ୍ଠା ପୂର୍ବରୁ ଏକ ଗୁରୁତ୍ୱପୂର୍ଣ୍ଣ କାମ ହେଲା ଆବାହକମାନଙ୍କୁ ବାଛିବା ଓ ସେମାନଙ୍କୁ ପ୍ରଶିକ୍ଷଣ ଦେବା।

ବୁଥ୍‌ସ୍ତରୀୟ ଅଧିକାରୀ ମଧ୍ୟ ନିଜେ ପାଠଶାଳାର ଆବାହକ ଭାବେ କାର୍ଯ୍ୟ କରିପାରିବେ। ଜଣେ ସ୍ୱେଚ୍ଛାସେବକ ଆବାହକ ହେବେ କିମ୍ବା ନିଜେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ଆବାହକ ରୂପେ କାର୍ଯ୍ୟ କରିବେ, ଏକଥା ରାଜ୍ୟ ସ୍ଥିର କରିବ। ଆବାହକଙ୍କୁ ମତଦାତା ପ୍ରଶିକ୍ଷକ ଭାବେ ନାମିତ କରାଯିବ। ମତଦାତା ପ୍ରଶିକ୍ଷକଙ୍କ ଭୂମିକା ହେଲା, ସେ ସବୁ କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରିବେ ଏବଂ ସେଗୁଡ଼ିକୁ ଉତ୍ତମ ଭାବେ ନିର୍ବାଚନ ପାଠଶାଳାରେ ନିର୍ବାହିତ କରାଇବେ। ଏଥିପାଇଁ ତାଙ୍କୁ (ପ୍ରଶିକ୍ଷକଙ୍କୁ) ବହୁ ପ୍ରଚେଷ୍ଟା ଓ ପ୍ରସ୍ତୁତି କରିବାକୁ ପଡ଼ିବ। ପ୍ରଶିକ୍ଷକ, ବୁଥ୍ ସ୍ତରୀୟ ଅଧିକାରୀଙ୍କ ସହାୟତାରେ ଲୋକମାନଙ୍କର ସମସ୍ୟା ସବୁ ଖୋଜି ବାହାର କରିବେ, ସେମାନଙ୍କ ଭଲମନ୍ଦ ଜାଣିବେ ଓ ସେମାନଙ୍କ ମନରେ ଉଠୁଥିବା ପ୍ରଶ୍ନ ସବୁର ସମାଧାନର ପନ୍ଥା ବାହାର କରିବେ। ଯୋଗଦାନକାରୀଙ୍କ ମତାମତ ଓ ପ୍ରସ୍ତାବ ଓ ନିଜ ମତାମତ ଏସବୁର ଆଦାନପ୍ରଦାନ ପାଇଁ ଏକ ମାଧ୍ୟମ ଭାବେ ପ୍ରଶିକ୍ଷକମାନେ କାର୍ଯ୍ୟ କରିବେ।


ମତଦାତା ପ୍ରଶିକ୍ଷକଙ୍କର, ପଞ୍ଜିକରଣ / ମତଦାତା (ଭୋଟର) ତାଲିକା ଏବଂ ନିର୍ବାଚନ ପ୍ରକ୍ରିୟା ଉପରେ ନିର୍ଭୁଲ ଜ୍ଞାନ ରହିଥିବ / କିମ୍ବା ସେମାନେ ଏହି ଜ୍ଞାନ ଆହରଣ କରିବେ।

### ୭. ସ୍ଥାନ :



ନିର୍ବାଚନ ପାଠଶଳା ପରିଚାଳନା ପାଇଁ ଏକ ସମୁଚିତ ସ୍ଥାନ ନିରୂପଣ କରିବା ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲଓ)ଙ୍କରଏକ ପ୍ରମୁଖ ଦାୟିତ୍ୱ। ମୁଖ୍ୟତଃ, ଗତ ଲୋକସଭା କିମ୍ବା ବିଧାନସଭା ନିର୍ବାଚନର ମତଦାନ କେନ୍ଦ୍ର କିମ୍ବା ବିଏଲ୍‌ଓ ଦ୍ୱାରା ଚିହ୍ନିତ ଅନ୍ୟ କୌଣସି ସ୍ଥାନ ନିର୍ବାଚନ ପାଠଶାଳା ରୂପେ ବ୍ୟବହାର କରାଯାଇ ପାରିବ। ବହୁତ ଲୋକ ବସିପାରିବା ଭଳି ଏକ ଖୋଲା ପଡ଼ିଆକୁ ପାଠଶାଳା ରୂପେ ନିଆଯାଇପାରେ। ଯାଗାଟିକୁ ସହଜରେ ଯିବା ଆସିବା କରିହେଉଥିବ ଏବଂ ଏହି ଯାଗାଟିକୁ ସମସ୍ତେ ଜାଣିଥିବା ଦରକାର, ତା'ହେଲେ ଲୋକମାନେ ସହଜରେ ଜାଣି ପାରିବେ ଓ ପାଠଶାଳାରେ





ଯୋଗଦେଇପାରିବେ। ନିର୍ବାଚନ ପାଠଶାଳା ପାଇଁ ସ୍ଥାନ ରୂପେ ନିମ୍ନଲିଖିତ ସ୍ଥାନଗୁଡ଼ିକ ମଧ୍ୟ ବଛାଯାଇପାରିବ।

- ଗ୍ରାମସଭାର ବୈଠକ ବସୁଥିବା ଯାଗା
- ବିଦ୍ୟାଳୟ / ସ୍କୁଲ ହତାରେ ଥିବା ପଡ଼ିଆ
- ଅଙ୍ଗନବାଡ଼ି କେନ୍ଦ୍ର

ଥରେ ଯାଗାଟି ଠିକ୍ ହୋଇଗଲେ ବୁଥ୍‌ସ୍ତରୀୟ ଅଧିକାର (ବିଇଓ) ପାଠଶାଳାର ପ୍ରତି କାର୍ଯ୍ୟକ୍ରମ ପୂର୍ବରୁ ଭଲଭାବେ ଯାଗାଟି ବିଷୟରେ ପ୍ରଚାର କରିବା ଉଚିତ୍।

## ୮. ପାଠଶାଳା ଦିନ (ଦିବସ) ଓ ସମୟ

ପ୍ରତି ଦୁଇ ମାସରେ ଥରେ ନିର୍ବାଚନ ପାଠଶାଳା ବସିବ। ସଦସ୍ୟମାନେ ଗୋଟିଏ ମାସ ଛାଡ଼ି ତା'ପରେ ମାସର ପ୍ରଥମ ଶନିବାର ଦିନ ସଭା କରିବେ। ସଭାର ସମୟ ଓ ସ୍ଥାନ ଏବଂ ସେ ଅଞ୍ଚଳର ଲୋକଙ୍କୁ ସୁହାଉଥିବା ଆବଶ୍ୟକ ଅପରାହ୍ଣ ୨ଟାରୁ ୪ଟା ଭିତରେ ସଭା ଯେ କୌଣସି ସମୟରେ ହୋଇପାରିବ। ବିକଳ୍ପ ଭାବେ, ଯଦି କୌଣସି କାରଣରୁ ପାଠଶାଳା ସମୟଟି ସୁହାଉ ନାହିଁ ତେବେ ସେ ପାଠଶାଳା ସମୟ ପାଇଁ ଅନ୍ୟ କୌଣସି ଦିନ ଓ ସମୟ ସ୍ଥିର କରିପାରିବେ। ତେବେ ସ୍ଥାନ ଓ ସମୟ ସ୍ଥିର ବା ଅପରିବର୍ତ୍ତିତ ରହିଲେ ଠିକ୍ ସମନ୍ୱୟ (ଅବିଚ୍ଛିନ୍ନତା) ରହିବ; ଉପସ୍ଥାନ ବୃଦ୍ଧି ପାଇବା ସଙ୍ଗେସଙ୍ଗେ ସଦସ୍ୟମାନେ ନିୟମିତ ହେବେ। ଏମିତି ହେଲେ ସଦସ୍ୟମାନେ ଏ ସଭାରେ ଯୋଗଦେବାକୁ ଆଗୁଆ ଯୋଜନା କରି ପାରିବେ। ପାଠଶାଳା ସଦସ୍ୟମାନଙ୍କ ଦ୍ୱାରା ଗୋଟିଏ ପ୍ରାଚୀର ପ୍ରତିକାର ପ୍ରକାଶନ ଏବଂ ଏହାର ପୁନଃପୁନଃ ନବୀକରଣ ଏହି ପୁସ୍ତକର ଏକ ତାଲିକାଭୁକ୍ତ କାର୍ଯ୍ୟକ୍ରମ। ଏହା ମାସର ପ୍ରତ୍ୟେକ ତୃତୀୟ ଶନିବାର ଦିନ କରାଯାଇ ପାରିବ।

## ୯. ପାଠଶାଳା ସଞ୍ଚାଳନ :

ଗୋଟିଏ ମାସ ଛାଡ଼ି ତା' ପରମାସ (ଏକାନ୍ତର ମାସ)ର ପ୍ରଥମ ଶନିବାର ଦିନ ପାଠଶାଳା ବସିବ ଏବଂ ନିର୍ବାଚନ ଓ ନିର୍ବାଚନ ପ୍ରକ୍ରିୟା ସଂପର୍କିତ ଖେଳ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତି ତୃତୀୟ ଶନିବାର, ପ୍ରାଚୀର ପତ୍ରିକାର ଅଦ୍ୟତନ କରାଯିବ। (ନୂଆ ନୂଆ ଲେଖା ଯୋଗ କରାଯିବ)

ମାସେ ଛାଡ଼ି ମାସେ ୭ଟି ପାଠଶାଳା ବସିବା ସହିତ, ସାମୂହିକ ଯୋଗଦାନ ପାଇଁ ୩ଟି ଅତିରିକ୍ତ କାର୍ଯ୍ୟକ୍ରମର ଆୟୋଜନ କରାହେବ। ପ୍ରତି ଦୁଇଟି ଶିକ୍ଷଣୀୟ ପାଠଶାଳା ପରେ, ସାମୂହିକ ସଂପୃକ୍ତି ନିମନ୍ତେ ଗୋଟିଏ ଅତିରିକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉଦ୍ଦେଶ୍ୟ ଏହି ଯେ, ମତଦାତା ଶିକ୍ଷାର ବ୍ୟାପକ ପ୍ରସାରଣରେ ସଦସ୍ୟମାନେ ନିଜେନିଜେ ସକ୍ରିୟ ହୋଇ ଉଠିବେ।

## ୧୦. କାର୍ଯ୍ୟକ୍ରମଗୁଡ଼ିକର ପ୍ରସ୍ତାବିତ ସୂଚୀ :

ମାସର ପ୍ରତି ଦ୍ୱିତୀୟ ଶନିବାର ନିମ୍ନପ୍ରଦତ୍ତ ସୂଚୀ ଅନୁସାରେ ନିର୍ବାଚନ ପାଠଶାଳାର କାର୍ଯ୍ୟକ୍ରମଗୁଡ଼ିକ ପରିଚାଳିତ ହେବ। ଏକଥା ବି ମନେରଖାଯାଇପାରେ ଯେ ପ୍ରଥମ ଦୁଇଟି ଅଧିବେଶନ ପରେ ଅନ୍ୟ ଅଧିବେଶନଗୁଡ଼କିର ସମୟ, ଆବାହକ ତାଙ୍କ ଇଚ୍ଛାନୁସାରେ ପରିବର୍ତ୍ତନ କରିପାରିବେ। ଉଦାହରଣ ସ୍ୱରୂପ ମତଦାନ ଯନ୍ତ୍ର (ଇଭିଏମ୍) ଉପରେ ହେବାକୁଥିବା କାର୍ଯ୍ୟକ୍ରମ ନିର୍ବାଚନ ପାଖାପାଖି ସମୟରେ ହେବା ବାଞ୍ଛନୀୟ କିମ୍ବା, ଗ୍ରାମ ସଭା କାର୍ଯ୍ୟକ୍ରମଟି, ପାଠଶାଳା ବସିବା ଦିନ ହେବା ଉଚିତ ।

ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ବାଧ୍ୟତାମୂଳକ। ସମୟ ମିଳିବା ଉପରେ ନିର୍ଭର କରି କାର୍ଯ୍ୟକ୍ରମ ଗୁଡ଼ିକର ସୂଚୀ ସ୍ଥିର କରାଯାଇପାରେ।

| | |
|---|---|
| ଅଧିବେଶନ-I | କାର୍ଯ୍ୟକ୍ରମ : କାର୍ଯ୍ୟକ୍ରମର ସୂଚୀ ପ୍ରସ୍ତୁତ; ପରେ ପରେ ଖେଳ – ମତଦାନର ପର୍ଯ୍ୟାୟ |
| ଅଧିବେଶନ-II | କାର୍ଯ୍ୟକ୍ରମ : ଆଦର୍ଶ ମତଦାନ – ନିର୍ବାଚନ ଅନୁକରଣ |
| ଅଧିବେଶନ-III | କାର୍ଯ୍ୟକ୍ରମ : ମନୋନୟନ ପତ୍ର ଦାଖଲ – କାର୍ଡ ଖେଳ ଓ ପରେ କାର୍ଯ୍ୟକ୍ରମ : ଗ୍ରାମ ସଭାର ଯାତ୍ରା |
| ଅଧିବେଶନ-IV | ସମୂହ କାର୍ଯ୍ୟକ୍ରମ : ନିର୍ବାଚିତ୍ର – ପରେ ପରେ ସାପ-ଶିଡ଼ିର ରଙ୍ଗୋଲୀ ଚିତ୍ର (ମୁରୁଜ ପକେଇବା) – ବିଜ୍ଞ ଓ ନୀତିଗତ ମତଦାନ |
| ଅଧିବେଶନ-V | କାର୍ଯ୍ୟକ୍ରମ : ନିର୍ବାଚିତ୍ର / ଚିତ୍ରପଟଳ ପରେ ପରେ ଖେଳ – ବର୍ଣ୍ଣାବଳୀ |
| ଅଧିବେଶନ-VI | କାର୍ଯ୍ୟକ୍ରମ : ନିର୍ବାଚନ ଯନ୍ତ୍ର ଓ ମତଦାନ ପତ୍ର ତିଆରି କରନ୍ତୁ<br>କାର୍ଯ୍ୟକ୍ରମ : 'ନୋଟା' ବିଷୟରେ ଜାଣିବା |
| ଅଧିବେଶନ-VII | ସମୂହ କାର୍ଯ୍ୟକ୍ରମ : ମତଦାନ ଯନ୍ତ୍ର (ଇଭିଏମ ଓ ଭିଭିପ୍ୟାଟ୍) ମତଦାତା ପ୍ରଶ୍ନୋତ୍ତର ପ୍ରତିଯୋଗୀତା |
| ଅଧିବେଶନ-VIII | କାର୍ଯ୍ୟକ୍ରମ : ଆସନ୍ତୁ ପଞ୍ଜିକରଣ କରିବା ପରେ ପରେ<br>ଖେଳ – ଖୋଜିଲେ ପାଇବା |
| ଅଧିବେଶନ-IX | କାର୍ଯ୍ୟକ୍ରମ : ନିର୍ବାଚନ କାହାଣୀ ମାଳା, ପରେ ପରେ ଖେଳ |
| ଅଧିବେଶନ-X<br>ସମୂହ କାର୍ଯ୍ୟକ୍ରମ | ସମୂହ କାର୍ଯ୍ୟକ୍ରମ : ଗ୍ରାମ ହାଟ କିମ୍ବା ମେଳାରେ ଲୋକକଳା ପ୍ରଦର୍ଶନ |


## ୧୧. ନିର୍ବାଚନ ପାଠଶାଳା ଖେଳ ଉପକରଣ :

ଆବାହକମାନଙ୍କୁ ଗୋଟିଏ ଖେଳ ଉପକରଣ ପେଟିକା ଯୋଗାଇ ଦିଆଯାଇଛି ଯେଉଥିରେ କି ୫ଟି ସ୍ୱୟଂ-ସଂଯୋଜିତ ଖେଳ ଏବଂ ୨ଟି ଗଳ୍ପ ପଟଳ ରହିଛି। କିଛି ମୌଳିକ ତଥ୍ୟର ପୁନରାବୃତ୍ତି ଓ ଦୃଢୀକରଣ ଉଦ୍ଦେଶ୍ୟରେ, ଏହି ମାର୍ଗ-ଦର୍ଶିକା ପୁସ୍ତକରେ ବର୍ଣ୍ଣିତ କେତେକ କାର୍ଯ୍ୟକ୍ରମ ସହିତ କିଛି ଖେଳ ହେବା ପାଇଁ ଉପରୋକ୍ତ ଉପକରଣଗୁଡ଼ିକର ସଂରଚନା କରାଯାଇଛି। ପାଞ୍ଚଟି ଖେଳ ପାଇଁ ସଂପୂର୍ଣ୍ଣ ନିର୍ଦ୍ଦେଶାବଳୀ ମଧ୍ୟ ରହିଛି।

ଭୋଟ ଗ୍ରହଣର ବିଭିନ୍ନ ସ୍ତର ବର୍ଣ୍ଣନା ପାଇଁ ଘରଡିଆଁ/ ଖପରାଡିଆଁ ଖେଳ, ନିର୍ବାଚନ ପ୍ରକ୍ରିୟା ବର୍ଣ୍ଣନା କରିବା ପାଇଁ ସାପ-ଶିଡି ଖେଳ, ନିର୍ବାଚନ ପ୍ରକ୍ରିୟାରେ ବ୍ୟବହୃତ ବିଭିନ୍ନ ପ୍ରକାର ଫର୍ମ ପାଇଁ ଧନ୍ଦା ଖେଳ, ନିର୍ବାଚନର ସୁଗମ୍ୟତା ପାଇଁ ଲୁଡୁ ଖେଳ ଓ ଏକ ନିର୍ବାଚନ ପାତ୍ର (ହାଣ୍ଡି)– ଏହି ସବୁ 'ନିର୍ବାଚନ ପାଠଶାଳା ଖେଳ ଉପକରଣ' ଭିତରେ ରହିଅଛି।

ଏହି ଉପକରଣ ଭିତରେ ନିର୍ବାଚନ ପ୍ରକ୍ରିୟା ବିଷୟରେ ଗଳ୍ପର ଏକ ସ୍ଖଳନ-ପଟଳ (ସ୍କ୍ରୋଲ୍) ମଧ୍ୟ ରହିଅଛି। ଯେଉଁ ସ୍ଥାନରେ ସିନେମା ଦେଖାଇବାର ଯନ୍ତ୍ରପାତି ଉପଲବ୍ଧ ହେବ ନାହିଁ ସେଠାରେ ନିର୍ବାଚିତ୍ର କାର୍ଯ୍ୟକ୍ରମ ପାଇଁ ଆବାହକମାନେ ଏହାକୁ ବ୍ୟବହାର କରିପାରିବେ।





## ୧୨. ନିର୍ବାଚନ ପାଠଶାଳାର ପରିକଳ୍ପନା / ଢାଞ୍ଚା :

ନିର୍ବାଚନ ପାଠଶାଳା ଏକ ପ୍ରକାର ଉତ୍ସବପୂର୍ଣ୍ଣ ଓ ରଙ୍ଗୀନ ପରିବେଶର ଶ୍ରେଣୀଗୃହ ହେବ। ଯେତେଦୂର ସମ୍ଭବ ନିମ୍ନଲିଖିତ ଉପାଦାନଗୁଡ଼ିକ ପାଠଶାଳାର ଅଂଶ ହେବ।

- ପାଠଶାଳାର ଅଧିବେଶନ ସବୁବେଳେ ଗୋଟିଏ ଗୀତରୁ ଆରମ୍ଭ ହେବ ଏବଂ ଗୋଟିଏ ଛୋଟିଆ ଗପରେ ଶେଷ ହେବ।
- ଭାରତ ନିର୍ବାଚନ ଆୟୋଗର ନିର୍ବାଚନ ପ୍ରଚାର ପତ୍ର ଓ ଫଟୋ ପ୍ରଦର୍ଶନୀ ଭିତରେ ପାଠଶାଳା ବସିବ ଯାହାଦ୍ୱାରା ସଦସ୍ୟମାନେ ଉତ୍ସାହଜନକ ବାର୍ତ୍ତା ଓ ମତଦାନ-ଶିକ୍ଷା ବିଷୟକ ତଥ୍ୟ ସବୁ ଭିତରେ ମଜ୍ଜି ରହିଥିବେ।




- କଳାପଟାଟିଏ ପାଠଶାଳାର ଅବିଚ୍ଛେଦ୍ୟ ଅଙ୍ଗ ଏବଂ ପ୍ରତ୍ୟେକ ସଭାଦିନ ଏହି କଳାପଟାର ଉପରିଭାଗରେ ନିର୍ବାଚନ / ମତଦାନ ବିଷୟରେ ସୁବିଚାର ସବୁ ଲେଖାହେବ। ଫୋନ୍ ମାଧ୍ୟମରେ ସହାୟତା ପାଇଁ (ରାଜ୍ୟ ସହାୟକ କେନ୍ଦ୍ର, ଜାତୀୟ ଯୋଗାଯୋଗ କେନ୍ଦ୍ର, ଜିଲ୍ଲା ସହାୟକ କେନ୍ଦ୍ରର ଫୋନ ନମ୍ବର) ଫୋନ୍ ନମ୍ବରଗୁଡ଼ିକ କଳାପଟାର ତଳ ଭାଗରେ ଲେଖା ରହିବ।
- ଗୋଟିଏ ମତଦାତା ପୁସ୍ତକାଳୟ (ଲାଇବ୍ରେରୀ/ସାଧନ କେନ୍ଦ୍ର ସ୍ଥାପନ କରାଯିବ ଯେଉଁଥିରେ ତଥ୍ୟ ପୁସ୍ତିକା, ପ୍ରକରଣ ପୁସ୍ତକ (ମାନୁଆଲ), ମତଦାତା ମାର୍ଗଦର୍ଶିକା, ମତଦାତାଙ୍କ ପାଇଁ ଫର୍ଦ୍ଦ ବନ୍ଧେଇ ପୁସ୍ତକ, ମତଦାନରେ ବାଜି ମରା ଖେଳ ଉପକରଣ ଏବଂ ପୁସ୍ତକ ଆଦି ରଖାଯାଇ ପାରିବ।
- ଗୀତ ବଜାଇବା ପାଇଁ ଗୋଟିଏ ରେକର୍ଡ ପ୍ଲେୟାର / ମାଇକ୍ ସେଟ୍ ଇତ୍ୟାଦି ରଖାଯାଇପାରେ। ଶ୍ରେଣୀ ଆରମ୍ଭ ହେବାର ୧୫ ମିନିଟ୍ ପୂର୍ବରୁ ଓ ଶେଷ ହେବାର ୧୫ ମିନିଟ୍ ପୂର୍ବରୁ ରାଜ୍ୟର ନିର୍ବାଚନ ଗୀତ (ଏସ୍‌ଭିଇଇପି ଗୀତ) ଏବଂ ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରସ୍ତୁତ ଗୀତ ଗାନ କରାଯିବ।

## ୧୩. ପାଠଶାଳା ଗୀତ :

ନିର୍ବାଚନରେ ଅଂଶଗ୍ରହଣର ଗୁରୁତ୍ୱକୁ ଭିତ୍ତିକରି, ସ୍ଥାନୀୟ ଭାଷାରେ ୪-୬ଟି ପଦରେ ନିର୍ବାଚନ ପାଠଶାଳା ପାଇଁ ଗୀତଟିଏ ଲେଖାହେବ। ପାଠଶାଳା ଉଦ୍‌ଘାଟନ ସମୟରେ ଏକ ପ୍ରତିଯୋଗୀତା ଅନୁଷ୍ଠିତ କରାଯାଇ ଗୀତଟିଏ ବଛାଯାଇପାରିବ ଏବଂ ପରବର୍ତ୍ତୀ ସମୟରେ, ପାଠଶାଳାର ଭାବଧାରାକୁ ପ୍ରତିଫଳିତ କରିବାକୁ, ଗୀତଟିରେ ଆବଶ୍ୟକୀୟ ପରିବର୍ତ୍ତନ କରାଯିବ। ପାଠଶାଳା ଗୀତଟି ନିମ୍ନଲିଖିତ ବାର୍ତ୍ତାବହନ କରୁଥିବା ଆବଶ୍ୟକ ।


- ପଞ୍ଜିକରଣର ଗୁରୁତ୍ୱ
- ମତଦାନର ମହତ୍ତ୍ୱ
- ବିଜ୍ଞ ଓ ନୀତିଗତ ମତଦାନ

## ୧୪. ଅଧିବେଶନ ସଂରଚନା :

ନିର୍ବାଚନ ପାଠଶାଳାର ପ୍ରତ୍ୟେକ ଅଧିବେଶନ ନିମ୍ନ ସଂରଚନା ଅନୁଯାୟୀ ଅନୁଷ୍ଠିତ ହେବ।

| କ୍ର.ନଂ. | ବିଷୟ | ବର୍ଣ୍ଣନା |
|---|---|---|
| ୧. | ସମାବେଶ | ପାଠଶାଳା ଆରମ୍ଭର ୧୦ ମିନିଟ୍ ପୂର୍ବରୁ, ଲୋକମାନଙ୍କୁ ଆକର୍ଷିତ କରି ଧୀରସ୍ଥିର ହୋଇ ବସିବାକୁ, ପଞ୍ଜିକରଣ ଓ ମତଦାନ ବିଷୟ ଉପରେ, ଜିଲ୍ଲା ନିର୍ବାଚନ ଅଧିକାରୀ ତଥା କେନ୍ଦ୍ର ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ପ୍ରସ୍ତୁତ ଗୀତ ଗାନ କରାଯିବ। ଏହା ପରେ ଆବାହକ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବେ ଏବଂ ନିର୍ବାଚନ ପାଠଶାଳା ତଥା ଏହାର ଗୁରୁତ୍ୱ ଉପରେ ଛୋଟ ଉଦ୍‌ଘାଟନୀ ଭାଷଣଟିଏ ଦେବେ। |
| ୨. | ଗୀତ ଆବୃତ୍ତି | ତା'ପରେ ଆବାହକ ଓ ସେଠାରେ ଉପସ୍ଥିତ ଅନ୍ୟ ସମସ୍ତେ ନିର୍ବାଚନ ପାଠଶାଳା ଗୀତକୁ ('ସାଧନ'ରେ ଯାହା ଲେଖା ଅଛି) ଉତ୍ସାହର ସହ ଆବୃତ୍ତି କରିବେ। |
| ୩. | ଦିବସର କାର୍ଯ୍ୟକ୍ରମ | ତା'ପରେ ଆବାହକ ସେଦିନର କାର୍ଯ୍ୟକ୍ରମ ଆରମ୍ଭ କରିବେ। ଏହି କାର୍ଯ୍ୟକ୍ରମ ଏକ ଘଣ୍ଟା ଅବଧିରୁ ଅଧିକ ହେବ ନାହିଁ (ଲୋକକଳା କାର୍ଯ୍ୟକ୍ରମ ବ୍ୟତୀତ) |
| ୪. | ୩-୨-୧ ସାରାଂଶ ଏବଂ ମନେପକେଇବା (ସ୍ମୃତିଚାରଣ) | ସବୁ କାର୍ଯ୍ୟକ୍ରମରେ ଏହି 'ମନେ ପକେଇବା' ପ୍ରଣାଳୀଟି ରହିବ। ପ୍ରତି କାର୍ଯ୍ୟକ୍ରମରେ ଏହି ପ୍ରଣାଳୀଟି ବୁଝାଇ ଦିଆଯାଇଛି। |
| ୫. | ଉପସଂହାର | ଅଧିବେଶନ ଶେଷରେ, ଆବାହକ 'ଭୋଟରେ ଆସ୍ଥା' ସମ୍ବନ୍ଧୀୟ ଏକ ଛୋଟ ଗଳ୍ପ କହିବେ। ଏହି ଗଳ୍ପଟି ସେଠାରେ ହୋଇଥିବା କାର୍ଯ୍ୟକ୍ରମ ଉପରେ ଆଧାରିତ ହୋଇଥିବ ଏବଂ ସେହି କାର୍ଯ୍ୟକ୍ରମ ମାଧ୍ୟମରେ କିଛି ଶିକ୍ଷାଦାନ କରୁଥିବ। ଉଦାହରଣ ସ୍ୱରୂପ – ଯଦି କାର୍ଯ୍ୟକ୍ରମଟି ଛାୟା ନିର୍ବାଚନ ଉପରେ ହୋଇଥାଏ ତେବେ ଗଳ୍ପଟି ଏମିତି ହେବ – 'ବହୁ ଦୁଃଖପୂର୍ଣ୍ଣ ଓ ଭୟଙ୍କର ପରିସ୍ଥିତିର ସମ୍ମୁଖୀନ ହୋଇ ମଧ୍ୟ ଲୋକମାନେ କିପରି ଭୋଟ ଦେବାକୁ ଯାଉଛନ୍ତି'। |





## ୧୫. ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅନ୍ତର୍ଭୁକ୍ତି :

ନିର୍ବାଚନ ସାକ୍ଷରତା କ୍ଲବ ଏକ ସାମୂହିକ ସଂଗଠନ ଯେଉଁଥିରେ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କର ଅନ୍ତର୍ଭୁକ୍ତିକୁ ନିଶ୍ଚିତ କରିବା ପାଇଁ ସବୁ ପ୍ରକାରର ଚେଷ୍ଟା କରାଯିବ।



- ଆବାହକ ସେମାନଙ୍କର (ଭିନ୍ନକ୍ଷମମାନଙ୍କର) ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଚେଷ୍ଟା କରିବେ ଓ ସମିତିର ଅନ୍ୟ ସଦସ୍ୟମାନଙ୍କୁ ଏ ଦିଗରେ ଉତ୍ସାହିତ କରିବେ।
- ସମସ୍ତଙ୍କ ପ୍ରବେଶକୁ ସୁବିଧାଜନକ କରାଇବାକୁ ନିର୍ବାଚନ ସାକ୍ଷରତା କ୍ଲବ୍‌ର ସମସ୍ତ କାର୍ଯ୍ୟକ୍ରମ ବିଦ୍ୟାଳୟର ତଳ ମହଲାରେ ଅନୁଷ୍ଠିତ ହେବା ଉଚିତ।
- ଯଦି ଜଣେ ଶୁଣିପାରୁନଥିବା (ବଧିର) ବ୍ୟକ୍ତି ସେ ସଭାରେ ଉପସ୍ଥିତ ଥିବେ ତେବେ ତାଙ୍କ ସୁବିଧା ଲାଗି ଜଣେ ସାଙ୍କେତିକ ଭାଷା ବ୍ୟାଖ୍ୟାକାର ରହିବା ଉଚିତ। ଏହି ବ୍ୟାଖ୍ୟାକାର ସେ ବ୍ୟକ୍ତିଙ୍କର ପରିବାରରୁ କିମ୍ବା ତାଙ୍କ ବନ୍ଧୁବର୍ଗ ଭିତରୁ ହେଲେ ଉତ୍ତମ।
- କ୍ଲବ୍‌ରେ ଅନୁଷ୍ଠିତ କୌଣସି କାର୍ଯ୍ୟକ୍ରମରୁ ଭିନ୍ନକ୍ଷମ ବ୍ୟକ୍ତିମାନେ ବଂଚିତ ହେବା ଉଚିତ ନୁହେଁ।
- କ୍ଲବ୍‌ରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର ଉପଯୁକ୍ତ ପ୍ରତିନିଧିତ୍ୱ ହେବା ଦରକାର।

## ୧୬. ମତଦାତା ମିତ୍ର :

ନିର୍ବାଚନ ପ୍ରକ୍ରିୟା ସଂକ୍ରାନ୍ତୀୟ ସଚେତନତା ନାଗରିକମାନଙ୍କ ମଧ୍ୟରେ ପ୍ରସାର କରିବା ହେଉଛି ନିର୍ବାଚନ ପାଠଶାଳାର ଏକ ମୁଖ୍ୟ ଲକ୍ଷ୍ୟ। ଏହି ନାଗରିକମାନେ ପରେ ପରେ ତାଙ୍କ ଗୋଷ୍ଠୀର ଅନ୍ୟମାନଙ୍କ ସହିତ ଏହି ଜ୍ଞାନ ବିନିମୟ କରି ବୃହତ୍ତର ସମାଜକୁ ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ପ୍ରବର୍ତ୍ତାଇବେ। ନିର୍ବାଚନ ପାଠଶାଳା ସକ୍ରିୟ ନାଗରିକମାନଙ୍କୁ 'ମତଦାତା ମିତ୍ର'ର ଭୂମିକା ତୁଲାଇବାର ଏକ ଅନନ୍ୟ ସୁଯୋଗ ଆଣିଦେବ। ଏମାନେ ବନ୍ଧୁ ଭାବେ ଗୋଷ୍ଠୀର ଅନ୍ୟ ଲୋକମାନଙ୍କୁ ନିର୍ବାଚନ ପ୍ରକ୍ରିୟା ବିଷୟରେ ମାର୍ଗଦର୍ଶନ କରାଇବେ ଓ ଭୋଟର ତାଲିକାରେ ନାମ ସାମିଲ କରାଇ ଭୋଟ ଦେବାକୁ ଉତ୍ସାହିତ କରିବେ।

**ଚୟନ :** ଯେଉଁ ସଭ୍ୟମାନେ ସମୁଦାୟ ଛଅଟି ଯାକ ଅଧିବେଶନରେ ଓ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିବେ ସେହିମାନଙ୍କ ଭିତରୁ ମତଦାତା ଚୟନ କରାଯିବ। ମତଦାତା ମିତ୍ର ଯେକୌଣସି ବୟସର ହୋଇଥିବେ ଏବଂ ଗୋଷ୍ଠୀ ମଧ୍ୟରେ ପ୍ରେରଣାଦାତା ଭାବେ କାମ କରିବେ। ଆବାହକ ଓ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲଓ) ମିଶି ମତଦାତା ମିତ୍ର ଚୟନ କରିବେ। ଗ୍ରାମର ସବୁ ବର୍ଗ, ସବୁ ସାହି ସବୁ ଅଂଶକୁ ନେଇ ପ୍ରତି ଶହେ ଜଣ ମତଦାତାଙ୍କ ପାଇଁ ୨-୪ ଜଣ ମିତ୍ର ରହିବେ। ଭିନ୍ନକ୍ଷମ ବ୍ୟକ୍ତିଙ୍କ ସାମିଲ ହେବାକୁ ଦୃଷ୍ଟିରେ ରଖି ମତଦାତା ମିତ୍ର ସାଙ୍କେତିକ ଭାଷା ଶିକ୍ଷା କରିପାରନ୍ତି।

**ଭୂମିକା :** ମତଦାତା ମିତ୍ରଙ୍କୁ ଏକ ପରିଚୟ ଫଳକ (ବ୍ୟାଜ୍) ଦିଆଯିବ। ସେ ନିର୍ବାଚନ ପାଠଶାଳାର ସମସ୍ତ କାର୍ଯ୍ୟକ୍ରମ ଓ ବିଭିନ୍ନ ସମୂହକ-କାର୍ଯ୍ୟକ୍ରମ ପରିଚାଳନାରେ ଆବାହକ ଓ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲଓ)ଙ୍କୁ ସାହାଯ୍ୟ କରିବେ। ଲୋକମାନଙ୍କୁ ଭୋଟର ତାଲିକାଭୁକ୍ତ କରାଇବା ସମେତ ନିର୍ବାଚନ ସାକ୍ଷରତା କ୍ଲବ୍ ସହିତ ସେମାନଙ୍କର ଯୋଗସୂତ୍ର ସ୍ଥାପନ କରାଇବେ। ମତଦାତା ମିତ୍ର ଭାବେ କାମ କରିବାର ଗୋଟିଏ ବର୍ଷର ଅଭିଜ୍ଞତା ପରେ ସେ ନିର୍ବାଚନ ସମୟରେ ମତଦାନ-ସ୍ୱେଚ୍ଛାସେବକ ଭାବେ ନିଯୁକ୍ତ ହୋଇପାରିବେ ଏବଂ ନିର୍ବାଚନ ପାଠଶାଳାର ଆବାହକ ମଧ୍ୟ ହୋଇପାରିବେ।

**ପ୍ରଶଂସାପତ୍ର :** ମତଦାତା ମିତ୍ର ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଠାରୁ ପ୍ରମାଣପତ୍ର ହାସଲ କରିବେ। ପ୍ରତି ବର୍ଷ ଜିଲ୍ଲାର ଶେଷ ମତଦାତା ମିତ୍ରଙ୍କୁ ଜିଲ୍ଲାସ୍ତରରେ ପାଳିତ 'ଜାତୀୟ ଭୋଟର ଦିବସ' ଉତ୍ସବରେ ଜିଲ୍ଲା ନିର୍ବାଚନ ଅଧିକାରୀ ସମ୍ବର୍ଦ୍ଧିତ କରିବେ।

## ୧୭. ଉଦ୍‌ଘାଟନ ଓ କାର୍ଯ୍ୟାରମ୍ଭ :

### ପ୍ରାକ୍ ପ୍ରଚାର :

ନିର୍ବାଚନ ପାଠଶାଳା ଅନୁଷ୍ଠିତ ହେବାକୁ ଯାଉଥିବା ଖବର ଲୋକମାନଙ୍କ ଭିତରେ ଆଗୁଆ ପ୍ରଚାରିତ ହେବାକୁ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲଓ) ବ୍ୟବସ୍ଥା କରିବେ। ଡାକବାଜି ଯନ୍ତ୍ର (ଲାଉଡ୍ ସ୍ପିକର) ଯୋଗେ ପ୍ରଚାର କରିବା ସହିତ, ସେ ଇଚ୍ଛାକଲେ ଏହି ପ୍ରଚାର ଉଦ୍ଦେଶ୍ୟରେ ପ୍ରଚାର ପତ୍ର ବା ପ୍ରାଚୀର ପତ୍ର (ବ୍ୟାନର୍) ଛପାଇ ପାରିବେ। ପ୍ରଚାର ପାଇଁ ସ୍ଥାନୀୟ ଭାବେ କାମ କରୁଥିବା ଦଳ ବା ପାରମ୍ପରିକ ପ୍ରଚାର ମାଧ୍ୟମ ଏଥିପାଇଁ ବ୍ୟବହାର କରାଯାଇପାରେ। ଗ୍ରାମସଭାମାନଙ୍କରେ ମଧ୍ୟ ଏବାବଦରେ ଘୋଷଣା କରାଯାଇପାରିବ ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଇଆରଓ) କିମ୍ବା ଜିଲ୍ଲା ନିର୍ବାଚନ ଅଧିକାରୀ (ଡିଇଓ)ଙ୍କ ଭିତରୁ ଯିଏ ଥିବେ ସେ କାର୍ଯ୍ୟାରମ୍ଭ ଉତ୍ସବରେ ସଭାପତିତ୍ୱ କରିବେ।

### ଉଦ୍‌ଘାଟନୀ ଉତ୍ସବର ଅତ୍ୟାବଶ୍ୟକ ଅଂଶବିଶେଷ :

ନିର୍ବାଚନ ପାଠଶାଳାର କାର୍ଯ୍ୟାରମ୍ଭ ଯେହେତୁ ଏକ ଉଚ୍ଚସ୍ତରୀୟ ପ୍ରସିଦ୍ଧ କାର୍ଯ୍ୟକ୍ରମ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ସଂଯୋଜିତ କରିବେ।

i. 'ନିର୍ବାଚନ ପାଠଶାଳା' ଅବଧାରଣର ଏବଂ ପାଠଶାଳା ମାଧ୍ୟମରେ ବର୍ଷଯାକରେ ହେବାକୁଥିବା ମୁଖ୍ୟ କାର୍ଯ୍ୟକ୍ରମ ସମ୍ବନ୍ଧରେ ପ୍ରାରମ୍ଭିକ ସୂଚନା।

ii. ଚଳଚ୍ଚିତ୍ର / ସିନେମା ପ୍ରଦର୍ଶନ – ମଉଜ, ସାଙ୍ଗ ଓ ମତଦାନ (ମସ୍ତି, ଦୋସ୍ତି ଓ ମତଦାନ)

iii. ଚଳଚ୍ଚିତ୍ର ପ୍ରଦର୍ଶନ ପରେ


(କ) ସିନେମାରେ ଦେଖିଥିବା ତଥ୍ୟ ଉପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ।

(ଖ) ପଞ୍ଜିକରଣ ଓ ମତଦାନରେ ସମ୍ମୁଖୀନ ହେଉଥିବା ଘଟଣାବଳୀ ଉପରେ ଦର୍ଶକମାନଙ୍କର ପ୍ରଶ୍ନ

iv. ନିର୍ବାଚନ ପାଠଶାଳା ଗୀତ ବଛାଯିବା ପାଇଁ ଏକ ପ୍ରତିଯୋଗୀତା ସ୍ଥାନୀୟ ଭାଷାରେ ଲେଖା ହୋଇଥିବା ଗୀତ ମାଧ୍ୟମରେ ମତଦାନର ଗୁରୁତ୍ୱ ଓ ନିର୍ବାଚନରେ ଅଂଶଗ୍ରହଣ ପ୍ରତି ଦୃଷ୍ଟି ଆକର୍ଷଣ କରାଯାଉଥିବା ଏବଂ ୪ରୁ ୮ ଧାଡ଼ି ଭିତରେ ଲେଖାହୋଇଥିବା ଗୀତଟିକୁ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲଓ) / ଆବାହକଙ୍କ ଦ୍ୱାରା ଆବଶ୍ୟକ ପରିବର୍ତ୍ତନ କରାଯିବା ପରେ, ବିଜେତା ଲେଖାଟିକୁ 'ପାଠଶାଳା ଗୀତ' ରୂପେ ଗୃହୀତ ହେବ ।

v. ପ୍ରଥମ ପ୍ରାଚୀର ପତ୍ରିକା ଅଙ୍କନ ('ପ୍ରାଚୀର ପତ୍ରିକା' ଉପରେ କାର୍ଯ୍ୟକ୍ରମ ଦ୍ରଷ୍ଟବ୍ୟ)





vi. ଦର୍ଶକମାନଙ୍କର ଆଗ୍ରହ ଓ ବୟସସୀମାକୁ ଦୃଷ୍ଟିରେ ରଖି ଗୀତ, ସ୍ଲୋଗାନ (ସମୂହ ଧ୍ୱନି)ର ପ୍ରତିଯୋଗୀତା ବି କରାଯାଇପାରେ। ସବୁ ପ୍ରତିଯୋଗୀତା ବିଷୟରେ ପୂର୍ବରୁ ପ୍ରଚାର କରାଗଲେ ଦର୍ଶକମାନେ ଆଗରୁ ବିଭିନ୍ନ ଧାରଣା ସବୁ ଉପରେ ପ୍ରସ୍ତୁତ ହୋଇ ଆସିଥିବେ। ପ୍ରତିଯୋଗୀତାରେ ଭାଗ ନେଉଥିବା ଲେଖାଗୁଡ଼ିକ ପରେ ପାଠଶାଳା ସଜେଇବା କାମରେ ଲାଗିପାରିବ କିମ୍ବା ପରବର୍ତ୍ତୀ ପାଠଶାଳା କାର୍ଯ୍ୟକ୍ରମ ପାଇଁ ସାଧନ ରୂପେ ବ୍ୟବହୃତ ହୋଇପାରିବ (ଉଦାହରଣ-ଗଳ୍ପ/ଗୀତ)

### ପାଠଶାଳା ସଦସ୍ୟମାନେ କ'ଣ ଶିଖିଲେ

୧. ନିର୍ବାଚନ ପାଠଶାଳା ବିଷୟରେ ପ୍ରାଥମିକ ଧାରଣା
୨. ନିର୍ବାଚନ ପ୍ରକ୍ରିୟା ଉପରେ ମୋଟାମୋଟି ଧାରଣା
୩. ନିର୍ବାଚନ ପାଠଶାଳା ଗୀତ

### ସାଧନ :

୧. ମଉଜ, ସାଙ୍ଗ ଓ ମତଦାନ (ମସ୍ତି, ଦୋସ୍ତି ଏବଂ ମତଦାନ) – ସିନେମା
୨. କିମ୍ବା ରେଡିଓ ଗଳ୍ପ – ଲୋକତନ୍ତ୍ର ଏକ୍ସପ୍ରେସ୍

### ଆବଶ୍ୟକ ସାମଗ୍ରୀ

୧. ପରଦା (ସିନେମା ଦେଖାଇବା ପାଇଁ) ପ୍ରୋଜେକ୍ଟର, ଲ୍ୟାପଟପ୍ ଏବଂ ସ୍ପିକର।
୨. କାଗଜ, ରଙ୍ଗ ପେନସିଲ (କ୍ରେୟନ୍) କଲମ / ପେନସିଲ
୩. ପୁରସ୍କାର ଏବଂ ଦୋକାନରୁ କିଣା ଜିନିଷ

ଯେଉଁ ଯାଗାରେ ବେଶୀ ଲୋକ ଭେଟଭାଟ ହୁଅନ୍ତି ସେହି ଯାଗାରୁ ଲୋକଙ୍କୁ ପ୍ରଥମ ପାଠଶାଳା ଅଧିବେଶନରେ ଯୋଗଦେବାକୁ ବିଏଲଓ ନିଶ୍ଚୟ ଚେଷ୍ଟା କରିବେ। ବେଶି ଲୋକ ଯାଇ ପହଞ୍ଚୁଥିବା ଯାଗା ହେଲା ସେହି ସ୍ଥାନ ବା ବଜାର ଯେଉଁଠାକୁ ଲୋକମାନେ ବିଭିନ୍ନ କାମରେ ନିତାନ୍ତ ଯିବାକୁ ପଡ଼େ। ଯଥା- ଡାଲି ଚାଉଳ ଦେକାନ, ବାରିକ ସେଲୁନ, ଦୁଗ୍ଧ ଉତ୍ପାଦନ କେନ୍ଦ୍ର, ଅଙ୍ଗନବାଡ଼ି କେନ୍ଦ୍ର ଇତ୍ୟାଦି। ଏଣୁ ଦୋକାନୀ ବା ସେଲୁନ୍‌ବାଲା ପ୍ରଥମ ପାଠଶାଳାର ସଦସ୍ୟ ହୋଇପାରନ୍ତି।

## ୧୮. ପରିଚାଳନା / ତଦାରଖ :

ମୁଖ୍ୟ ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀ ଏକ ଫଳପ୍ରଦ ପରିଚାଳନା ପଦ୍ଧତି ନିର୍ଦ୍ଧାରଣ କରିବା ଉଚିତ। ନିର୍ବାଚନ ପାଠଶାଳାର କାର୍ଯ୍ୟର ମୂଲ୍ୟାୟନ ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ପାଠଶାଳାର କାର୍ଯ୍ୟକାରିତାକୁ ଯାଞ୍ଚ କରିବା କାର୍ଯ୍ୟକ୍ରମ ହାତକୁ ନେବା ଉଚିତ୍। ଭାରତ ନିର୍ବାଚନ ଆୟୋଗ ମଧ କାର୍ଯ୍ୟକାରିତାର ପରୀକ୍ଷା କାର୍ଯ୍ୟ ହାତକୁ ନେବେ।

## ୧୯. ସର୍ବସାଧାରଣ ରେଡିଓ :

ନିର୍ବାଚନ ସାକ୍ଷରତା ବାର୍ତ୍ତା ପ୍ରଚାର ପାଇଁ ସର୍ବସାଧାରଣ ରେଡିଓକୁ ଏକ ଶକ୍ତିଶାଳୀ ଉପକରଣ ଭାବେ ଉପଯୋଗ କରାଯାଇପାରେ। ନିର୍ବାଚନ ପାଠଶାଳା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ / ଜିଲ୍ଲା ନିର୍ବାଚନ ଅଧିକାରୀମାନେ ଏ ଉପାୟଟିକୁ ଆବିଷ୍କାର କରିବା ଉଚିତ। ସର୍ବସାଧାରଣ ରେଡିଓ ବରଂ ନିର୍ବାଚନ ସାକ୍ଷରତା କ୍ଲବ୍‌ର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇପାରେ। ପାଠଶାଳାରେ ବକ୍ତବ୍ୟ ରଖିବା ପାଇଁ ଏବଂ ତାଙ୍କ କାର୍ଯ୍ୟକ୍ରମ ମାଧ୍ୟମରେ ମୁଖ୍ୟ ଶିକ୍ଷଣୀୟ ବିଷୟବସ୍ତୁଗୁଡ଼ିକୁ ସ୍ଥାନ ଦେବାକୁ ରେଡିଓ ପରିଚାଳକଙ୍କୁ ନିମନ୍ତ୍ରଣ କରାଯାଇପାରେ ।

ମତଦାତା – ଶିକ୍ଷାଦାନ ଉପରେ ପର୍ଯ୍ୟବେସିତ ସାପ୍ତାହିକ ବା ମାସିକ କାର୍ଯ୍ୟକ୍ରମ ପ୍ରଯୋଜନା ପାଇଁ ବିଭିନ୍ନ ନାଗରିକ ସମାଜ ସଂଗଠନ ଓ ଅନ୍ୟ ସଂସ୍ଥାମାନଙ୍କ ସହିତ ସହଯୋଗ ଲୋଡ଼ାଯାଇପାରେ। ଜିଲ୍ଲା ନିର୍ବାଚନ ଅଧିକାରୀ (ଡିଇଓ) ଏବଂ ମତଦାତା ପଞ୍ଜିକରଣ ଅଧିକାରୀ (ଇଆରଓ) ଏହା ନିଶ୍ଚିତ କରିବେ ଯେ, ସାକ୍ଷରତା ସଂକ୍ରାନ୍ତୀୟ ମୌଳିକ ବହିପତ୍ର ସବୁ ଏହି ନାଗରିକ ସମାଜ ସଂଗଠନ ଓ ଅନ୍ୟ ସଂସ୍ଥାମାନଙ୍କୁ ଯୋଗାଇ ଦିଆଯାଏ।

# ୨୦. ଆବାହକଙ୍କ ପାଇଁ କାର୍ଯ୍ୟକ୍ରମ ଓ ନିର୍ଦ୍ଦେଶାବଳୀ

### ସମୀକ୍ଷା (ସଂକ୍ଷିପ୍ତ ରୂପରେଖ)

ପ୍ରାଚୀର ପତ୍ରିକା ପଛର ଉଦ୍ଦେଶ୍ୟ ହେଲା, ସଦସ୍ୟମାନେ 'ପ୍ରାଚୀର' ପାଇଁ ବିଷୟବସ୍ତୁ ପ୍ରସ୍ତୁତ କଲାବେଳେ ଶିକ୍ଷାଲାଭ କରିବେ ଏବଂ ଅଣ-ସଦସ୍ୟମାନେ ସେହି ପ୍ରାଚୀର ବାଟ ଦେଇ ଯିବାବେଳେ ଏସବୁ ଦେଖିବେ ଓ ଶିଖିବେ। ନିର୍ବାଚନ ସାକ୍ଷରତା ସଂପର୍କିତ ବିଷୟବସ୍ତୁଗୁଡ଼ିକ ଚିତ୍ରିତ ହୋଇ ପ୍ରଦର୍ଶିତ ହେବା ପାଇଁ ଏହି 'ପ୍ରାଚୀର'କୁ ବ୍ୟବହାର କରାଯିବ ।

### ଆବଶ୍ୟକ ସାମଗ୍ରୀ :

(କ) ରଙ୍ଗୀନ ଚକ୍‌ଖଡ଼ି କିମ୍ବା ରଙ୍ଗ

(ଖ) କାଗଜ, କଲମ / ରଙ୍ଗ ପେନସିଲ୍ କିମ୍ବା ସଦସ୍ୟମାନେ ଉପଯୁକ୍ତ ଭାବୁଥିବା ଅନ୍ୟ କିଛି ସାମଗ୍ରୀ

### ପ୍ରଣାଳୀ :

(୧) ଆବାହକ, ପୂର୍ବରୁ ଗୋଟିଏ ଦୃଷ୍ଟି ଆକର୍ଷଣ କରୁଥିବା କୋଠାର ବାହାର ପଟ କାନ୍ଥକୁ ନିରୂପିତ କରିବେ (ନିର୍ବାଚନ ପାଠଶାଳା ସ୍ଥାନରେ ହୋଇଥିଲେ, ଭଲ)

(୨) ନିର୍ବାଚନ ପାଠଶାଳାର ଉଦ୍‌ଘାଟନ ଉତ୍ସବରେ ପ୍ରଥମ ପ୍ରାଚୀର ପତ୍ରିକାର ପ୍ରଦର୍ଶନ ପାଇଁ ଆବାହକ ଉତ୍ସାହୀ ସ୍ୱେଚ୍ଛାସେବକମାନଙ୍କୁ ଖୋଜିବେ, ଯେଉଁମାନେ ତାଙ୍କ ସହିତ କାମ କରିବେ। ବିଷୟବସ୍ତୁଗୁଡ଼ିକୁ ୪ଟି ବିଭିନ୍ନ ବିଭାଗରେ ପ୍ରଦର୍ଶିତ କରାଯିବ। ନିମ୍ନ ସାରଣୀରେ ଏହି ବିଭାଗଗୁଡ଼ିକର ବିସ୍ତୃତ ବର୍ଣ୍ଣନା ଦିଆଯାଇଛି ।

(୩) ଏହି ପ୍ରାଚୀର ପତ୍ରିକାର ଉଦ୍‌ଘାଟନୀ ପ୍ରସଙ୍ଗ ରହିବ। 'ଗଣତନ୍ତ୍ର-ଲୋକମାନଙ୍କର, ଲୋକମାନଙ୍କ ପାଇଁ ଲୋକମାନଙ୍କ ଦ୍ୱାରା' ଏହାର ଏକ ନମୂନା ପୃ.୪୨ ରେ ଦିଆଯାଇଛି ।

### କାର୍ଯ୍ୟକ୍ରମଗୁଡ଼ିକର ପ୍ରସ୍ତାବିତ ତାଲିକା

| ବିଷୟବସ୍ତୁ | |
|---|---|
| **ବିଭାଗ-୧ :** ପ୍ରାଚୀର ପତ୍ରିକାର ବିଷୟବସ୍ତୁ ପ୍ରସଙ୍ଗ ସଂପର୍କିତ ନିର୍ବାଚନ ପ୍ରକ୍ରିୟାର ମୌଳିକ ତଥ୍ୟ ସବୁ ଏହି ବିଭାଗରେ ସ୍ଥାନିତ ହେବ । | **ବିଭାଗ-୨ :** ଏଥିରେ ସୃଜନଶୀଳ ବିଷୟ ସବୁ ରହିବ, ଉଦାହରଣ ସ୍ୱରୂପ ପାଠଶାଳା ଦ୍ୱାରା ରଚିତ / ଅଙ୍କିତ, ବିଷୟ ସଂପର୍କିତ, ଗଳ୍ପ ଓ ଚିତ୍ରାଙ୍କନ ଆଦି । |
| **ବିଭାଗ-୩ :** ଏହି ବିଭାଗରେ ଦର୍ଶକମାନଙ୍କ ପ୍ରତିକ୍ରିୟା ଆମନ୍ତ୍ରଣ କରାହେବ। ବିଷୟବସ୍ତୁ ସଂପର୍କୀୟ ପ୍ରଶ୍ନ-ଯଥା 'ଆପଣ ଜଣେ ମତଦାତା କି ? ଯଦି ନୁହନ୍ତି ତେବେ ମତଦାତାଟିଏ ହେବାକୁ ଆପଣଙ୍କୁ କଣ କରିବାକୁ ପଡ଼ିବ', ଇତ୍ୟାଦି ଉପରେ ଦର୍ଶକମାନେ ପ୍ରତିକ୍ରିୟା ପ୍ରକାଶ କରିବେ। ଏହି ବିଭାଗରେ କିଛି ଶୂନ୍ୟସ୍ଥାନ (ଖାଲିଯାଗା) ମଧ୍ୟ ରଖାହେବ ଯେଉଁଠି ଦର୍ଶକମାନେ ସେମାନଙ୍କର ମତାମତ ବା ପ୍ରଶ୍ନ ଲେଖି ପାରିବେ। | **ବିଭାଗ-୪ :** ଏହି ବିଭାଗରେ ଆସନ୍ତା ନିର୍ବାଚନ ପାଠଶାଳାର ଦିନ ଓ ସମୟ ବାବଦରେ ଘୋଷଣା ଲେଖାହେବ। ପ୍ରତିଯୋଗୀତା ଓ ବିଜେତାଙ୍କ ନାମ ମଧ ଏହି ଠାରେ ଘୋଷିତ ହେବ। ମତଦାତା ମିତ୍ରମାନଙ୍କ ନାମ ଓ ନିର୍ବାଚନ ପାଠଶାଳାର ସଦସ୍ୟମାନଙ୍କ ନାମ ଏଠାରେ ପ୍ରଦର୍ଶିତ ହୋଇପାରିବ।<br>ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ଙ୍କ ନାମ ଏବଂ ଜିଲ୍ଲା ଯୋଗାଯୋଗ କେନ୍ଦ୍ରର ଟେଲିଫୋନ୍ ନମ୍ବର ଏଠାରେ ଆଖିଦୃଶିଆ (ସ୍ପଷ୍ଟ) ଭାବେ ପ୍ରଦର୍ଶିତ ହେବ। |

୪. ସଦସ୍ୟମାନେ ଏହି ପ୍ରାଚୀର (କାନ୍ଥ)କୁ ୪ ଭାଗରେ ବିଭକ୍ତ କରିବେ ଏବଂ ବିଷୟବସ୍ତୁ / ତଥ୍ୟଗୁଡ଼ିକୁ ରଙ୍ଗରେ ବା ରଙ୍ଗୀନ ଚକ୍‌ଖଡ଼ିରେ ଲେଖିବେ। ବଡ଼ ଫର୍ଦ୍ଦ କାଗଜରେ ମଧ ଏଗୁଡ଼ିକ ଲେଖାଯାଇ କାନ୍ଥରେ ଟଙ୍ଗାଇ ଦିଆଯାଇପାରିବ।

୫. ପ୍ରାଚୀର ପତ୍ରର ଏକ ନିର୍ଦ୍ଦିଷ୍ଟ ବିଭାଗରେ, ଉଦ୍‌ଘାଟନୀ ଉତ୍ସବରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାରେ ବିଜେତା ଲେଖା / ଚିତ୍ର ସବୁ ସ୍ଥାନିତ ହେବ।

୬. ପତ୍ରିକାର ଶେଷ ବିଭାଗରେ ପ୍ରଥମ ନିର୍ବାଚନ ପାଠଶାଳା ଅଧିବେଶନର ତାରିଖ ଏବଂ ସମୟ ଲେଖିବାକୁ ଆବାହକ ନିଶ୍ଚୟ ମନେରଖିବେ। ଏହାଦ୍ୱାରା ସେ ପ୍ରାଚୀର (କାନ୍ଥ) ବାଟ ଦେଇ ଯାଉଥିବା ସମସ୍ତ ଲୋକ ନିର୍ବାଚନ ପାଠଶାଳାର ପରବର୍ତ୍ତୀ ସଭା / ଅଧିବେଶନର ତାରିଖ ଜାଣି ପାରିବେ ।

୭. ନିର୍ବାଚନ ପାଠଶାଳାର ପ୍ରତ୍ୟେକ ଅଧିବେଶନ ପରେ ପ୍ରାଚୀର ପତ୍ରିକାର ବିଷୟବସ୍ତୁଗୁଡ଼ିକୁ ପରିବର୍ତ୍ତନ / ଅଦ୍ୟତନ (ଅପ୍‌ଡେଟ୍) କରାଯିବା କିମ୍ବା ଯଦି ସଦସ୍ୟମାନେ ଅଧିକ ସଂଖ୍ୟାରେ ଲେଖା ଦିଅନ୍ତି ତେବେ ଆହୁରି ଶୀଘ୍ର ମଧ୍ୟ ଏହି ପରିବର୍ତ୍ତନ କରାଯାଇପାରିବ। ସଦସ୍ୟମାନଙ୍କ ସହିତ ପରାମର୍ଶ କରି ଆବାହକ ପ୍ରତି ମାସେ / ଦୁଇମାସ ପାଇଁ ବିଷୟବସ୍ତୁଟିଏ ସ୍ଥିର କରିବେ ।

**ଟିପ୍ପଣୀ :** ସଦସ୍ୟମାନେ ଓ ଆବାହକ ପ୍ରତିଦିନ ଏହି ପ୍ରାଚୀରପତ୍ର ଉପରେ ନଜର ରଖୁଥିବେ। ଯଦି କୌଣସି ରାଜନୈତିକ ସଂଗଠନ ବା ଏହି ସଂଗଠନକୁ ସମର୍ଥନ କରୁଥିବା ଲୋକ ଏହି ପ୍ରାଚୀର ପତ୍ରକୁ ବିକୃତ (କଟାକଟି) କରନ୍ତି ତେବେ ପାଠଶାଳା ସଦସ୍ୟମାନେ ରାଜନୈତିକ ବିଷୟବସ୍ତୁକୁ ପତ୍ରିକାରୁ ବାହାର କରିଦେବେ।

### ପ୍ରାଚୀର ପତ୍ରିକା ପାଇଁ ବିଷୟବସ୍ତୁ :

ନିମ୍ନରେ ପ୍ରାଚୀର ପତ୍ରିକା ପାଇଁ ବିଷୟବସ୍ତୁ ଏବଂ କିଛି ପାର୍ଶ୍ୱ-ବିଷୟବସ୍ତୁର ତାଲିକା ପ୍ରଦତ୍ତ ହୋଇଛି।

୧. **ଗଣତନ୍ତ୍ର : ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା, ଲୋକମାନଙ୍କ ପାଇଁ**

୨. **ମୋ' ଭୋଟ ମୋ' ଅଧିକାର**
- ଗୋଟିଏ ଭୋଟର ମୂଲ୍ୟ

୩. **ସମସ୍ତଙ୍କୁ ନେଇ ନିର୍ବାଚନ : ପ୍ରତ୍ୟେକ ଭୋଟର ମୂଲ୍ୟ ସମାନ**

୪. **ପଞ୍ଜିକୃତ ହେବା**
- ୧୮ ବର୍ଷ – ଯୋଗ୍ୟତାର ବୟସ
- ମତଦାତା (ଭୋଟର) ତାଲିକା

୫. **ଭୋଟର କାର୍ଡ / ମୋ ଏପିକ୍ (ନିର୍ବାଚନ ଫଟୋ ପରିଚୟ ପତ୍ର)**

୬. **କେଉଁମାନେ ନିର୍ବାଚନରେ ପ୍ରତିଯୋଗୀତା କରିପାରିବେ**
- ଯୋଗ୍ୟତା
- ପ୍ରାର୍ଥୀ ହେବା ପାଇଁ ବିଭିନ୍ନ ସୋପାନ


୭. **ନିୟମାନୁସାରେ, ବୁଝିସୁଝି (ବିଜ୍ଞ) ମତଦାନ**
- ନିର୍ବାଚନ ପ୍ରଚାରରେ କ'ଣ କରିବା ଓ କଣ ନକରିବା କଥା
- ଆଦର୍ଶ ଆଚରଣ ବିଧି – ପ୍ରାର୍ଥୀମାନେ ଆଚରଣବିଧି ଉଲ୍ଲଂଘନ କଲେ କାହାକୁ ଜଣାଇବା କଥା

୮. **ଇଲେକ୍‌ଟ୍ରୋନିକ୍ ମତଦାନ ଯନ୍ତ୍ର (ଇଭିଏମ୍ ଓ ଭିଭି ପାଟ୍) ଭୋଟଦାନ ପରୀକ୍ଷା କରିବା ପାଇଁ କାଗଜ ଛାପା)**
- ମତଦାନର ଗୋପନୀୟତା
- ଇଭିଏମ୍ / ଭିଭିପ୍ୟାଟ୍ ବ୍ୟବହାର ହେତୁ ନିର୍ବାଚନ ପ୍ରକ୍ରିୟାର ସାଧୁତା

୯. **ନୋଟା (ଏମାନଙ୍କ ଭିତରୁ କେହି ନୁହେଁ)**
- 'ଏମାନଙ୍କ ଭିତରୁ କେହି ନୁହଁ' – ଏଇଟିକୁ କେତେବେଳେ ବ୍ୟବହାର କରାଯିବ।
- ଆପଣଙ୍କ ପ୍ରାର୍ଥୀଙ୍କ ବିଷୟରେ ଦରକାରୀ ତଥ୍ୟ ଜାଣିବା

୧୦. **ନିର୍ବାଚନ କମିଶନ ବନାମ ରାଜ୍ୟ ନିର୍ବାଚନ କମିଶନ / ଜାତୀୟ ମତଦାତା ଦିବସ**





## କାର୍ଯ୍ୟକ୍ରମ : କ୍ରମାଙ୍କ ପ୍ରସ୍ତୁତି (ପରେ ପରେ ପରବର୍ତ୍ତୀ କାର୍ଯ୍ୟକ୍ରମ – ମତଦାନ ପର୍ଯ୍ୟାୟ)

**ସମୀକ୍ଷା :**

ନିର୍ବାଚନ ପାଠଶାଳା ପ୍ରଥମ ଔପଚାରିକ କାମ ହେଲା ପାଠଶାଳାର ସଦସ୍ୟ ତାଲିକା ପ୍ରସ୍ତୁତ କରିବା ଏବଂ ଏହି ତାଲିକାକୁ କୌଣସି ନିର୍ବାଚନ ମଣ୍ଡଳୀର ଭୋଟର ତାଲିକା ରୂପେ ଗ୍ରହଣ କରିବା ।

**ଯୋଗଦାନକାରୀ :** ୧୪ ବର୍ଷ ଏବଂ ତା' ଠାରୁ ଅଧିକ ବୟସର ସମସ୍ତେ ।

**ଶିକ୍ଷା ଫଳାଫଳ :**

କାର୍ଯ୍ୟକ୍ରମ ଶେଷ ହେବା ପରେ ସମସ୍ତ ସଦସ୍ୟ, -

(କ) ଭୋଟର ତାଲିକା କଣ ସେ କଥା ଜାଣିବେ

(ଖ) ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ଙ୍କ ଭୂମିକା ବିଷୟରେ ଜାଣିବେ

(ଗ) ପଞ୍ଜିକରଣର ଗୁରୁତ୍ୱ ଉପଲବ୍ଧି କରିବେ।

**ସାଧନ :**


(କ) ନମୁନା (ପ୍ରତିରୂପ) ଭୋଟର ତାଲିକା

(ଖ) ଖେଳ – ମତଦାନର ପର୍ଯ୍ୟାୟ

**ଆବଶ୍ୟକ ଉପକରଣ :**

(କ) କଲମ / ପେନସିଲ୍

**ଅବଧି :** ୧୫ ମିନିଟ୍



**ପ୍ରଣାଳୀ :**

୧. ଉପସ୍ଥିତ ଥିବା ସମସ୍ତେ ନିର୍ବାଚନ ପାଠଶାଳା ଗୀତ ଗାନ କରି ଅଧିବେଶନ ଆରମ୍ଭ କରିବେ। ସବୁ ସଦସ୍ୟଙ୍କ ସୁବିଧା ପାଇଁ ଗୀତଟିକୁ କଳାପଟା (ବ୍ଲାକବୋର୍ଡ)ରେ ଲେଖିଦିଆଯିବ।

୨. ଆବାହକ ସଭ୍ୟମାନଙ୍କୁ ସ୍ୱାଗତ କରିବେ ଓ ନିଜର ପରିଚୟ ପ୍ରଦାନ କରିବେ। ସେ ସଂକ୍ଷେପରେ ନିର୍ବାଚନ ପାଠଶାଳାର ରୂପରେଖ ବିଷୟରେ କହିବେ ଏବଂ ସେହି ବର୍ଷ ପାଇଁ ଯୋଜନା କରାଯାଇଥିବା ସମସ୍ତ କାର୍ଯ୍ୟକ୍ରମ ବାବଦରେ ପ୍ରାରମ୍ଭିକ ସୂଚନା ଦେବେ ।

୩. ନିର୍ବାଚନ ସାକ୍ଷରତା କ୍ଲବ୍‌ରେ ଉପସ୍ଥିତ ସଭ୍ୟ ସଂଖ୍ୟା ଉପରେ ନିର୍ଭର କରି ସଭ୍ୟମାନଙ୍କୁ ୨-୪ ଦଳରେ ବିଭକ୍ତ କରିବେ। ପ୍ରତି ଦଳରେ ଜଣକୁ ବାଛିବେ ଯେ କି ସେ ଦଳର ଅନ୍ୟ ସମସ୍ତଙ୍କର ଦାୟିତ୍ୱ ନେବେ। ସେ ପ୍ରଥମେ ତାଙ୍କ ନିଜ ନାମ ମତଦାତା ତାଲିକାରେ ଲେଖିବେ ।

୪. ଏହି ତାଲିକାକୁ କାନ୍ଥ / କଳାପଟା (ବ୍ଲାକବୋର୍ଡ୍) କିମ୍ବା ଗୋଟିଏ ଉଠା ନୋଟିସ୍ ବୋର୍ଡରେ ଲଗାଇ ଦିଆଯିବ। ଏହାକୁ ନିର୍ବାଚନ ପାଠଶାଳାର ସଦସ୍ୟମାନଙ୍କ ପ୍ରଥମ ତାଲିକା ରୂପେ ଚିହ୍ନିତ କରାଯିବ। ଲୋକମାନଙ୍କୁ ବୁଝାଇ ଦେବାକୁ ପଡ଼ିବ ଯେ ନୂଆ ନୂଆ ସଭ୍ୟମାନେ ଯୋଗ ଦେଲେ ଏହି ତାଲିକାରେ ନାମ ଯୋଗ ହୋଇ ଚାଲିବ। ଯିଏ ଶ୍ରେଣୀଗୃହ ଅଧିବେଶନରେ ଯୋଗଦାନ କରିବେ ସେ ପାଠଶାଳାର ସଦସ୍ୟହୋଇଯିବେ ।

୫. ଥରେ ତାଲିକାଟି କାନ୍ଥରେ ମରା ହୋଇଗଲା ପରେ, ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲଓ) ସାମନାକୁ ଆସିବେ ଏବଂ ନିଜର ପରିଚୟ ପ୍ରଦାନ କରିବେ। ବିଏଲଓଙ୍କ ଦାୟିତ୍ୱ ବିଷୟରେ କହିବେ। ଏହି ଦାୟିତ୍ୱଗୁଡ଼ିକ ମଧ୍ୟରେ ତାଙ୍କ ଅଧୀନରେ ଥିବା ଅଞ୍ଚଳ ଭିତରେ, ଭୋଟର ତାଲିକାକୁ ଅଦ୍ୟତନ କରିବା, ତାଲିକାରେ ନୂଆ ନାମ ଯୋଗ କରିବା ଏବଂ ସେଥିରୁ ନାମ ବାଦ ଦେବା ଇତ୍ୟାଦି ବିଷୟ ନିହାତି ରହିବ ।

୬. ମତଦାତା ତାଲିକାର ଧାରଣା ସହ ସଦସ୍ୟମାନଙ୍କୁ ପରିଚିତ କରାଇବା ।

୭. କାର୍ଯ୍ୟକ୍ରମ ଆରମ୍ଭରେ, ପ୍ରତିଷ୍ଠା ହୋଇଥିବା ପ୍ରତ୍ୟେକ ଦଳରେ ଚିହ୍ନିତ ହୋଇଥିବା ସଭ୍ୟମାନଙ୍କର ଭୂମିକାକୁ ବିଏଲଓଙ୍କ ଭୂମିକା ସହ ସଂପର୍କିତ କରାଇବେ।

୮. ଏହି ସଭ୍ୟ ତାଲିକାକୁ ଆଗାମୀ କାର୍ଯ୍ୟକ୍ରମ – ନିର୍ବାଚନ ଅନୁକରଣରେ ଭୋଟର ତାଲିକା ଭାବେ ବ୍ୟବହାର କରାଯିବ। ଭୋଟ ଦେବା ପାଇଁ ଭୋଟର ତାଲିକାରେ ନାମ ରହିବା ଯେ କେତେ ଗୁରୁତ୍ୱପୂର୍ଣ୍ଣ ସେ କଥା ଉପରେ ଯୋର୍ ଦିଆଯିବ।

୯. ଅଧିବେଶନ ଶେଷରେ, କାନ୍ଥରେ ପାଠଶାଳା ସଦସ୍ୟମାନଙ୍କର ଯେଉଁ ତାଲିକା ମରା ହୋଇଥିବ । ଆବାହକ ତାକୁ ନେବେ ଏବଂ ନଥିଭୁକ୍ତ କରି ରଖିବେ ।


୧୦. ଏହା ପରେ ପରେ ମତଦାନ-ପର୍ଯ୍ୟାୟ ଖେଳ ଅନୁଷ୍ଠିତ ହେବ।

୧୧. ଆବାହକ ଖେଳ ସହିତ ଦିଆଯାଇଥିବା ନିର୍ଦ୍ଦେଶାବଳୀକୁ ସମସ୍ତଙ୍କୁ ବୁଝାଇଦେବେ ଏବଂ ଖେଳରେ ଯୋଗଦେବାକୁ ସମସ୍ତଙ୍କୁ ଉତ୍ସାହିତ କରିବେ ।

୧୨. ଗୋଟିଏ ୩-୨-୧ ସାରାଂଶ ଖୋଜିବା ଓ ମନେପକାଇବା ଏହି କାର୍ଯ୍ୟକ୍ରମରେ ଆବାହକ ପାଠଶାଳା ସଦସ୍ୟମାନଙ୍କ ଭିତରୁ ଯାହାକୁ ଇଚ୍ଛା ତାକୁ ଏହି ନିମ୍ନକଥାଗୁଡ଼ିକ ପଚାରିବେ :-

- କେଉଁ ତିନୋଟି କଥା ସେମାନେ ଆଜି ଶିଖିଲେ ?
- କେଉଁ ଦୁଇଟି କଥା ଆପଣ ସବୁଦିନେ ମନେରଖିବେ ?
- କେଉଁ ଗୋଟିଏ କଥା ଯାହା ଉପରେ ସେମାନେ ଅଧିକ ଜାଣିବାକୁ ଦରକାର କରିବେ (ଏହିଠାରେ ସେମାନେ କାର୍ଯ୍ୟକ୍ରମ ବିଷୟରେ ପ୍ରଶ୍ନ ପଚାରି ପାରିବେ)





## କାର୍ଯ୍ୟକ୍ରମ : ଆଦର୍ଶ ମତଦାନ – ନିର୍ବାଚନ ଅନୁକରଣ

### ସମୀକ୍ଷା :

ଭୋଟଦାନ ପ୍ରକ୍ରିୟାର ବିଭିନ୍ନ ସୋପାନ ସହିତ ଲୋକମାନଙ୍କୁ ପରିଚିତ କରାଇବା ଏବଂ ନିର୍ବାଚନରେ ଅଂଶଗ୍ରହଣ ଭାବନାକୁ ପ୍ରୋତ୍ସାହନ ଯୋଗାଇଦେବା, ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ।

**ଯୋଗଦାନକାରୀ :** ପାଠଶାଳାର ସମସ୍ତ ସଦସ୍ୟ

### ଶିକ୍ଷାର ଫଳାଫଳ :

କାର୍ଯ୍ୟକ୍ରମ ଶେଷ ହେଲା ପରେ ସଦସ୍ୟମାନେ ନିମ୍ନୋକ୍ତ ବିଷୟମାନ ନିଶ୍ଚିତ ଭାବେ ଜାଣିଯିବେ-

(କ) ଭୋଟଦାନ ପାଇଁ ସେମାନଙ୍କ ନାମ ମତଦାତା – ତାଲିକାରେ ରହିବା ନିଶ୍ଚିତ

(ଖ) ଭୋଟ କେନ୍ଦ୍ର ଭିତରର ଦୃଶ୍ୟପଟ ସହିତ ପରିଚିତ ହେବା ।

(ଗ) ମତଦାନର ଗୋପନୀୟତା ବୁଝିପାରିବେ ।

(ଘ) ମତଦାନ କିପରି ଗଣନା କରାଯାଏ ସେ ବିଷୟରେ ଜାଣିବା ।

### ସାଧନ :

(କ) ଶୁଭ ଚିହ୍ନ (ମାସ୍କଟ୍)ର ବାର୍ତ୍ତା (ସାଧନ ଭିତରେ ପ୍ରଦତ୍ତ)

(ଖ) ମତପତ୍ର (ସାଧନ ଭିତରେ ପ୍ରଦତ୍ତ)

(ଗ) ମତଦାତା ତାଲିକା (ସାଧନ ଭିତରେ ପ୍ରଦତ୍ତ)

### ଆବଶ୍ୟକ ସାମଗ୍ରୀ :

(କ) ପ୍ରାଚୀର ବିଜ୍ଞାପନ ଫଳକ (ପୋଷ୍ଟର) (ଇଚ୍ଛାଧୀନ)

(ଖ) ଭୋଟ ବାକ୍ସ

(ଗ) ଆବୃତ୍ତ କରିବା ପାଇଁ ପରଦା

(ଘ) ପ୍ରମାଣପତ୍ର

**ଅବଧି :** ୪୫ ମିନିଟ୍

### ପ୍ରସ୍ତୁତି :


୧. ନିର୍ବାଚନ ସାକ୍ଷରତା କ୍ଲବ୍ ଭୋଟ-ବାକ୍ସ ରୂପେ ବ୍ୟବହାର ହେବାକୁ ଗୋଟିଏ ବାକ୍ସର ବନ୍ଦୋବସ୍ତ କରିବେ। ଗୋଟିଏ ଜୋତା ଡବାର ଗୋଟିଏ ପଟେ ଓସାରିଆ କାଟି ଦେଇ ତାକୁ ଭୋଟ ବାକ୍ସ ରୂପେ ବ୍ୟବହାର କରାଯାଇପାରେ।

୨. ଚିତ୍ରରେ ଦେଖାଯାଇଥିବା ଭଳି ସେହି କୋଠରୀରେ ମତଦାନ କେନ୍ଦ୍ର ତିଆରି କରିବେ।

୩. ମତଦାନ ପ୍ରକୋଷ୍ଠ ଏମିତି ତିଆରି ହେବା ଉଚିତ ଯେ କେହି ଜଣେ ଭୋଟ ଦେଲାବେଳେ, ସେ କାହାକୁ ଭୋଟ ଦେଉଛନ୍ତି କେହି ଦେଖି ପାରିବେ ନାହିଁ, ଗୋଟିଏ ମୋଟା ପଟିକୁ ତିନି ଭାଙ୍ଗ କରି ଭୋଟ ବାକ୍ସ ତିନି କଡ଼ରେ ରଖାଯାଇପାରେ।

୪. ପାଠଶାଳାର ସଦସ୍ୟମାନଙ୍କୁ ଜଣାଇ ଦିଆଯିବ ଯେ ଯଦିଓ ଏଠି ସେମାନେ ମତପତ୍ରରେ ମତଦାନ କରୁଛନ୍ତି ପ୍ରକୃତ ନିର୍ବାଚନରେ ମତଦାନ ଇଲେକ୍‌ଟ୍ରୋନିକ୍ ମତଦାନ ଯନ୍ତ୍ର ସାହାଯ୍ୟରେ କରାଯିବ ଯାହାଦ୍ୱାରା କି ସେମାନଙ୍କର ମତଦାନ ନିରାପଦ ଓ ସ୍ଥିର ରହିବ।

୫. ପ୍ରଥମ ଅଧିବେଶନରେ ତିଆରି ହୋଇଥିବା ଭୋଟର ତାଲିକାକୁ ଉଠା ନୋଟିସ୍ ବୋଡ଼ର୍ରେ ଲଗାଇ ଦିଆଯିବ କିମ୍ବା କାନ୍ଥରେ ଅଠା ସାହାଯ୍ୟରେ ଲଗେଇ ଦିଆଯିବ ।





**ଟିପ୍ପଣୀ :** ସମସ୍ତ ଯୋଗଦାନକାରୀମାନଙ୍କୁ ବାକ୍ସଟି ଖାଲି ଅଛି ବୋଲି ନଦେଖାଇଲା ପର୍ଯ୍ୟନ୍ତ ବାକ୍ସଟିକୁ ଜଉମୁଦ କରିବେ ନାହିଁ। ମତଦାନ ପରଦା ଭିତରପଟକୁ ପେନସିଲ୍‌ଟିଏ ରଖିଦେବେ।

**ପ୍ରଣାଳୀ :**

୬. ଉପସ୍ଥିତ ଥିବା ସମସ୍ତେ ନିର୍ବାଚନ ପାଠଶାଳା ଗୀତ ଗାଇ ଅଧିବେଶନ ଆରମ୍ଭ କରିବେ। ସବୁ ସଦସ୍ୟଙ୍କ ସୁବିଧା ପାଇଁ ଗୀତଟିକୁ କଳାପଟା (ବ୍ଲାକ୍ ବୋର୍ଡ)ରେ ଲେଖିଦିଆଯିବ ।

୭. 'ସାଧନ' ଭିତରେ ମତପତ୍ର ଦିଆଯାଇଛି, ସେମାନଙ୍କୁ କୁହନ୍ତୁ ଯେ ନୋଟାର ଅର୍ଥ, 'ଉପରୋକ୍ତମାନଙ୍କ ଭିତରୁ କେହି ନୁହନ୍ତି' ଏଥିରେ ମଧ୍ୟ ଭୋଟଦାନ କରାଯାଇପାରିବ ।

**ଟୀକା :** ଏହି ପର୍ଯ୍ୟାୟରେ ସମସ୍ତଙ୍କୁ କହିଦେବାକୁ ହେବ ଯେ ପ୍ରକୃତ ମତପତ୍ରରେ ପ୍ରାର୍ଥୀମାନଙ୍କ ନାମ ସେମାନଙ୍କ ନାମର ମୂଳ ଅକ୍ଷର କ୍ରମରେ ସଜାହୋଇ ରହିଥାଏ। ସଦସ୍ୟମାନଙ୍କୁ କହିରଖନ୍ତୁ ଯେ ପ୍ରାର୍ଥୀମାନଙ୍କ ମଧ୍ୟରେ ସମାନତା ରକ୍ଷା କରିବାକୁ ଏବଂ କେହି ପ୍ରାର୍ଥୀ ଅନ୍ୟ ପ୍ରାର୍ଥୀମାନଙ୍କ ତୁଳନାରେ ଅଧିକ ଗୁରୁତ୍ୱପୂର୍ଣ୍ଣ ନୁହନ୍ତି-ଏହା ଜଣାଇବାକୁ ହିଁ ନାମଗୁଡ଼ିକ ଏପରି ସଜାଯାଇଥାଏ ।

୮. ମତପତ୍ର (ଭୋଟ ଦେବା କାଗଜ)କୁ କିପରି ଭାଙ୍ଗ କରିବାକୁ ହୁଏ ସଦସ୍ୟମାନଙ୍କୁ ତାହା ଦେଖାଇ ଦିଅନ୍ତୁ। ଠିକ୍ ଭାବେ ଭାଙ୍ଗ ନକଲେ, ଦୈବାତ ଜଣେ ପ୍ରାର୍ଥୀଙ୍କ ନାଁ ଉପରେ ଲାଗିଥିବା ଚିହ୍ନ ଅନ୍ୟ ଜଣକ ନାଁ ଉପରେ ଚାପି ହୋଇଯିବାର ଆଶଙ୍କା ଥାଏ ।

**ପ୍ରଚାର :**

୯. ସଦସ୍ୟମାନଙ୍କୁ କହିଦିଅନ୍ତୁ ଯେ ତାଙ୍କ ନିର୍ବାଚନ ପାଠଶାଳା ପାଇଁ ଏକ ଚିହ୍ନ / ଶୁଭଛବି (ମାସ୍‌କଟ) ମତଦାନ ପ୍ରକ୍ରିୟା ମାଧ୍ୟମରେ, ସେମାନଙ୍କୁ ବାଛିବାକୁ ପଡ଼ିବ ।

୧୦. ସାଧନରେ ଯେଉଁମାନଙ୍କ ବକ୍ତୃତା ସବୁ ସ୍ଥାନିତ କରାଯାଇଛି, ସେହିମାନଙ୍କ ଭିତରୁ ଜଣକୁ ଶୁଭଛବି (ମାସକଟ୍) ବାଛିବାକୁ ହେବ।

୧୧. ସଭ୍ୟମାନେ ୨/୪ଟି ଶୁଭ ଛବି ବାଛନ୍ତୁ। ତିନିରୁ ପାଞ୍ଚଜଣ ସଦସ୍ୟଙ୍କୁ ଡାକି ତାଙ୍କୁ ଚିହ୍ନ / ଶୁଭଛବି ସପକ୍ଷରେ ପ୍ରଚାର କରିବାକୁ କୁହନ୍ତୁ । ନିଶ୍ଚିତ କରନ୍ତୁ ଯେ ପ୍ରଚାରକାରୀଙ୍କ ମଧ୍ୟରେ ଜଣେ ବାଳିକା / ମହିଳା ହୋଇଥିବେ। ଯଦି କେହ ଭିନ୍ନକ୍ଷମ ବ୍ୟକ୍ତି ଥାଆନ୍ତି ତେବେ ତାଙ୍କୁ ଆଗେଇ ଆସିବାକୁ କୁହନ୍ତୁ ।

୧୨. ପ୍ରଚାର ନିମନ୍ତେ ନିମ୍ନଲିଖିତ ନିୟମଗୁଡ଼ିକ ସହିତ ସ୍ୱେଚ୍ଛାସେବକମାନଙ୍କର ପରିଚିତ ରହିବ – ଏହା ନିଶ୍ଚିତ କରନ୍ତୁ।

- ନିବେଦନ ଛଳରେ କୌଣସି ପ୍ରକାର ବାଧ୍ୟ ବାଧକତା ବା ଭୟ ପ୍ରଦର୍ଶନକୁ ପ୍ରଶ୍ରୟ ଦିଆଯିବ ନାହିଁ।
- ସାମୁହିକ ସମ୍ପତ୍ତିର ବିକୃତୀକରଣ ପାଇଁ ଅନୁମତି ଦିଆଯିବ ନାହିଁ।
- ଗଣ୍ଡଗୋଳ ବା ବିରକ୍ତିକର କାର୍ଯ୍ୟ (ଉଦାହରଣସ୍ୱରୂପ – ଉଚ୍ଚ ସ୍ୱରରେ ଘୋଷଣା, ଦୁର୍ବ୍ୟବହାର, ପରିପାର୍ଶ୍ୱକୁ ଦୁଷିତ କରିବା) ପାଇଁ ଅନୁମତି ନାହିଁ ।
- କୌଣସି ପ୍ରକାର ଲାଞ୍ଚ କାରବାର କରାଯାଇ ପାରିବ ନାହିଁ ।
- କୌଣସି ଭେଦଭାବ ଭିତ୍ତିରେ ସମର୍ଥନ ଯୋଗାଡ଼ କରିବା ପାଇଁ ଅନୁମତି ଦିଅନ୍ତି ନାହିଁ ।
- ମତଦାତାମାନଙ୍କୁ ବିଭ୍ରାନ୍ତିକର ତଥ୍ୟ ଦେବା କିମ୍ବା ଭୁଲ ବାଟରେ ପରିଚାଳିତ କରାଇବା ପାଇଁ ଅନୁମତି ଦିଅନ୍ତି ନାହିଁ ।
- ଖୋଲାଖୋଲି ଭାବେ ବିରୋଧି ପ୍ରାର୍ଥୀଙ୍କ ଛବିକୁ ସର୍ବସାଧାରଣରେ ନିନ୍ଦା କରିବା ବା ଅପଯଶ ଦେବା ପାଇଁ ଅନୁମତି ଦିଅନ୍ତି ନାହିଁ ।

୧୩. ପ୍ରାର୍ଥୀ ଯଦି ଅସାଧୁ ଉପାୟ ଅବଲମ୍ବନ କରୁଥିବେ ବୋଲି ଜଣାପଡ଼ିବ, ତେବେ ପ୍ରାର୍ଥୀଙ୍କ ଶୁଭଛବି ଅଯୋଗ୍ୟ ଘୋଷିତ ହେବ ।

୧୪. ସ୍ୱେଚ୍ଛାସେବକମାନଙ୍କୁ ଜଣକ ପରେ ଜଣେ, ଆମନ୍ତ୍ରଣ କରନ୍ତୁ ଏବଂ ଶୁଭଛବି (ମାସକଟ୍) ସପକ୍ଷରେ କ୍ଷୁଦ୍ର ବକ୍ତୃତା ଦେଇ ଏହି ଶୁଭଛବିକୁ ଭୋଟ ଦେବାକୁ କହନ୍ତୁ। ଏହି ସଦସ୍ୟମାନଙ୍କର ବି ଏ ନିର୍ବାଚନରେ ଭୋଟ ଦେବାର ଅଧିକାର ରହିଛି।

୧୫. ସ୍ୱେଚ୍ଛାସେବକମାନେ ତାଙ୍କ ଭାଷଣ ଶେଷ କରିବା ପରେ ଆବାହକ କିଛି ସମୟ ନେଇ 'ପ୍ରାର୍ଥୀଙ୍କୁ ଜାଣିବା'ର ଗୁରୁତ୍ୱ ଉପରେ ସଦସ୍ୟମାନଙ୍କ ସହିତ କଥାବାର୍ତ୍ତା ହେବେ। ଆବାହକ ଏହି କଥାବାର୍ତ୍ତାକୁ, ନିମ୍ନଲିଖିତ ବିଷୟ ଭିତ୍ତିରେ, ମୋଡ଼ ଦେଇ ପାରିବେ।

- ଆପଣ ସ୍ଥାନୀୟ ପ୍ରାର୍ଥୀମାନଙ୍କୁ ଜାଣନ୍ତି କି ? (ଆଶା କରାଯାଏ ଗୋଷ୍ଠୀର ସଦସ୍ୟମାନେ ଗତ ନିର୍ବାଚନରୁ ତାଙ୍କ ସରପଞ୍ଚ ଏବଂ ଅନ୍ୟ ପ୍ରାର୍ଥୀମାନଙ୍କୁ ଜାଣିଥିବେ)
- ପ୍ରାର୍ଥୀମାନଙ୍କ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଜାଣି ଲାଭ କ'ଣ ?
- ରାଜ୍ୟ ଏବଂ ଦେଶ ସ୍ତରରେ ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନଙ୍କୁ ଆପଣ ଜାଣନ୍ତି କି ?

ସର୍ବଶେଷରେ ଆବାହକ ସଦସ୍ୟମାନଙ୍କୁ କହିବେ ଯେ ପ୍ରାର୍ଥୀମାନଙ୍କ ବିଷୟରେ ଜାଣିଲେ ଆପଣଙ୍କ ସିଦ୍ଧାନ୍ତ ବିଜ୍ଞଜନୋଚିତ ହେବ ଏବଂ ଦକ୍ଷ ନେତା ବାଛିବାରେ ସାହାଯ୍ୟ କରିବ। ତେଣୁ ସେମାନେ ତାଙ୍କ ନିଜ ପ୍ରାର୍ଥୀ ବିଷୟରେ ରିଟର୍ଣ୍ଣି ଅଧିକାରୀଙ୍କ ଠାରୁ କିମ୍ବା ୱେବସାଇଟ୍‌ରୁ ଜାଣିବେ, କାରଣ ନିଜ ବିଷୟରେ ସେମାନେ ଦେଉଥିବା ସତ୍ୟପାଠ ସେଠାରୁ ମିଳିପାରିବ। ଆବାହକ ମଧ୍ୟ ଏ ତଥ୍ୟ ଯୋଗାଇ ଦେଇପାରିବେ।

## ଯୋଜନା :

୧୬. ଆବାହକ, ପ୍ରିଜାଇଡିଂ ଅଧିକାରୀ ଓ ପୋଲିଂ ଅଧିକାରୀଙ୍କୁ ସଦସ୍ୟମାନଙ୍କୁ ଚିହ୍ନେଇ ଦେବେ ଏବଂ ତାଙ୍କ ଭୂମିକା ବିଷୟରେ ଅବଗତ କରାଇବେ।

୧୭. ଆବାହକ, ପ୍ରିଜାଇଡିଂ ଅଧିକାରୀ ଭାବେ କାର୍ଯ୍ୟ କରିବେ ଏବଂ ସମଗ୍ର ପ୍ରକ୍ରିୟା ଉପରେ ଦୃଷ୍ଟି ରଖିବେ ।

୧୮. ପ୍ରଥମ ପୁଲିଂ ଅଧିକାରୀଙ୍କ ନିକଟରେ ମତଦାତାଙ୍କ ତାଲିକା ରହିବ। ଯିଏ ଭୋଟ ଦେବାକୁ ଆସିବେ ତାଙ୍କ ନାଁ ତାଲିକାରୁ ଖୋଜି ବାହାର କରିବେ ଏବଂ ସେହି ନାଁ କଡ଼ରେ ଚିହ୍ନ ଦେବେ।

୧୯. ଦ୍ୱିତୀୟ ପୋଲିଂ ଅଧିକାରୀ ମତଦାତାଙ୍କୁ ମତପତ୍ର ଦେବେ।

୨୦. ତୃତୀୟ ପୋଲିଂ ଅଧିକାରୀ ମତଦାତାଙ୍କ ବାମହାତ ବିଶି ଆଙ୍ଗୁଠିରେ ଚିହ୍ନ ଦେବେ।

୨୧. ଆବାହକ, ସ୍ୱେଚ୍ଛାସେବକମାନଙ୍କୁ ପୋଲିଂ ଅଧିକାରୀ ଭାବେ କାର୍ଯ୍ୟ କରିବାକୁ ଅନୁରୋଧ କରିବେ । ଯେଉଁଠି ସଂଖ୍ୟା କମ୍ ଥିବ ଜଣେ ବ୍ୟକ୍ତି ଦ୍ୱିତୀୟ ଓ ତୃତୀୟ ପୋଲିଂ ଅଧିକାରୀ ରୂପେ କାର୍ଯ୍ୟ ତୁଲାଇ ପାରିବେ।

୨୨. ଛାୟା ନିର୍ବାଚନ (ନିର୍ବାଚନ ଅନୁକରଣ) କାର୍ଯ୍ୟକ୍ରମରେ, ଯେଉଁଠି ଅଧିକ ସଂଖ୍ୟକ ସଭ୍ୟଥିବେ, ଆବାହକ କିଛି ସଦସ୍ୟମାନଙ୍କୁ ନିରାପତ୍ତା କର୍ମୀ ଭାବେ କାମ କରିବାକୁ କହିପାରିବେ। ଏହି ନିରାପତ୍ତାରକ୍ଷୀମାନେ ମତଦାତାମାନଙ୍କର ଧାଡ଼ିକୁ ସଠିକ୍ ଭାବେ ନିୟନ୍ତ୍ରଣ କରିବେ।

୨୩. ସଦସ୍ୟମାନଙ୍କୁ କୁହାଯିବ ଯେ ଭୋଟ ବାକ୍ସରେ ପକାଇବା ପୂର୍ବରୁ ନିଜ ଇଚ୍ଛାନୁସାରେ କୌଣସି ନାଁରେ ଚିହ୍ନ ଦିଅନ୍ତୁ ନହେଲେ ସେମାନଙ୍କ ଭୋଟ ଗଣତିକୁ ନିଆଯିବ ନାହିଁ।

୨୪. ସଦସ୍ୟମାନଙ୍କୁ ନିର୍ଦ୍ଦେଶ ରହିବ ଯେ ମତପତ୍ର ଉପରେ କୌଣସି ନାମ କିମ୍ବା ସଂଖ୍ୟା କିଛି ବି ଲେଖିବେ ନାହିଁ, ଏଠି ସେଠି କିଛି ବି ଦାଗ ଦେବେ ନାହିଁ। ଏପରି କଲେ ମତପତ୍ର ନାକଚ ହୋଇଯିବ। ସେମାନେ ଯାହାକୁ ଭୋଟ ଦେବାକୁ ଚାହୁଁଥିବେ ସେହି ନାମ କଡ଼ରେ ଠିକ୍ ଚିହ୍ନ (✓) ଟିଏ ମାରିବେ।

୨୫. ଯଦି ଦୈବାତ୍ ମତପତ୍ରରେ ଭୁଲଭାବେ ଚିହ୍ନ ଦିଆହୋଇଗଲା ତେବେ ସେ ପ୍ରିଜାଇଡିଂ ଅଧିକାରୀଙ୍କୁ ନୂଆ ମତପତ୍ର ପାଇଁ କହିପାରିବେ।

୨୬. ମତଦାନର ଗୋପନୀୟତା ଉପରେ ଗୁରୁତ୍ୱ ଦେବା ଜରୁରୀ

## ମତଦାନ


୨୭. ସମସ୍ତଙ୍କୁ ଦେଖାଇ ଦେବାକୁ ହେବ ଭୋଟ ବାକ୍ସଟି ଖାଲି ଅଛି।



୨୮. ଯୋଗଦାନକାରୀଙ୍କୁ 'ମହିଳା' ଓ 'ପୁରୁଷ'ମାନଙ୍କ ପାଇଁ ପୃଥକ ପୃଥକ ଧାଡ଼ି କରିବାକୁ କହିବେ। ଭିନ୍ନକ୍ଷମ ବ୍ୟକ୍ତି ଏବଂ ବରିଷ୍ଠ ନାଗରିକମାନଙ୍କୁ ଧାଡ଼ି ଭିତରେ ଅଗ୍ରାଧିକାର ଦିଆଯିବ।

୨୯. ଯୋଗଦାନକାରୀମାନଙ୍କୁ କୁହନ୍ତୁ ଯେ, ଜଣକ ପରେ ଜଣେ ଆସିବେ, ପ୍ରଥମ ପୋଲିଂ ଅଧିକାରୀଙ୍କ ନିକଟରେ, ନିଜ ନାମ ମତଦାତା ତାଲିକାରେ ଚିହ୍ନଟ କରିବେ, ଦ୍ୱିତୀୟ ପୋଲିଂ ଅଧିକାରୀଙ୍କ ନିକଟରୁ ମତପତ୍ର ସଂଗ୍ରହ କରିବେ ଏବଂ ଭୋଟ ଦେବାକୁ ପରଦା ଭିତରକୁ ପ୍ରବେଶ କରିବା ପୂର୍ବରୁ ତୃତୀୟ ପୋଲିଂ ଅଧିକାରୀଙ୍କ ପାଖରେ ଆଙ୍ଗୁଠିରେ କାଳି ଲଗେଇବେ।





୩୦. ଭୋଟ ଦେଇସାରିଲେ ମତପତ୍ରକୁ ଦୁଇଭାଙ୍ଗ କରି ମତଦାତାମାନେ ଭୋଟ ବାକ୍ସରେ ପକାଇବେ।

୩୧. ସମସ୍ତେ ଭୋଟ ଦେଇ ସାରିବା ପରେ, ମତଦାନର ଗୋପନୀୟତା ବିଷୟରେ ସଦସ୍ୟମାନଙ୍କ ସହିତ କଥାବାର୍ତ୍ତା ହୁଅନ୍ତୁ । ଏହିଠାରେ କହିଦେବାକୁ ହେବ, ଇଲେକ୍‌ଟ୍ରୋନିକ୍ ମତଦାନ ଯନ୍ତ୍ର (ଇଭିଏମ୍), କିପରି ବିଧାନସଭା ଓ ଲୋକସଭା ନିର୍ବାଚନରେ ମତପତ୍ର ଯାଗାରେ କାମ କରୁଛି ଏବଂ ଗୁପ୍ତରେ ଭୋଟଦାନ ପାଇଁ ଏହା କିପରି ଏକ ଦକ୍ଷ ଓ ନିରାପଦ ଉପାୟ।

## ଭୋଟ ଗଣନା :

୩୨. ଜଣେ ଲୋକଙ୍କୁ ଡାକି ଭୋଟ ବାକ୍ସ ଖୋଲିବାକୁ କୁହନ୍ତୁ ଏବଂ ବାକ୍ସ ଭିତରର ସମସ୍ତ ଜିନିଷକୁ ଉପରେ ଅଜାଡ଼ି ଦେବାକୁ କୁହନ୍ତୁ ।

୩୩. ପ୍ରିଜାଇଡିଂ ଅଧିକାରୀ ଅର୍ଥାତ ଆବାହକଙ୍କ ତତ୍ତ୍ୱାବଧାନରେ, ଯେଉଁମାନେ ପୋଲିଂ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ ସେହିମାନେ ଭୋଟ ଗଣନା ପରିଚାଳନା କରିବେ।

୩୪. ଗୋଟିଏ ପରେ ଗୋଟିଏ ମତପତ୍ର (ଭୋଟ) ଖୋଲି ଚାଲିଲେ, ବିଭିନ୍ନ ପ୍ରାର୍ଥୀଙ୍କ ପାଇଁ ଅଲଗା ଅଲଗା ଥାକ ତିଆରି ହେବ।



୩୫. କଳାପଟା (ବ୍ଲାକ ବୋର୍ଡ)କୁ ପାଞ୍ଚଟି (୫) ସ୍ତମ୍ଭରେ ବିଭକ୍ତ କରିବେ; ପ୍ରତି ସ୍ତମ୍ଭ ଗୋଟିଏ ଶୁଭଚିତ୍ରକୁ ପ୍ରତିନିଧିତ୍ୱ କରିବ। ୫ ଜଣ ସଦସ୍ୟ କଳାପଟା ପାଖରେ ଠିଆହୋଇ ଗଣତିର ହିସାବ ରଖୁଥିବେ। କଳାପଟା (ବ୍ଲାକ ବୋର୍ଡ) ନଥିଲେ ଗୋଟିଏ ବଡ଼ ଫର୍ଦ୍ଦ କାଗଜ, ଗୋଟିଏ ପଟି କିମ୍ବା ଏକ ବଡ଼ ସମତଳ ବସ୍ତୁକୁ ଏଥିପାଇଁ ବ୍ୟବହାର କରାଯାଇପାରିବ। ଉଦ୍ଦେଶ୍ୟ ଏହି ଯେ ପ୍ରତ୍ୟେକ ସଦସ୍ୟ ଭୋଟ ଗଣତି ଦେଖିବାକୁ ସକ୍ଷମ ହେବେ।

୩୬. ମତପତ୍ରଟିକୁ ଖୋଲନ୍ତୁ, ସମସ୍ତ ଯୋଗଦାନକାରୀମାନଙ୍କୁ ଦେଖାନ୍ତୁ, ଯାହା ନାଁରେ ଭୋଟ ଦିଆଯାଇଛି ତାଙ୍କ ନାମ ଡାକନ୍ତୁ ।

୩୭. ନାକଚ ହୋଇଥିବା ମତପତ୍ର ପାଇଁ ଗୋଟିଏ ଅଲଗା ଥାକ କରନ୍ତୁ। ଏଗୁଡ଼ିକୁ ଗଣନ୍ତୁ ନାହିଁ। ବୁଝାଇ ଦିଅନ୍ତୁ କାହିଁକି ମତପତ୍ରଟି ନାକଚ ହୋଇଛି ।

୩୮. ଶେଷରେ ଯେଉଁ ଶୁଭଚିତ୍ର (ମାସକଟ୍)ଟି ସର୍ବାଧିକ ଭୋଟ ପାଇଛି ତାହାକୁ ବିଜୟୀ ମାସକଟ୍ ଘୋଷଣା କରନ୍ତୁ ।

୩୯. ଏହି ଶୁଭଚିତ୍ର (ମାସ୍‌କଟ୍) ସେହି ବର୍ଷ ପାଇଁ ନିର୍ବାଚନ ପାଠଶାଳାର ପ୍ରତୀକ ଭାବେ ବ୍ୟବହାର କରନ୍ତୁ ।

୪୦. ୩-୨-୧ ସାରାଂଶ ପରିଚାଳନା ଓ ସ୍ମୃତି ପରୀକ୍ଷା (କଣ ମନେ ରହିଲା)

- ଏଥିରେ ଆବାହକ, ପାଠଶାଳା ସଦସ୍ୟମାନଙ୍କ ଭିତରୁ ମନଇଚ୍ଛା ଯାହାକୁ ତାକୁ ପଚାରିବେ।
- କେଉଁ ତିନୋଟି କଥା ସେମାନେ ଆଜି ଶିଖିଲେ।
- କେଉଁ ଦୁଇଟି କଥା ସେମାନଙ୍କର ମନେ ରହିବ।
- କେଉଁ ଗୋଟିଏ କଥା ଉପରେ ସେମାନେ ଆହୁରି ଅଧିକ ଜାଣିବାକୁ ଚାହିଁବେ (ଏଇଠି ସେମାନେ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ପ୍ରଶ୍ନ ପଚାରି ପାରିବେ)

### କାର୍ଯ୍ୟକ୍ରମ : କାର୍ଡ ଖେଳ - ଜଣେ ଲୋକ ପ୍ରତିନିଧି ହୁଅନ୍ତୁ (ପରେ ପରେ ପରବର୍ତ୍ତୀ କାର୍ଯ୍ୟକ୍ରମ – ଗ୍ରାମ ସଭାର ଯାତ୍ରା)

**ସମୀକ୍ଷା :**

ଜଣେ ରାଜନୈତିକ ଦଳର ପ୍ରାର୍ଥୀଙ୍କ ଦୃଷ୍ଟିକୋଣରୁ ଏହି କାର୍ଡ ଖେଳ, ଖେଳାଳୀମାନଙ୍କୁ ପ୍ରାର୍ଥୀମାନଙ୍କର ମନୋନୟନ ଓ ନିର୍ବାଚନ ପ୍ରକ୍ରିୟା ଭିତରକୁ ନେଇଯାଏ। ଏକାଥରେ ୨ରୁ ୬ ଜଣଙ୍କ ଭିତରେ ଏ ଖେଳ ଖେଳା ଯାଇପାରିବ।

**ଶିକ୍ଷାଲାଭ :**

ଏହି ଖେଳ ସରିବା ପରେ ସଦସ୍ୟମାନେ ନିଶ୍ଚିତ ଭାବେ ନିମ୍ନୋକ୍ତ ବିଷୟରେ ଜାଣିପାରିବେ ।

(କ) ଜଣେ ପ୍ରାର୍ଥୀ ହେବାର ଯୋଗ୍ୟତାର ପରିମାପକ ବିଷୟରେ ଜାଣିବେ।

(ଖ) ପ୍ରାର୍ଥୀ ମନୋନୟନ ପ୍ରକ୍ରିୟା ସହିତ ପରିଚିତ ହେବେ।

(ଗ) ଆଦର୍ଶ ଆଚରଣବିଧି ସମ୍ବନ୍ଧରେ ଜାଣିବେ।

(ଘ) ଅଯୋଗ୍ୟ ଘୋଷିତ ହେବା ବିଷୟରେ ଜାଣବେ

**ସାଧନ :**

(କ) କାର୍ଡ ଖେଳ

**ଅବଧି :** ଗୋଟିଏ ଅଧିବେଶନ (୩୦ ମିନିଟ୍)

**ପ୍ରଣାଳୀ :**


୧. ଏହି ଖେଳ, ବିନା କିଛି ସହାୟତା ବା ଉପଦେଶରେ ସଦସ୍ୟମାନେ ଖେଳି ପାରିବେ।

୨. ଖେଳ ସହିତ ନିୟମାବଳୀ ମଧ୍ୟ ରହିଛି ଏବଂ ସଦସ୍ୟମାନେ ଯେକୌଣସି ସମୟରେ ଏ ଖେଳ ଖେଳି ପାରିବେ।

୩. ଖେଳ ଶେଷ ହେବା ପରେ ସଂଯୋଜକ ପ୍ରାର୍ଥୀ ମନୋନୟନ ଓ ନିର୍ବାଚନ ପ୍ରକ୍ରିୟା ଉପରେ ଏକ ଅନୌପଚାରିକ ଆଲୋଚନା କରାଇପାରିବେ।







## କାର୍ଯ୍ୟକ୍ରମ : ଗ୍ରାମ ସଭାର ଯାତ୍ରା

### ସମୀକ୍ଷା :

ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଲା ସଦସ୍ୟମାନଙ୍କୁ ନିର୍ବାଚନ ଫଳାଫଳ ଦେଖାଇବା ଏବଂ ସ୍ଥାନୀୟ ସ୍ୱାୟତ୍ତ ଶାସନ ମାଧ୍ୟମରେ ପ୍ରତିନିଧି ଗଣତନ୍ତ୍ର ବିଷୟରେ ଜଣାଇବା।

ଏହି କାର୍ଯ୍ୟକ୍ରମ ପୂର୍ବରୁ 'କେମିତି ଜଣେ ଲୋକ ପ୍ରତିନିଧି ହେବାକୁ ହୁଏ' – ଏହା ଉପରେ କାର୍ଡ଼ ଖେଳ କାର୍ଯ୍ୟକ୍ରମ ହେବା ଆବଶ୍ୟକ।

**ଯୋଗଦାନକାରୀ :** ନିର୍ବାଚନ ପାଠଶାଳାର ସମସ୍ତ ସଦସ୍ୟ

### ଶିକ୍ଷାଲାଭ :

ଏହି କାର୍ଯ୍ୟକ୍ରମ ଶେଷହେବା ପରେ, ସଦସ୍ୟମାନେ ନିଶ୍ଚିତ ଭାବେ ନିମ୍ନୋକ୍ତ ବିଷୟ ଜାଣିପାରିବେ :

(କ) 'ନିର୍ବାଚନ – ଆମ ପ୍ରତିନିଧି ବାଛିବାର ମାଧ୍ୟମ' ଏହାର ଗୁରୁତ୍ୱ ଉପଲବ୍ଧି କରିବେ।

(ଖ) ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟାକୁ ବୁଝିବେ।

(ଗ) ପ୍ରତ୍ୟକ୍ଷ ଭାବେ ଏହାର କାର୍ଯ୍ୟକୁ ଲକ୍ଷ୍ୟକରି ପ୍ରତିନିଧି ଗଣତନ୍ତ୍ର କ'ଣ, ଏକଥା ବୁଝିପାରିବେ।

**ଆବଶ୍ୟକ ଉପକରଣ :** ଖାତା ଓ ପେନ୍‌ସିଲ୍

### କ୍ଷେତ୍ର ପରିଦର୍ଶନ :

(୧) ଗ୍ରାମସଭା ପାଇଁ ଧାର୍ଯ୍ୟ ଦିନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

(୨) ପଞ୍ଚାୟତ ଗ୍ରାମସଭାକୁ ଆସିବା ପୂର୍ବରୁ ଯେକୌଣସି ସମୟରେ ପାଠଶାଳାର ସଦସ୍ୟମାନଙ୍କୁ ଏହି କାର୍ଯ୍ୟକ୍ରମ ବିଷୟରେ ଜଣାଇ ଦିଆଯିବ।

(୩) ପରିଦର୍ଶନ ସମୟରେ ସଦସ୍ୟମାନେ ଗ୍ରାମସଭାରେ କରାଯାଉଥିବା ଆଲୋଚନାକୁ ଲକ୍ଷ୍ୟ କରିବେ। ସେମାନେ ଗ୍ରାମସଭା ଓ ପଞ୍ଚାୟତର ସଦସ୍ୟମାନଙ୍କ ସହିତ ଭାବ ବିନିମୟ କରିବେ।

### ପରିଦର୍ଶନ ପରବର୍ତ୍ତୀ ଆଲୋଚନା :

୧. ଶିକ୍ଷାର୍ଥୀମାନଙ୍କୁ ଗ୍ରାମସଭା ପରିଦର୍ଶନର ସ୍ମୃତି ମନେପକାଇବାକୁ କୁହାଯିବ। ଆବାହକ ଅଳ୍ପ କେତେଜଣ ସ୍ୱେଚ୍ଛାସେବକଙ୍କୁ ଗ୍ରାମସଭା ଆଲୋଚନା ବିଷୟରେ ଏକ ନାଟ୍ୟରୂପ ଦେଖାଇବାକୁ କହିବେ।

୨. ସ୍ୱେଚ୍ଛାସେବକମାନେ ୧୦ ମିନିଟ୍ ପାଇଁ ଆଲୋଚନା କରିବେ ଏବଂ ଗ୍ରାମ ସଭାରେ ଯାହା ଯାହା ଦେଖିଥିଲେ ସେ ସବୁର ପୁନରାଭିନୟ କରିବେ।

୩. ଅଭିନୟ ଶେଷ ହେଲାପରେ ଆବାହକ, ନିର୍ବାଚନ ସାକ୍ଷରତା କ୍ଲବର ସଦସ୍ୟମାନଙ୍କୁ ସେମାନଙ୍କ ଅଭିଜ୍ଞତା ବିଷୟରେ କହିବାକୁ କହିବେ।

୪. ଏହି ପ୍ରକ୍ରିୟା ମାଧ୍ୟମରେ, ଆବାହକ ଗ୍ରାମସଭାର ଗୁରୁତ୍ୱ ବୁଝିବାରେ ସଦସ୍ୟମାନଙ୍କୁ ସାହାଯ୍ୟ କରିବେ ଯେ ଏହା ଜନତାଙ୍କ ପ୍ରତିନିଧିଙ୍କ ଏକ ମଞ୍ଚ ଯେଉଁଠି ଲୋକମାନଙ୍କର ଆବଶ୍ୟକତା ବିଷୟରେ ସ୍ୱର ଉତ୍ତୋଳନ କରାଯାଏ। ଆବାହକ ନିମ୍ନଲିଖିତ ଆଲୋଚନା ବିଷୟବସ୍ତୁ ନେଇପାରନ୍ତି।

୫. ଆଲୋଚନାକୁ ରାଜ୍ୟ ଓ ରାଷ୍ଟ୍ରୀୟ ସ୍ତରକୁ ନେଇ ପାଠଶାଳାର ସଦସ୍ୟମାନଙ୍କୁ କୁହନ୍ତୁ ଯେ ଦେଶର ଭବିଷ୍ୟତ ଗଢିବାରେ ପ୍ରତି ମତଦାନ (ଭୋଟ) କେମିତି ଏକ 'ସ୍ୱର'।

୬. ୩-୨-୧ ସାରାଂଶ ପରିଚାଳନା ଓ ସ୍ମୃତି ଚାରଣ କାର୍ଯ୍ୟକ୍ରମ – ଏଥିରେ ପାଠଶାଳାର ସଦସ୍ୟମାନଙ୍କ ଭିତରୁ ଯାହାକୁ ଇଚ୍ଛା ତାକୁ ଆବାହକ ଏ ସବୁ ପଚାରିପାରିବେ।

- ଯେଉଁ ତିନୋଟି କଥା ଯାହା ସେମାନେ ଆଜି ଶିଖିଲେ।
- ଯେଉଁ ଦୁଇଟି କଥା ଯାହା ସେମାନେ ମନେରଖିବାକୁ ଯାଉଛନ୍ତି।
- ଯେଉଁ ଗୋଟିଏ କଥା ଯାହା ଉପରେ ସେମାନେ ଆହୁରି ଅଧିକା ଜାଣିବା ଦରକାର (ଯେଉଁଠି ସେମାନେ କାର୍ଯ୍ୟକ୍ରମ ସହିତ ସଂପୃକ୍ତ ପ୍ରଶ୍ନମାନ ପଚାରି ପାରିବେ)

୭. ନିର୍ବାଚିତ ପ୍ରତିନିଧି / ନିର୍ବାଚନରେ ଭୋଟ ଗଣତି ସମ୍ବନ୍ଧରେ 'ମତଦାନରେ ଆସ୍ଥା' କିମ୍ବା 'ଗଣତନ୍ତ୍ରର ପ୍ରହରୀ' କିମ୍ବା 'କାର୍ଟୁନ୍ ପ୍ରସ୍ଥ'ରୁ ଛୋଟ ଗପଟିଏ କହି ଅଧିବେଶନ ସାଙ୍ଗ କରାଯିବ।

### ଆଲୋଚନା ପାଇଁ ପ୍ରସଙ୍ଗ :

୧. ଗ୍ରାମସଭାରେ କେଉଁ କେଉଁ ବିଷୟ ଉପରେ ଆଲୋଚନା କରାଗଲା ?

୨. କିଏ ସବୁ ଏ ପ୍ରସଙ୍ଗ ଉଠାଇଲେ ?

୩. ଏସବୁ ସମସ୍ୟା କାହା ବିଷୟରେ ଥିଲା ?


୪. ପଞ୍ଚାୟତ ସଭ୍ୟମାନେ କିପରି ବଛା ହେଲେ ?

୫. ପଞ୍ଚାୟତ ନଥିଲେ ଲୋକମାନେ ତାଙ୍କର ସମସ୍ୟା କିପରି ଲୋକଲୋଚନକୁ ଆଣିବେ।

୬. ସହରରେ ଜନସାଧାରଣ କିପରି ତାଙ୍କର ସମସ୍ୟା ସବୁ ଉପସ୍ଥାପନ କରନ୍ତି ? ନଗରରେ କେମିତି ? ରାଜ୍ୟରେ କେମିତି ? ସମଗ୍ର ରାଷ୍ଟ୍ରରେ କେମିତି ?





**କାର୍ଯ୍ୟକ୍ରମ : ନିର୍ବାଚିତ୍ର (୧୪-୧୭ ବର୍ଷ ବୟସ୍କ ଯୁବକମାନଙ୍କ ପାଇଁ), ପରେ ପରେ ତାସ ଖେଳ – ଜଣେ ମତଦାତା ହୁଅନ୍ତୁ।**

**ସମୀକ୍ଷା :**

ନିର୍ବାଚନ ପ୍ରକ୍ରିୟା ଓ ପଦ୍ଧତି ବିଷୟରେ, ଦର୍ଶକମାନଙ୍କୁ ବାନ୍ଧି ରଖୁଥିବା ସିନେମା / ଚିତ୍ର ଫଳକ ସାହାଯ୍ୟରେ ଜାଣିବା ଏବଂ ପରେପରେ ଚିତ୍ର-ଗଳ୍ପ ସାହାଯ୍ୟରେ ପକ୍ଷ-ସମର୍ଥନ ଏବଂ ତଥ୍ୟ ପ୍ରସାରଣ ବିଷୟରେ ଉପକ୍ରମଣିକା ଦେବା।

**ଯୋଗଦାନକାରୀ :** ୧୪ରୁ ୧୭ ବର୍ଷ ବୟସ ଭିତରେ ଥିବା ପାଠଶାଳା ସଦସ୍ୟ।

**ଶିକ୍ଷାଲାଭ :**

ଏହି କାର୍ଯ୍ୟକ୍ରମ ଶେଷ ହେବା ପରେ ଛାତ୍ରମାନେ ନିଶ୍ଚିତ :

i. ଜାଣିବେ ଯେ ଭୋଟ ଦେବାକୁ ଯୋଗ୍ୟ ହେବାକୁ ୧୮ ବର୍ଷ ବୟସ ହେବା ଦରକାର।
ii. ମତଦାତା ଭାବରେ ପଞ୍ଜିକୃତ ହେବା ପ୍ରକ୍ରିୟା ସହିତ ପରିଚିତ ହେବେ।
iii. ଭୋଟ (ମତଦାନ)ର ମୂଲ୍ୟକୁ ହୃଦୟଙ୍ଗମ କରିବେ।
iv. ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲଓ)ଙ୍କ ଭୂମିକାକୁ ସ୍ୱୀକୃତି ଦେବେ ଯେ ବିଏଲଓ ହିଁ ମତଦାତାଙ୍କର ଯୋଗାଯୋଗର ଆଦ୍ୟବିନ୍ଦୁ। ନିର୍ବାଚନ ପ୍ରକ୍ରିୟାରେ ବିଏଓ ମତଦାତାଙ୍କୁ ମାର୍ଗଦର୍ଶନ କରାନ୍ତି।

**ସାଧନ :**

i. ପ୍ରଜା, ବନ୍ଧୁତା ଓ ମତଦାନ (ମସ୍ତି ଦୋସ୍ତି ମତଦାନ) (ସଜୀବୀକୃତ, କ୍ଷୁଦ୍ର ସିନେମା – ୧୨ ମିନିଟ୍)
ii. ଅଭୟ ଏବଂ ଆଭା – ଛବି ବହି
iii. ଲୋକତନ୍ତ୍ର ଏକ୍ସପ୍ରେସ୍ - ଶ୍ରାବ୍ୟ ଗଳ୍ପ
iv. ପଞ୍ଜୀକରଣ ଏବଂ ମତଦାନ ବିଷୟକ ଚିତ୍ର-ପଟ୍ଟଳ
v. ଖେଳ – ବର୍ଣ୍ଣାବଳୀ (ସାଧନ ଉପକରଣରେ ଦିଆଯାଇଛି)

ଟିପ୍ପଣୀ : ଯେଉଁଠାରେ ଚଳଚ୍ଚିତ୍ର ପ୍ରଦର୍ଶନ (ସିନେମା ଦେଖାଇବା) ସମ୍ଭବ ନୁହେଁ ସେଠାରେ ଛବି ବହି, ଶ୍ରାବ୍ୟ ଗଳ୍ପ, ଏବଂ ଚିତ୍ର ପଟ୍ଟଳ ଇତ୍ୟାଦି ବିକଳ୍ପ ଭାବେ ବ୍ୟବହାର କରାଯାଇପାରେ।

**ଆବଶ୍ୟକ ସାମଗ୍ରୀ :**

i. ପରଦା (ସିନେମା ପାଇଁ), ପ୍ରୋଜେକ୍ଟର, ଲ୍ୟାପଟପ୍ ଏବଂ ସ୍ପିକର (ମାଇକ୍)
ii. ଖାତା, କଲମ, ପେନସିଲ୍, ଲିଭେଇବା ରବର, ସ୍କେଚ୍ କଲମ
iii. ଚାରିଭାଗରେ ବିଭକ୍ତ ହୋଇଥିବା ଏ-୪ ସାଇଜର କାଗଜଫର୍ଦ୍ଦ-ପ୍ରତି ଛାତ୍ରଛାତ୍ରୀ ପାଇଁ
iv. ବଡ଼ ଫର୍ଦ୍ଦ କାଗଜ ଓ ମାର୍କର କଲମ

**ପ୍ରଣାଳୀ :**

୧. ଉପସ୍ଥିତ ଥିବା ସମସ୍ତେ ନିର୍ବାଚନ ପାଠଶାଳା ଗୀତ ଗାଇ ଅଧିବେଶନ ଆରମ୍ଭ କରିବେ। ସମସ୍ତଙ୍କ ସୁବିଧା ପାଇଁ ଗୀତଟିକୁ କଳାପଟା (ବ୍ଲାକ ବୋର୍ଡ)ରେ ଲେଖି ଦିଆଯିବ।

୨. ଆବାହକ ସମସ୍ତ ସଦସ୍ୟଙ୍କୁ ବିଭିନ୍ନ ପ୍ରକାର 'ଶାସନ' ପ୍ରଣାଳୀ ଉପରେ ଅନୌପଚାରିକ ଆଲୋଚନାରେ ବ୍ୟସ୍ତ ରଖିବେ।

୩. ଭାରତୀୟମାନେ କିପରି ସେମାନଙ୍କର ସରକାର ବାଛନ୍ତି ସେ ବିଷୟରେ ସଦସ୍ୟମାନଙ୍କୁ ପ୍ରଶ୍ନ କରାଯିବ। ନିର୍ବାଚନ ଏକ ପ୍ରକ୍ରିୟା – ଏ ବିଷୟରେ ସଂଯୋଜକ ଏକ ସଂକ୍ଷିପ୍ତ ଧାରଣା ଦେବେ। ସେମାନଙ୍କୁ ଭବିଷ୍ୟତର ଦାୟିତ୍ୱବାନ ମତଦାତା ଭାବେ ପ୍ରସ୍ତୁତ କରିବା ମତଦାନ ବୟସ, ପଞ୍ଜିକରଣ ଓ ପ୍ରତ୍ୟେକ ଭୋଟ୍‌ର ମୂଲ୍ୟ ଉପରେ ଆଲୋଚନା ହେବ।

୪. ଏହି ଆଲୋଚନା ପରେ ପରେ ଚଳଚ୍ଚିତ୍ର (ସିନେମା) ଚିତ୍ରପଟ୍ଟଳ ପ୍ରଦର୍ଶନ କରାଯିବ କିମ୍ବା ଶ୍ରାବ୍ୟ ଗଳ୍ପଟି ଶୁଣାଯିବ।

୫. ସିନେମା / ଚିତ୍ର ପଟ୍ଟଳ ପ୍ରଦର୍ଶନ ପରେ ପରେ ମତଦାନର ମହତ୍ତ୍ୱ ବିଷୟରେ ଏକ ମାନସ-ମନ୍ଥନ ଅଧିବେଶନ ଅନୁଷ୍ଠିତ ହେବ।

୬. ଶିକ୍ଷାର୍ଥୀମାନଙ୍କୁ ନିଜ ପାଖାପାଖି ଅଂଚଳରେ ହୋଇଥିବା ଏକ ବାସ୍ତବ ନିର୍ବାଚନ ବିଷୟରେ ପ୍ରଥମ ସ୍ମୃତି ମନେ ପକାଇବାକୁ ପ୍ରୋତ୍ସାହିତ କରାଯିବ। ଏହି ନିର୍ବାଚନରେ ସେମାନଙ୍କ ପିତାମାତା / ପଡ଼ୋଶୀ ଭାଗନେଇ ପାରିଥିବେ।

୭. ଏହାପରେ ସଦସ୍ୟମାନଙ୍କୁ କାଗଜ, ପେନ୍‌ସିଲ୍, ଲିଭେଇବା ରବର ଓ ରଙ୍ଗ ପେନ୍‌ସିଲ୍ ଯୋଗାଇ ଦିଆଯିବ।


୮. ନିର୍ବାଚନ ସ୍ମୃତିକୁ ମନେ ପକାଇ ଗୋଟିଏ ଗଳ୍ପ ଲେଖିବାକୁ କିମ୍ବା ପ୍ରାଚୀର ଚିତ୍ର (ପୋଷ୍ଟର୍) ଅଙ୍କନ କରିବାକୁ ଶିକ୍ଷାର୍ଥୀମାନଙ୍କୁ କୁହାଯିବ।

୯. ଶେଷରେ ସର୍ବସାଧାରଣ ଦର୍ଶକମାନଙ୍କ ଦେଖିବା ପାଇଁ ଉକ୍ତ ଗଳ୍ପ ବା ଚିତ୍ରକୁ ପ୍ରାଚୀର ପତ୍ରିକାରେ ପ୍ରଦର୍ଶିତ କରାଯିବ।

୧୦. ୩-୨-୧ ସାରାଂଶ ପରିଚାଳନା ଓ ସ୍ମୃତିଚାରଣ – ଏଥିରେ ଆବାହକ ପାଠଶାଳା ସଦସ୍ୟମାନଙ୍କ ଭିତରୁ ମନଇଚ୍ଛା ଯାହାକୁ ବାଛି ଏହି ପଚାରିବେ।

- ଯେଉଁ ତିନୋଟି କଥା ସେମାନେ ଆଜି ଶିଖିଲେ
- ଯେଉଁ ଦୁଇଟି କଥା ସେମାନେ ମନେରଖିବାକୁ ଯାଉଛନ୍ତି
- ଯେଉଁ ଗୋଟିଏ କଥା ବିଷୟରେ ସେମାନେ ଆହୁରି ଅଧିକା ଜାଣିବା ଦରକାର (ଏଠାରେ ସେମାନେ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ପ୍ରଶ୍ନ ପଚାରି ପାରିବେ)

୧୧. ବର୍ଣ୍ଣାବଳୀ ଖେଳ ସହିତ ଅଧିବେଶନ ସାଙ୍ଗ କରାଯିବ। ଖେଳ ସହିତ ଥିବା ନିର୍ଦ୍ଦେଶାବଳୀଗୁଡ଼ିକୁ ଆବାହକ ବୁଝାଇଦେବେ ଓ ସମସ୍ତଙ୍କୁ ଖେଳରେ ଭାଗ ନେବା ପାଇଁ ଉତ୍ସାହିତ କରିବେ।



## କାର୍ଯ୍ୟକ୍ରମ : ନିର୍ବାଚନ ଯନ୍ତ୍ର (ଇଭିଏମ୍ ଓ ଭିଭିପ୍ୟାଟ୍) ଏବଂ ଆପଣଙ୍କର ମତଦାନ ପତ୍ର ତିଆରି କରନ୍ତୁ

### ସମୀକ୍ଷା :

ଛାତ୍ରଛାତ୍ରୀମାନଙ୍କୁ ଇଭିଏମ୍ (ଇଲେକ୍‌ଟ୍ରୋନିକ୍ ମତଦାନ ଯନ୍ତ୍ର) ଓ ଭିଭିପ୍ୟାଟ୍ (ସଠିକ୍ ମତଦାତା ପରୀକ୍ଷା ପାଇଁ କାଗଜ ଛପା ଯନ୍ତ୍ର) ସହିତ ପରିଚିତ କରାଇବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଦସ୍ୟମାନେ, ସେମାନଙ୍କ ନମୁନା ପ୍ରାର୍ଥୀ ଓ ନିର୍ବାଚନ ସଙ୍କେତ (ନୋଟା ସମେତ)କୁ ନେଇ ନିଜ ମତପତ୍ର ତିଆରି କରିବେ।

### ଶିକ୍ଷା ଫଳାଫଳ :

ଏହି କାର୍ଯ୍ୟକ୍ରମ ଶେଷ ହେବା ପରେ ସଦସ୍ୟମାନେ ନିଶ୍ଚିତ;

(କ) ଇଲେକ୍ଟ୍ରୋନିକ୍ ମତଦାନ ଯନ୍ତ୍ର (ଇଭିଏମ୍) କ'ଣ ଏବଂ ସଠିକ୍ ମତଦାତା ପରୀକ୍ଷାଯନ୍ତ୍ର (ଭିଭି ପ୍ୟାଟ୍)ର କାର୍ଯ୍ୟକାରିତା ବିଷୟରେ ଜାଣିବେ।

(ଖ) ମତପତ୍ର ଓ ଇଭିଏମ୍‌ରେ ନାମଗୁଡ଼ିକ କିପରି ସଜା ହୋଇଥାଏ ସେ କଥା ଜାଣିବେ।

(ଗ) ପ୍ରକ୍ରିୟାରେ ସତ୍ୟନିଷ୍ଠତା (ସାଧୁତା, ସଚ୍ଚୋଟତା) ବିଷୟକୁ ପସନ୍ଦ କରିବାକୁ ସକ୍ଷମ ହେବେ

(ଘ) ନୋଟା (ଏମାନଙ୍କ ଭିତରୁ କେହି ନୁହେଁ) ମତପତ୍ରର ସବା ଶେଷରେ ଥିବା ବିକଳ୍ପ ବୋଲି ଜାଣିବେ।

(ଚ) ସଂସଦୀୟ ନିର୍ବାଚନ ମଣ୍ଡଳୀ ଓ ବିଧାନସଭା ନିର୍ବାଚନ ମଣ୍ଡଳୀ ଭିତରେ ଥିବା ପ୍ରାର୍ଥକ୍ୟ ବିଷୟରେ ଜାଣିବେ।

### ସାଧନ :

(କ) ଇଭିଏମ୍ - ଭିଭି ପ୍ୟାଟ୍ ସିନେମା

(ଖ) ଇଭିଏମ୍ ଉପରେ ପୁସ୍ତିକା (ବୟାନପତ୍ର)

(ଗ) ନମୁନା ମତପତ୍ର ଓ (ଡମି) ପ୍ରତିରୂପ ସଙ୍କେତ

(ଘ) ମତପତ୍ର ଉପରେ ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀର ନିର୍ଦ୍ଦିଷ୍ଟ ପରିଚ୍ଛେଦ।

### ଆବଶ୍ୟକ ସାମଗ୍ରୀ :

(କ) ପରଦା (ସିନେମା ପ୍ରଦର୍ଶନ ପାଇଁ), ପ୍ରୋଜେକ୍ଟର, ଲ୍ୟାପଟପ୍ ଓ ସ୍ପିକର୍ (ମାଇକ୍)

(ଖ) କଲମ / ପେନ୍‌ସିଲ୍

(ଗ) ଅଠା

(ଘ) ୧୫ଟି କିଛି ଲେଖା ନଥିବା ଷ୍ଟିକର

(ଙ) ୧୫ଟି ସଙ୍କେତ ଲେଖା / ଛପା ଥିବା ଷ୍ଟିକର

(ଚ) ୧ଟି ନୋଟା ଲେଖା / ଛପାଥିବା ଷ୍ଟିକର

### ପ୍ରସ୍ତୁତି :

ଆବାହକ, ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀର ନିର୍ଦ୍ଦିଷ୍ଟ ପରିଚ୍ଛେଦ ପଢ଼ିବେ।

### ପ୍ରଣାଳୀ :

୧. ଆବାହକ ସମସ୍ତ ପାଠଶାଳା ସଦସ୍ୟଙ୍କୁ ଏକତ୍ର କରିବେ ଏବଂ ଇଭିଏମ୍ - ଭିଭି ପ୍ୟାଟ୍ ସିନେମା ଦେଖାଇବେ।

୨. ସିନେମା ପ୍ରଦର୍ଶନ ପରେ, ସେ ପାଠଶାଳା ସଦସ୍ୟମାନଙ୍କ ଠାରୁ ଇଭିଏମ୍‌ର ବ୍ୟବହାର ବିଷୟରେ ପ୍ରଶ୍ନ ଆମନ୍ତ୍ରଣ କରିବେ, କିମ୍ବା କିଛି ସନ୍ଦେହ ଥିଲେ ପଚାରିବାକୁ କହିବେ।

୩. ଇଭିଏମ୍ ସିନେମା ଦେଖାଇ ସାରିବା ପରେ ଆବାହକ ସଭ୍ୟମାନଙ୍କୁ କହିବେ ଯେ ସେମାନେ ବର୍ତ୍ତମାନ ତାଙ୍କ ନିଜ ମତପତ୍ର ତିଆରି କରିବେ ଏବେ ନିର୍ବାଚନ ଚାଲିଥିବା ଗୋଟିଏ ରାଜ୍ୟର ନାଗରିକ ଭାବେ ନିଜକୁ କଳ୍ପନା କରିବେ।

୪. ଆବାହକ ନିଶ୍ଚୟ ଜାଣିଥିବେ ଯେଉଁ ଅଞ୍ଚଳରେ ନିର୍ବାଚନ ସାକ୍ଷରତା କ୍ଲବ ପ୍ରତିଷ୍ଠା କରାଯାଇଛି ତାହା କେଉଁ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅବସ୍ଥିତ। ସେ ସଦସ୍ୟମାନଙ୍କୁ ଏକ ସଂକ୍ଷିପ୍ତ ଆଲୋଚନାରେ ବ୍ୟାପୃତ ରଖିବେ ଏବଂ ନିମ୍ନଲିଖିତ ପ୍ରଶ୍ନମାନ ପଚାରିବେ।

- ବିଧାନସଭା ନିର୍ବାଚନ କ'ଣ ? ଲୋକସଭା ନିର୍ବାଚନ ଠାରୁ ଏହା କିପରି ପୃଥକ୍।
- ନିର୍ବାଚନ ମଣ୍ଡଳୀ କ'ଣ ?
- ବିଧାନସଭା ନିର୍ବାଚନ ମଣ୍ଡଳୀ କ'ଣ ? ଏହା କ'ଣ ସଂସଦୀୟ ନିର୍ବାଚନ ମଣ୍ଡଳୀ ସହ ସମାନ କିମ୍ବା ୱାର୍ଡ (ପଞ୍ଚାୟତ ନିର୍ବାଚନ ପାଇଁ ନିର୍ବାଚନ ମଣ୍ଡଳୀ) ସହିତ ସମାନ ?
- ବିଧାନସଭା ନିର୍ବାଚନ ପାଇଁ ଜଣେ ମତଦାତା ବିଧାନସଭା ନିର୍ବାଚନ ମଣ୍ଡଳୀ ଜାଣିବା ଦରକାର ନା ସଂସଦୀୟ ନିର୍ବାଚନ ମଣ୍ଡଳୀ ?

୫. ଆଲୋଚନା ପରେ, ୧୫ ଜଣ ସ୍ୱେଚ୍ଛାସେବକଙ୍କୁ ନିମନ୍ତ୍ରଣ କରନ୍ତୁ ଏବଂ (ନିର୍ବାଚନ ସାକ୍ଷରତା କ୍ଲବ) ଯେଉଁ ଅଂଚଳରେ ପ୍ରତିଷ୍ଠା କରାଯାଇଛି, ସେହି ନିର୍ବାଚନ ମଣ୍ଡଳୀର ବିଧାନସଭା ନିର୍ବାଚନ ପ୍ରାର୍ଥୀ ଭାବେ ଅଭିନୟ କରିବାକୁ କୁହନ୍ତୁ।

୬. ଶ୍ରେଣୀକୁ ପ୍ରାର୍ଥୀମାନଙ୍କର ସଙ୍କେତ ପ୍ରଦାନ କରନ୍ତୁ ଯେମିତି ୫ଟି ସଙ୍କେତ ଜାତୀୟ ରାଜନୈତିକ ଦଳ ପାଇବେ, ୪ଟି ସଙ୍କେତ ସ୍ୱୀକୃତିପ୍ରାପ୍ତ ରାଜ୍ୟସ୍ତରୀୟ ଦଳଙ୍କୁ ଦିଆଯିବ, ୩ଟି ସଙ୍କେତ ପଞ୍ଜିକୃତ କିନ୍ତୁ ଅଣସ୍ୱୀକୃତିପ୍ରାପ୍ତ ଦଳଙ୍କୁ ଦିଆଯିବ ଏବଂ ୩ଟି ଚିହ୍ନ ସ୍ୱାଧୀନ ପ୍ରାର୍ଥୀଙ୍କୁ ଦିଆଯିବ (ସଙ୍କେତଗୁଡ଼ିକ ସାଧନରେ ଦିଆଯାଇଛି)

୭. ଯେମିତି ଇଚ୍ଛା ସେମିତି ୧୫ ଜଣ ସ୍ୱେଚ୍ଛାସେବକଙ୍କୁ ଗୋଟିଏ ଲେଖାଏ ସଙ୍କେତ ପ୍ରଦାନ କରନ୍ତୁ।

୮. ସମୁଦାୟ କକ୍ଷ (ଶ୍ରେଣୀ)କୁ ବୁଝାଇ ଦିଅନ୍ତୁ ଯେ ମତପତ୍ର ଉପରେ ପ୍ରାର୍ଥୀମାନଙ୍କର ନାମ ଏହିପରି ଭାବରେ ସଜାହୋଇ ରଖାଯାଇଛି – ପ୍ରଥମେ ଜାତୀୟସ୍ତରର ଦଳ ଓ ରାଜ୍ୟସ୍ତରୀୟ ସ୍ୱୀକୃତିପ୍ରାପ୍ତ ଦଳ, (ପ୍ରଥମ ପ୍ରକାର) ତା'ପରକୁ ପଞ୍ଜିକୃତ କିନ୍ତୁ ଅଣସ୍ୱୀକୃତି ପ୍ରାପ୍ତ ଦଳ (ଦ୍ୱିତୀୟ ପ୍ରକାର), ତା'ପରକୁ ସ୍ୱାଧୀନ ପ୍ରାର୍ଥୀ (ତୃତୀୟ ପ୍ରକାର)।


୯. ଏହି ତିନି ପ୍ରକାର ବିଭାଗୀକରଣ ଭିତରେ, ନାମଗୁଡ଼ିକ, ସଂସଦୀୟ ନିର୍ବାଚନ ହୋଇଥିଲେ ଦେବନାଗରୀ ଲିପିରେ, ଅକ୍ଷର କ୍ରମ ଅନୁସାରେ ରଖାଯିବ ଏବଂ ବିଧାନସଭା ନିର୍ବାଚନ ହୋଇଥିଲେ, ରାଜ୍ୟରେ ପ୍ରଚଳିତ ସରକାରୀ ଭାଷାରେ ଅକ୍ଷର କ୍ରମ ଅନୁସାରେ ରଖାହେବ।

୧୦. ସଦସ୍ୟ ଓ ସ୍ୱେଚ୍ଛାସେବକମାନଙ୍କ ଆଗରେ ଘୋଷଣା କରନ୍ତୁ ଯେ ବର୍ତ୍ତମାନ ସେମାନେ ଇଭିଏମ୍ ପାଇଁ ମତପତ୍ରଟିଏ ତିଆରି କରିବେ। ଏକଥା ମଧ୍ୟ ଜାଣନ୍ତୁ ଯେ ଇଭିଏମ୍‌ରେ ୧୬ଟି ସଙ୍କେତ ପାଇଁ ବ୍ୟବସ୍ଥା ଅଛି, ଏବଂ ଶେଷ ବିକଳ୍ପଟି ସବୁବେଳେ ନୋଟା (ଉପରୋକ୍ତମାନଙ୍କ ଭିତରୁ କେଉଁଟି ନୁହେଁ)

୧୧. ୧୫ ଜଣ ସ୍ୱେଚ୍ଛାସେବକ, ପ୍ରତ୍ୟେକଙ୍କୁ ଖଣ୍ଡେ ଲେଖାଏଁ କାଗଜ ଧରାଇ ଦିଅନ୍ତୁ ଏବଂ ନିଜ ନିଜ ନାମ ଓଡ଼ିଆ ଓ ଇଂରାଜୀରେ ଲେଖିବାକୁ କୁହନ୍ତୁ।

୧୨. ଏ ଭିତରେ ବାକି ସଦସ୍ୟଙ୍କୁ କାଗଜରେ ଲମ୍ବ ପ୍ରସ୍ଥ ଭାବେ ଗାରକାଟି ମତପତ୍ରର ନମୁନା ତିଆରି କରିବାକୁ କୁହନ୍ତୁ – ଯେମିତି ନମୁନା ସାଧନରେ ଦିଆଯାଇଛି। ପ୍ରାର୍ଥୀମାନଙ୍କର ନାମ ଓ ସଙ୍କେତ ପାଇଁ ଯାଗା ଖାଲି ରହିବ। ଯେମିତି ଚିତ୍ରରେ ଦର୍ଶାଯାଇଛି, ଶେଷ ଧାଡ଼ି / ଶେଷ ସ୍ତମ୍ଭଟି ନୋଟା (ଉପରୋକ୍ତମାନଙ୍କ ମଧ୍ୟରୁ କେହିନୁହେଁ) ପାଇଁ ରହିବ।





୧୩. ଜାତୀୟ ଏବଂ ସ୍ୱୀକୃତିପ୍ରାପ୍ତ ରାଜ୍ୟସ୍ତରୀୟ ଦଳର ପ୍ରତିରୂପ ସଙ୍କେତ (ଡମି) ଧରିଥିବା ସ୍ୱେଚ୍ଛାସେବକମାନଙ୍କୁ ଆଗକୁ ଆସିବାକୁ କୁହନ୍ତୁ। ସେମାନଙ୍କୁ ବୁଝାଇ ଦିଅନ୍ତୁ ଯେ ସେମାନଙ୍କ ନାମ ମତ ପତ୍ରରେ ପ୍ରଥମେ ରହିବ କିନ୍ତୁ ନାମର ଆଦ୍ୟ ଅକ୍ଷରେ କ୍ରମରେ ହିଁ ରହିବ। ମତପତ୍ରରେ ପ୍ରାର୍ଥୀମାନଙ୍କର ନାମ କିପରି ସଜା ହୋଇ ରହିବ, ସେ ସଂକ୍ରାନ୍ତୀୟ ନିର୍ଦ୍ଦେଶାବଳୀ ପଢିବାରେ ଆବାହକ ସଦସ୍ୟମାନଙ୍କୁ ସାହାଯ୍ୟ କରିବେ ଏବଂ ଏଥିପାଇଁ ସ୍ୱେଚ୍ଛାସେବକମାନଙ୍କୁ ମଧ୍ୟ ସହାୟତା କରିବେ।

୧୪. ସ୍ୱେଚ୍ଛାସେବକମାନେ ପ୍ରତିରୂପ (ଡମି) ମତପତ୍ରରେ ନିଜ ନିଜ ନାମ ଲେଖିବେ ଏବଂ ନାମ ଲେଖିବେ ଏବଂ ନାମ ଆଗରେ ନିଜନିଜ ଦଳୀୟ ସଙ୍କେତକୁ ଅଠା ଦ୍ୱାରା ଲଗାଇବେ। ସେମାନେ ନିଜ ନିଜ ନାମ ଆଗରେ, ନିଜ ସଙ୍କେତର ଠିକ୍ ପୂର୍ବରୁ, ନିଜର ଏକ ଏଣ୍ଟେଣ୍ଟୁ ଛବି ମଧ୍ୟ ଆଙ୍କିବେ।

୧୫. ପ୍ରତିରୂପ ଅଣ ସ୍ୱୀକୃତିପ୍ରାପ୍ତ ଦଳର ପ୍ରାର୍ଥୀମାନଙ୍କ ପାଇଁ ସେହି ଏକା ପ୍ରକାର କାର୍ଯ୍ୟ ହେବ ଏବଂ ଶେଷରେ ସ୍ୱାଧୀନ ପ୍ରାର୍ଥୀମାନଙ୍କ ପାଇଁ ମଧ୍ୟ ସେହିପରି କରାହେବ।

୧୬. ବର୍ତ୍ତମାନ ମତପତ୍ର (ବ୍ୟାଲଟ୍) ପ୍ରସ୍ତୁତ

୧୭. ଆବାହକ ସଦସ୍ୟମାନଙ୍କୁ ଜଣାଇବେ ଯେ ଠିକ୍ ଏହିପରି ଭାବରେ ପ୍ରତିଯୋଗୀତା କରୁଥିବା ପ୍ରାର୍ଥୀମାନଙ୍କର ନାମ ଇଭିଏମ୍ ରେ ସଜା ହୋଇଥାଏ।

୧୮. ଆବାହକ ଗୁରୁତ୍ୱ ଆରୋପ କରି କହିବେ ଯେ ଇଭିଏମ୍‌ରେ ପ୍ରାର୍ଥୀମାନଙ୍କର ନାମ ଓ ଫଟୋ ଏହିପରି ସଜାହୋଇ ରହିଥିବ। ମତଦାତାମାନେ ସେମାନଙ୍କ ପ୍ରାର୍ଥୀ ଏବଂ ସେମାନଙ୍କର ପୂର୍ବ କୃତି, ଏବଂ ଦଳର ନିର୍ବାଚନ ପ୍ରତିଶ୍ରୁତି ଭଲଭାବେ ଜାଣିବା ଉଚିତ୍। ଏହାଦ୍ୱାରା ବିଜ୍ଞତାର ସହ ମତଦାନ ପାଇଁ ସିଦ୍ଧାନ୍ତରେ ପହଞ୍ଚିହେବ।

୧୯. ୩-୨-୧ ସାରାଂଶ ପରିଚାଳନା ଓ ସ୍ମୃତିଚାରଣ କାର୍ଯ୍ୟକ୍ରମରେ ଆବାହକ ସଦସ୍ୟମାନଙ୍କ ଭିତରୁ ଇତସ୍ତତ ବାଛି ଏହିଗୁଡ଼ିକ ପଚାରିବେ।

- ଯେଉଁ ତିନୋଟି ବିଷୟ ସେମାନେ ଆଜି ଶିଖିଲେ
- ଯେଉଁ ଦୁଇଟି କଥା ସେମାନେ ମନେରଖିବାକୁ ଯାଉଛନ୍ତି
- ଯେଉଁ ଗୋଟିଏ କଥା ଉପରେ ସେମାନେ ଆହୁରି ଅଧିକ ଜାଣିବା ଦରକାର (ଏହିଠାରେ ସେମାନେ କାର୍ଯ୍ୟକ୍ରମ ସଂପର୍କିତ ପ୍ରଶ୍ନ ପଚାରି ପାରିବେ)

**ଆବାହକଙ୍କୁ ଦିଆଯିବା ଟିପ୍ପଣୀ :**

- କାର୍ଯ୍ୟକ୍ରମ ଶେଷ ହେବା ପରେ ଆବାହକ ସମୁଦାୟ ଶ୍ରେଣୀକୁ ତାଳିମାରି ଖୁସି ହେବାକୁ କହିବେ – ଯେ ସେମାନେ ନିଜେ ମତପତ୍ର ତିଆରି କରିଛନ୍ତି। ଏକଥା ନିଶ୍ଚିତ ଲୋକମାନଙ୍କ ଦୃଷ୍ଟିକୁ ଆଣିବେ ଯେ ମତପତ୍ର ଉପରେ ପ୍ରାର୍ଥୀମାନଙ୍କର ନାମଗୁଡ଼ିକୁ ନିରପେକ୍ଷ ଭାବେ ସଜାଯାଏ ଏବଂ ପ୍ରାର୍ଥୀମାନଙ୍କର ନାମର କ୍ରମ କେବେହେଲେ ସେମାନଙ୍କର ଯୋଗ୍ୟତାର ପରିମାପକ ନୁହେଁ। ଏଣୁ ପ୍ରତ୍ୟେକ ମତଦାତା ନିଜ ନିଜର ପ୍ରାର୍ଥୀଙ୍କୁ ଜାଣିବା ଉଚିତ ଏବଂ ଇଭିଏମ୍ ତାଙ୍କ ନାମର ଅବସ୍ଥିତି ନିର୍ବିଶେଷରେ, ଯାହାକୁ ଇଚ୍ଛା ତାକୁ ଭୋଟ ଦେବା ଉଚିତ୍।
- ଏକଥା ମଧ୍ୟ ଆବାହକ ଲୋକଲୋଚନକୁ ଆଣିବେ ଯେ ଇଭିଏମ୍‌ର ଶେଷରେ ଥିବା ବିକଳ୍ପଟି ନୋଟା (ଉପରୋକ୍ତମାନଙ୍କ ମଧ୍ୟରୁ କେହି ନୁହେଁ)। ୧୬ଟି ନାଁ ରହିପାରୁଥିବା ମତପତ୍ର ଏକକ ଇଭିଏମ୍‌ରେ ଶେଷ ବିକଳ୍ପଟି ସବୁବେଳେ ନୋଟା। ଯଦି ୧୬ ଜଣ ପ୍ରାର୍ଥୀ ହୋଇଯିବେ, ଇଭିଏମ୍ ସାଥିରେ ଆଉ ଏକ ମତପତ୍ର ଏକକ ସଂଯୁକ୍ତ କରାଯିବ ଏବଂ ନୋଟା ବିକଳ୍ପଟି ସେହି ନୂଆ ମତପତ୍ର ଏକକ ପ୍ରଦର୍ଶିତ ହେବ।
- ଅତି ବେଶୀରେ ୪ଟି ମତଦାନ ଏକକ ପରସ୍ପର ସହିତ ସଂଯୁକ୍ତ ହୋଇପାରିବେ। ତେଣୁ ଇଭିଏମ୍ ୬୪ଟି ବିକଳ୍ପ ଧରି ରଖିପାରିବ (୬୩ ପ୍ରାର୍ଥୀ + ୧ ନୋଟା) ଯଦି କୌଣସି ନିର୍ବାଚନ ମଣ୍ଡଳୀରେ ୬୩ ଠାରୁ ଅଧିକ ସଂଖ୍ୟକ ପ୍ରାର୍ଥୀ ଥିବେ ତେବେ ସେଠାରେ ମତଦାନ ପାଇଁ ପାରମ୍ପରିକ ମତପତ୍ର (ବ୍ୟାଲଟ୍ ପେପର) ବ୍ୟବହାର କରାଯିବ। ଆବାହକ ଏହି ତଥା ସମସ୍ତଙ୍କୁ ଜଣାଇ ପାରନ୍ତି।

**କାର୍ଯ୍ୟକ୍ରମ : ନୋଟା (ଉପରୋକ୍ତମାନଙ୍କ ମଧ୍ୟରୁ କେହି ନୁହେଁ)କୁ ଜାଣନ୍ତୁ।**

**ସମୀକ୍ଷା :**

ନୋଟାର ଅର୍ଥ ଶିକ୍ଷାର୍ଥୀମାନଙ୍କୁ ଜଣାଇବା ପାଇଁ ଗୋଟିଏ ଖେଳ ଖେଳାଯିବ। ଯେତେ ସଂଖ୍ୟାରେ ହେଲେବି ଖେଳାଳୀମାନେ ଆବାହକଙ୍କ ସହିତ ଏହି ଖେଳ ଖେଳିପାରିବେ; ଖେଳରେ ପରସ୍ପର ଭାବ ଆଦାନପ୍ରଦାନ ହେବ କିନ୍ତୁ କେହି କାହା ସହିତ ସଂପର୍କିତ ରହିବେ ନାହିଁ। 'ନୋଟା'ରେ ଭୋଟ ଦେବା 'ଆପଣଙ୍କ ଭୋଟଟି ନଷ୍ଟ ହୋଇଯିବା' ସହିତ ସମାନ ନୁହେଁ; 'ଆପଣ କ'ଣ ଚାହୁଁ ନାହାନ୍ତି' ସେତିକି ଗୁରୁତ୍ୱପୂର୍ଣ୍ଣ, ଯେତିକି ଗୁରୁତ୍ୱପୂର୍ଣ୍ଣ' ଆପଣ କଣ ଚାହୁଁଛନ୍ତି ?

**ଯୋଗଦାନକାରୀ :** ନିର୍ବାଚନ ପାଠଶାଳାର ସମସ୍ତ ସଦସ୍ୟ

**ଶିକ୍ଷା ଫଳାଫଳ :** ଏହି କାର୍ଯ୍ୟକ୍ରମ ଶେଷ ହେବା ପରେ ସଦସ୍ୟମାନେ ନିଶ୍ଚିତ;


i. ଜାଣିବେ, ନୋଟା କ'ଣ ?
ii. ସକ୍ଷମ ହେବେ ଜାଣିବାକୁ ଯେ ପ୍ରତି ଭୋଟର ମୂଲ୍ୟ ଅଛି, ଏପରିକି 'ନୋଟା'ର ମଧ

**ସାଧନ :**

ଚକ୍‌ଚକିଆ ତାସ-୪ ପଟ (ସାଧନ ଉପକରଣରେ ଦିଆଯାଇଛି)

**ଅବଧି :** ୧୫ ମିନିଟ୍

***ଖେଳର ଗୋଟିଏ ପ୍ରାରମ୍ଭିକ ରୂପ ଏଠାରେ ପ୍ରଦତ୍ତ :***




**ଏମାନଙ୍କ ଭିତରୁ କାହାକୁ ବ୍ୟବହାର କରି ମାଟି ଖୋଳି ଗୋଟିଏ ନୂଆ ସୁସ୍ଥ ଚାରା ରୋପଣ କରାଯାଇ ପାରିବ।**

**ପ୍ରଣାଳୀ :**

୧. ସଂଯୋଜକ ପ୍ରଥମ ତାସ୍ ପଟିଟି ପାଠଶାଳା ସଦସ୍ୟମାନଙ୍କୁ ଦେଖାଇବେ। ଏହି ତାସ ପଟିରେ ଗୋଟିଏ ପ୍ରଶ୍ନ ଓ ଚାରିଗୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି। ଅବଶ୍ୟ ତିନୋଟି ଉତ୍ତର ଅସଙ୍ଗତ ତଥା ଅର୍ଥହୀନ। ଶେଷଟି ନୋଟା – ଅର୍ଥାତ୍ 'ଏମାନଙ୍କ ଭିତରୁ କେହି ନୁହେଁ। ସଦସ୍ୟମାନଙ୍କୁ ଠିକ୍ ଉତ୍ତରଟି ବାଛିବାକୁ କୁହାଯିବ।

୨. ପ୍ରଶ୍ନୋତ୍ତରଗୁଡ଼ିକ ଏମିତି କରାହୋଇଛି ଯେ ଶିକ୍ଷାର୍ଥୀମାନେ ଅନ୍ୟ କିଛି ବିକଳ୍ପ ନପାଇ ପ୍ରତିଥର 'ନୋଟା'କୁ ହିଁ ବାଛିବେ। ଅସଙ୍ଗତିର ସ୍ତର ବଢିବଢି ଚାଲିବ।

୩. ଚାରି ପାଞ୍ଚ ବାଜି ଏ ଖେଳ ହେବା ପରେ ସଂଯୋଜକ 'ନୋଟା' ର ଅର୍ଥ ବୁଝାଇଦେବେ ଏବଂ କହିଦେବେ ଇଭିଏମ୍‌ରେ ଏହି ବିକଳ୍ପ କେବେଠାରୁ ସ୍ଥାନ ପାଇଲା।

୪. ଏହାପରେ ଆବାହକ ଏକ ଶେଷ ବାଜି ଖେଳ ଖେଳିବେ ଯେଉଁଥିରେ ତାସ୍ ପଟରେ ପ୍ରଶ୍ନଥିବ "ଆପଣ କାହାକୁ ଭୋଟଦେବେ" ଉତ୍ତରଗୁଡ଼ିକରେ ନିମ୍ନ ଚିତ୍ର ଓ ବର୍ଣ୍ଣନାସବୁ ରହିଥିବ:-

(କ) ଲୋକମାନଙ୍କୁ ଲାଞ୍ଚ ଦେଇ ନିଜ ପାଇଁ ଭୋଟ ସଂଗ୍ରହ କରୁଥିବା ଏକ ଦୁର୍ନୀତିଗ୍ରସ୍ତ ରାଜନୈତିକ ବ୍ୟକ୍ତି।

(ଖ) ଜଣେ ଶ୍ରମ ବିମୁଖ ରାଜନୈତିକ ବ୍ୟକ୍ତି ଯିଏ କି ଅଯୋଗ୍ୟ

(ଗ) ଅପରାଧରେ ଅଭିଯୁକ୍ତ ଜଣେ ରାଜନୈତିକ ବ୍ୟକ୍ତି

(ଘ) 'ନୋଟା' – ଏମାନଙ୍କ ଭିତରୁ କେହି ନୁହେଁ

୫. ପାଠଶାଳା ସଦସ୍ୟମାନଙ୍କୁ ଦଳରେ ବିଭକ୍ତ ହୋଇ ମତାମତ ପ୍ରସ୍ତୁତ କରିବା ପାଇଁ ୧୫ ମିନିଟ୍ ସମୟ ଦେଇ, ଆବାହାକ ଏକ ଦଳଗତ ଆଲୋଚନା ବା ବିତର୍କ ଆରମ୍ଭ କରିବେ। ଏହି ଦଳଗତ ଆଲୋଚନା/ବିତର୍କ ନିମ୍ନଲିଖିତ ବିଷୟଗୁଡ଼ିକ ମଧ୍ୟରୁ ଯାହାକୁ ନେଇ କରାଯାଇପାରେ।

- ଦୈନନ୍ଦିନ ଜୀବନରେ ପ୍ରତି ସିଦ୍ଧାନ୍ତ ପାଇଁ ଆପଣ ଏହି 'ନୋଟା' ବିକଳ୍ପ ବ୍ୟବହାର କରିବାକୁ ଚାହିଁବେ କି ?
- ଆପଣ ଯାହା ଚାହୁଁନାହାନ୍ତି ତାହା ସେତିକି ଗୁରୁତ୍ୱପୂର୍ଣ୍ଣ କି, ଯେତିକି ଗୁରୁତ୍ୱପୂର୍ଣ୍ଣ ଆପଣ ଯାହା ଚାହୁଁଛନ୍ତି ?
- 'ନୋଟା' ଗୁରୁତ୍ୱପୂର୍ଣ୍ଣ ବୋଲି ଆପଣ କାହିଁକି ଭାବୁଛନ୍ତି ?

୬. ଆବାହକ ଗୁରୁତ୍ୱର ସହ କହିବେ ଯେ ନୋଟା ମଧ୍ୟ ମତଦାତାଙ୍କ ଏକ ପସନ୍ଦ ଏବଂ ନୋଟାରେଭୋଟ ଦେବା ଅର୍ଥ ଲୋକମାନେ ନିର୍ବାଚନକୁ ଓହ୍ଲେଇଥିବା ପ୍ରାର୍ଥୀମାନଙ୍କୁ ପ୍ରତ୍ୟାଖ୍ୟାନ କରୁଛନ୍ତି। ରାଜନୈତିକ ଦଳମାନେ ପରବର୍ତ୍ତୀ ନିର୍ବାଚନରେ ଉପଯୁକ୍ତ ପ୍ରାର୍ଥୀମାନଙ୍କୁ ନିର୍ବାଚନ କ୍ଷେତ୍ରକୁ ଆଣିବାକୁ ଏହାଦ୍ୱାରା ଉତ୍ସାହିତ ହେବେ।

୭. ୩-୨-୧ ସାରାଂଶ ପରିଚାଳନା ଓ ସ୍ମୃତି ଚାରଣ କାର୍ଯ୍ୟକ୍ରମ ଯେଉଁଥିରେ କି ଆବାହକ ପାଠଶାଳା ସଦସ୍ୟମାନଙ୍କ ଭିତରୁ ଯାହାକୁ ଇଚ୍ଛା ତାକୁ ନିମ୍ନଲିଖିତ ବିଷୟରେ ପଚାରିବେ

- ଯେଉଁ ତିନୋଟି କଥା ସେମାନେ ଆଜି ଶିଖିଲେ
- ଯେଉଁ ଦୁଇଟି କଥା ସେମାନେ ମନେ ରଖିବାକୁ ଯାଉଛନ୍ତି।
- ଯେଉଁ ଗୋଟିଏ କଥା ଯାହା ବିଷୟରେ ସେମାନେ ଆହୁରି ଅଧିକ ଜାଣିବା ଦରକାର (ଏଠାରେ ସେମାନେ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ପ୍ରଶ୍ନ ପଚାରି ପାରିବେ)

**କାର୍ଯ୍ୟକ୍ରମ : ଆସନ୍ତୁ ପଞ୍ଜିକରଣ କରିବା, ପରେ ପରେ ଖେଳ – ଖୋଜିଲେ ପାଇବେ**

**ସମୀକ୍ଷା :**

ଏହି କାର୍ଯ୍ୟକ୍ରମ, ମତଦାତାମାନେ ସେମାନଙ୍କର ନିଜ ନାମ ମତଦାତା ତାଲିକା (ଭୋଟର ତାଲିକା)ରେ ଖୋଜି ପାଇବାକୁ ଏବଂ ଅଣପଞ୍ଜିକୃତ ଯୋଗ୍ୟ ମତଦାତାମାନଙ୍କୁ ଫର୍ମ ନଂ. ୬ ପୂରଣ କରି ଭୋଟର ତାଲିକାରେ ସାମିଲ ହେବାକୁ ମାର୍ଗଦର୍ଶନ ଦେବା ପାଇଁ ପାଠଶାଳାର ସଦସ୍ୟଙ୍କୁ ପ୍ରୋତ୍ସାହିତ କରିବା।

**ଯୋଗଦାନକାରୀ :** ୧୪ ବର୍ଷ ବୟସ୍କ ଓ ତଦୁର୍ଦ୍ଧ୍ୱ ସମସ୍ତେ

**ଶିକ୍ଷା ଫଳାଫଳ :**

ଏହି କାର୍ଯ୍ୟକ୍ରମ ଶେଷ ହେବା ପରେ ସଦସ୍ୟମାନେ ନିଶ୍ଚିତ;

i. ମତଦାତା ତାଲିକାରେ ସେମାନଙ୍କର ନାମ ଯାଞ୍ଚ କରିବା ଶିଖିବେ
ii. ମତଦାତା ତାଲିକାରେ ଲେଖାଯାଇଥିବା ତଥ୍ୟ ସମୂହକୁ ସଂଶୋଧନ କରିବା ଜାଣିବେ
iii. ଫର୍ମ ୬ ପୂରଣ କରିବା ଶିଖିବେ
iv. ଅନ୍ୟମାନଙ୍କୁ ପଞ୍ଜିକୃତ ହେବାକୁ ପ୍ରୋତ୍ସାହିତ କରିବେ।

**ସାଧନ :**

i. ସ୍ଥାନୀୟ ମତଦାତା (ଭୋଟର) ତାଲିକା
ii. ଫର୍ମ ନଂ. ୬ର ନମୁନା (ପାଠଶାଳାର ସଦସ୍ୟ ସଂଖ୍ୟାକୁ ଦୃଷ୍ଟିରେ ରଖି ବିଏଲଓ ବନ୍ଦୋବସ୍ତ କରିବେ)
iii. ଫର୍ମ ନଂ. ୮ରୁ କେତେଖଣ୍ଡ (ବିଏଲ୍ଓ ଯୋଗାଡ଼ କରିବେ)
iv. ନିର୍ବାଚନ ପଞ୍ଜିକରଣ ଅଧିକାରୀଙ୍କ ବିଷୟରେ ତଥ୍ୟ

***ଟିପ୍ପଣୀ :*** ବୁଥସ୍ତରୀୟ ଅଧିକାରୀ (ବିଏଲଓ)ଙ୍କ ଉପସ୍ଥିତି ଏହି କାର୍ଯ୍ୟକ୍ରମ ପାଇଁ ନିହାତି ଜରୁରୀ।

**ସାମଗ୍ରୀ :** କଲମ ଓ କାଗଜ


**ପ୍ରଣାଳୀ :**

୧. ଉପସ୍ଥିତ ସମସ୍ତେ ନିର୍ବାଚନ ପାଠଶାଳା ଗୀତ ଗାଇ ଅଧିବେଶନ ଆରମ୍ଭ କରିବେ। ସମସ୍ତଙ୍କ ସୁବିଧା ପାଇଁ ଗୀତଟିକୁ କଳାପଟା (ବ୍ଲାକବୋର୍ଡ)ରେ ଲେଖି ଦିଆଯିବା ଉଚିତ

୨. ମତଦାତା ପଞ୍ଜିକରଣ ଅଧିକାରୀ (ଇଆରଓ) ସ୍ତରୀୟ ଅଧିକାରୀ (ବିଏଲଓ)ଙ୍କ ନାମ ଓ ଯୋଗାଯୋଗ ଠିକଣା କଳାପଟାରେ ଲେଖିଦିଅନ୍ତୁ।

୩. ଆବାହକ ସଦସ୍ୟମାନଙ୍କୁ ଦୁଇଟି ଦଳ ଭାବେ ନିଜେ ଚିହ୍ନିତ କରି ତାହା ଲିପିବଦ୍ଧ କରି ରଖିବେ। ଗୋଟିଏ ଦଳରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ସଦସ୍ୟ ରହିବେ, ଆଉ ଦଳଟିରେ ୧୪ ବର୍ଷରୁ ୧୭ ବର୍ଷ ବୟସ୍କ ସମସ୍ତ ସଦସ୍ୟ ରହିବେ। କିନ୍ତୁ ଆବାହକ ଏହା ନିଶ୍ଚିତ କରିବେ ଯେ ସମସ୍ତେ ଏକାଠି ବସିବେ ଏବଂ ଏଇ ଯେଉଁ ଦୁଇ ଦଳ କଥା କୁହାଗଲା, ସେମାନେ ଅଲଗା ହୋଇ ବସିବେ ନାହିଁ।





୪. 'ମତଦାତା ତାଲିକା କ'ଣ' ସଦସ୍ୟମାନଙ୍କୁ ଏହି ପ୍ରଶ୍ନ ପଚାରି ଆବାହକ, ଅଧିବେଶନ ଆରମ୍ଭ କରିବେ। ଏହି ପ୍ରଶ୍ନ ସହିତ ସେ ଭୋଟର ତାଲିକା ଏବଂ ତା'ର ଗୁରୁତ୍ୱ ଉପରେ ସଂକ୍ଷିପ୍ତ ଆଲୋଚନା ଆରମ୍ଭ କରିବେ। ଆବାହକ ନିଶ୍ଚିତପକ୍ଷେ ଏହି ସବୁ କରିବେ।

- ନିର୍ବାଚନ ଅନୁକରଣରୁ ଘଟଣାମାନ ମନେ ପକାଇବେ ଏବଂ କିପରି ଭୋଟ ପୂର୍ବରୁ ଏକ ନମୁନା ମତଦାତା ତାଲିକାରେ ନିଜ ନାମକୁ ପଞ୍ଜିକୃତ କରାଇଥିଲେ ସେ ବିଷୟରେ କହିବେ।
- ସଦସ୍ୟମାନଙ୍କୁ ଜଣାଇବେ ଯେ ମତଦାତା ଭାବେ ପଞ୍ଜିକୃତ ହୋଇଥିବା ସମସ୍ତ ନାଗରିକଙ୍କ ନାମକୁ ନେଇ ମତଦାତା ତାଲିକା ପ୍ରସ୍ତୁତ କରାଯାଇଛି।
- ସଦସ୍ୟମାନଙ୍କୁ କହିବେ ଯେ ମତଦାତା ତାଲିକାରେ ନାଁ ରହିବା ଖୁବ୍ ଗୁରୁତ୍ୱପୂର୍ଣ୍ଣ, ନହେଲେ ସେମାନେ ମତଦାନ କରିପାରିବେ ନାହିଁ।
- ସଦସ୍ୟମାନଙ୍କୁ ଜଣାଇବେ ଯେ ଯଦି ସେମାନେ ମତଦାତା ଭାବେ ପଞ୍ଜିକୃତ ହେବାକୁ ଫର୍ମ ୬ ପୂରଣ କରି ଦାଖଲ କରିଛନ୍ତି ତେବେ ନିର୍ବାଚନ ପୂର୍ବରୁ ସେମାନଙ୍କ ନାଁ ଏବଂ ଅନ୍ୟାନ୍ୟ ବିବରଣୀ ମତଦାତା ତାଲିକାରେ ଉଠିଛି କି ନାହିଁ ତାହା ଦେଖିବା ନିତାନ୍ତ ଦରକାର।

୫. ଏହାପରେ ଆବାହକ ସେ ଅଞ୍ଚଳର ମତଦାତା ତାଲିକାଟି ଆଣିବେ ଏବଂ ୧୮ ବର୍ଷରୁ ଉର୍ଦ୍ଧ୍ୱ ସବୁ ସଦସ୍ୟଙ୍କୁ ସେହି ତାଲିକାରେ ନିଜ ନାମ ଓ ଭୋଟ ଦେବା ପାଇଁ ଯୋଗ୍ୟ ତାଙ୍କ ପରିବାରର ଅନ୍ୟ ସଦସ୍ୟଙ୍କ ନାମ ଓ ଅନ୍ୟାନ୍ୟ ବିବରଣୀ ଖୋଜି ବାହାର କରିବାକୁ କହିବେ।

- ଯେଉଁମାନଙ୍କର ନାମ ସେ ତାଲିକାରେ ନଥିବ ଅର୍ଥାତ୍ ସେମାନେ ପଞ୍ଜିକୃତ ହୋଇ ନାହାନ୍ତି ସେ ସମସ୍ତଙ୍କୁ ଆବାହକ, ଫର୍ମ ନଂ. ୬ ଯୋଗାଇ ଦେବେ।
- ଯେଉଁ ଯୋଗ୍ୟ ମତଦାତାମାନଙ୍କର ନାମ ଓ ଅନ୍ୟାନ୍ୟ ବିବରଣୀ ମତଦାତା ତାଲିକାରେ ଭୁଲ ଲେଖାଯାଇଛି ଆବାହକ ସେ ସମସ୍ତଙ୍କୁ ଫର୍ମ ନଂ. ୬ ଯୋଗାଇ ଦେବେ।
- ୧୪ ବର୍ଷରୁ ୧୭ ବର୍ଷ ବୟସ୍କ ସମସ୍ତ ସଦସ୍ୟଙ୍କୁ ଆବାହକ ଫର୍ମ ନଂ. ୬ ଯୋଗାଇ ଦେବେ।

୬. ଭୁଲ ତଥ୍ୟ ପଞ୍ଜିକୃତ ହୋଇଥିବା ସଦସ୍ୟମାନଙ୍କୁ ସମ୍ବୋଧନ କରି ଆବାହକ ବୁଝାଇ ଦେବେ କିପରି ଫର୍ମ ନଂ. ୮ ପୂରଣ କରି ସେମାନେ ଭୁଲ ତଥ୍ୟ ସବୁକୁ ଠିକ୍ କରିପାରିବେ। ତା'ପରେ ସେ ଫର୍ମ କିପରି ପୂରଣ କରିବାକୁ ହେବ ସେ ବିଷୟରେ ନିର୍ଦ୍ଦେଶ ଦେବେ।

୭. ଅନ୍ୟ ସମସ୍ତଙ୍କ ପାଇଁ, ଫର୍ମ ନଂ. ୬ କିପରି ପୂରଣ କରିବାକୁ ହେବ ସେ ବିଷୟରେ ନିର୍ଦ୍ଦେଶ ଦେବାକୁ ଆବାହକ ଆଗେଇ ଆସିବେ। ୧୮ ବର୍ଷରୁ କମ୍ ସମସ୍ତ ଯୁବ ସଦସ୍ୟଙ୍କ ପାଇଁ ଏହା ଏକ ଅଭ୍ୟାସ କାର୍ଯ୍ୟକ୍ରମ ରୂପେ କାମ କରିବ। ପଞ୍ଜିକୃତ ହୋଇଥିବା ସଦସ୍ୟ ଯେଉଁମାନଙ୍କର ତଥ୍ୟ / ବିବରଣୀରେ କୌଣସି ଭୁଲ୍ ନଥିବ ସେମାନଙ୍କୁ ଅନ୍ୟମାନଙ୍କ ଫର୍ମ ପୂରଣ କରିବା କାମରେ ସହାୟତା କରିବା ଲାଗି କୁହାଯିବ।

୯. ସବୁ ଫର୍ମ ପୂରଣ ହୋଇସାରିଲା ପରେ, ୧୮ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କ ଫର୍ମ ଆବାହକ ସଂଗ୍ରହ କରିବେ ଏବଂ ବିଏଲଓଙ୍କୁ ସେ ସବୁ ହସ୍ତାନ୍ତର କରିବେ। ୧୪ ବର୍ଷରୁ ୧୭ ବର୍ଷ ବୟସ୍କ ସଦସ୍ୟମାନଙ୍କ ସମସ୍ତ ଫର୍ମକୁ ନିଜେ ଆବାହକ ପରୀକ୍ଷା କରି ଦେଖିବେ।


୧୦. ଫର୍ମ ସଂଗ୍ରହ ପରେ, ବିଏଲଓଙ୍କ ଭୂମିକାକୁ ଆବାହକ ଆଉ ଥରେ ବୁଝାଇଦେବେ ଏବଂ ସଦସ୍ୟମାନଙ୍କୁ ଜଣାଇବେ ଯେ ପଞ୍ଜିକରଣ ସମୟରେ ଯେକୌଣସି ସମସ୍ୟାର ସମାଧାନ ପାଇଁ ସେମାନେ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲଓ) କିମ୍ବା ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଇଆର୍‌ଓ)ଙ୍କ ସହିତ ଯୋଗାଯୋଗ/ସଂପର୍କ କରିପାରିବେ। ଏହି ଦୁଇ ଅଧିକାରୀଙ୍କ ବିଷୟରେ ସବିଶେଷ ବିବରଣୀ କଳାପଟା (ବ୍ଲାକ୍‌ବୋର୍ଡ)ରୁ ଟିପି ନେବାକୁ ସେ ସମସ୍ତଙ୍କୁ ଉତ୍ସାହିତ କରିବେ।

୧୧. ଆବାହକ ସବୁ ସଦସ୍ୟମାନଙ୍କୁ ଉତ୍ସାହିତ କରିବେ ଯେ ସେମାନେ ତାଙ୍କ ଗୋଷ୍ଠୀର ଯାହାକୁ ଜାଣିଥିବେ, ସମସ୍ତଙ୍କୁ ମତଦାତା ତାଲିକାରେ ସେମାନଙ୍କର ନାମ ଯାଞ୍ଚ କରିବାକୁ ଆଗ୍ରହ ପ୍ରକାଶ କରିବେ ଏବଂ ଯଦି ସେମାନେ ପଞ୍ଜିକୃତ ହୋଇନାହାନ୍ତି, ନିଜକୁ ପଞ୍ଜିକୃତ କରାଇବେ।


୧୨. ୩-୨-୧ ସାରାଂଶ ପରିଚାଳନା ଏବଂ ସ୍ମୃତି ଚାରଣ କାର୍ଯ୍ୟକ୍ରମ ଯେଉଁଥିରେ କି ଆବାହକ ଉପସ୍ଥିତ ସଦସ୍ୟମାନଙ୍କ ଭିତରୁ ଯାହାକୁ ଇଚ୍ଛା ତାକୁ ଏ ସବୁକଥା ପଚାରିବେ।

- ଯେଉଁ ତିନୋଟି କଥା ସେମାନେ ଆଜି ଶିଖିଲେ
- ଯେଉଁ ଦୁଇଟି କଥା ସେମାନେ ମନେ ରଖିବାକୁ ଯାଉଛନ୍ତ
- ଯେଉଁ ଗୋଟିଏ କଥା ଯାହା ବିଷୟରେ ସେମାନେ ଆହୁରି ଆଧିକା ଜାଣିବା ଦରକାର (ଏହିଠାରେ ସେମାନେ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ପ୍ରଶ୍ନ ପଚାରି ପାରିବେ)

୧୩. 'ଖୋଜିଲେ ପାଇବେ' ଏହି ଖେଳ ସହିତ ଅଧିବେଶନ ଶେଷ କରନ୍ତୁ। ଆବାହକ ଖେଳ ସହିତ ଥିବା ନିର୍ଦ୍ଦେଶାବଳୀ ବୁଝାଇଦେବେ ଓ ସମସ୍ତଙ୍କୁ ଖେଳରେ ଯୋଗଦେବା ପାଇଁ ଉତ୍ସାହିତ କରିବେ





## କାର୍ଯ୍ୟକ୍ରମ : ନିର୍ବାଚନ କାହାଣୀମାଳା ଓ ପରେ ପରେ ବୋଧଗମ୍ୟ ଓ ଅନ୍ତର୍ଭୁକ୍ତି ଉପରେ ଲୁଡୁ ଖେଳ।

### ସମୀକ୍ଷା :

ଆବାହକ, ନିର୍ବାଚନ ସଂପୃକ୍ତ ବିଭିନ୍ନ କାହାଣୀ ମାଧ୍ୟମରେ, ପଞ୍ଜିକରଣ ପ୍ରକ୍ରିୟାର ଗୁରୁତ୍ୱପୂର୍ଣ୍ଣ ତଥ୍ୟ, ନୀତିଗତ ମତଦାନ, ନିର୍ବାଚନରେ କର୍ତ୍ତବ୍ୟ, ଅକର୍ତ୍ତବ୍ୟ ବିଷୟରେ ସୂକ୍ଷ୍ମ ଭାବେ ବୁଝାଇ ସଦସ୍ୟମାନଙ୍କୁ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବାକୁ ଉତ୍ସାହିତ କରିବେ। ସମୂହ / ଗୋଷ୍ଠୀର ବିଭିନ୍ନ ସମସ୍ୟା ଓ ସେ ସବୁର ସମାଧାନ ଏବଂ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରତିବନ୍ଧକ ବିଷୟରେ ବି ଆବାହକ ଗଳ୍ପ ଛଳରେ ଆଲୋଚନା କରିବେ।

ବାସ୍ତବରେ, ପାଠଶାଳାର ସଦସ୍ୟମାନଙ୍କ ସହିତ ଆବାହକ ଏକ କାହାଣୀ କଥନ ଅଧିବେଶନରେ ବ୍ୟାପୃତ ରହିବେ।

**ଯୋଗଦାନକାରୀ :** ପାଠଶାଳାର ସମସ୍ତ ସଦସ୍ୟ

### ଶିକ୍ଷାଲାଭ :

ଏହି କାର୍ଯ୍ୟକ୍ରମ ଶେଷ ହେବା ପରେ, ସଦସ୍ୟମାନେ ନିଶ୍ଚିତ;

i. ପ୍ରତ୍ୟେକ ଭୋଟର ମୂଲ୍ୟ ବୁଝିବାକୁ ସକ୍ଷମ ହେବେ
ii. ନୀତିଗତ ଓ ବିଜ୍ଞ ମତଦାନ ଦିଗରେ ଏକ ମୂଲ୍ୟବୋଧ ଜାଗ୍ରତ କରିବେ।
iii. ଲୋକମାନଙ୍କ ପାଖକୁ ମତପତ୍ରଟି ପହଞ୍ଚାଇବା ପାଇଁ ବ୍ୟାପକ ପ୍ରସ୍ତୁତିକୁ ହୃଦୟଙ୍ଗମ କରିବେ।

### ସାଧନ :

i. ମତଦାନରେ ଆସ୍ଥା (ସାଧନ ଉପରକଣରେ ଦିଆଯାଇଛି)
ii. ଗଣତନ୍ତ୍ରର ପ୍ରହରୀ (ସାଧନ ଉପରକଣରେ ଦିଆଯାଇଛି)
iii. ବୋଧଗମ୍ୟ ଓ ଅନ୍ତର୍ଭୁକ୍ତି ଉପରେ ଲୁଡୁ ଖେଳ (ସାଧନ ଉପକରଣରେ ଦିଆଯାଇଛି)

### ପ୍ରଣାଳୀ :

୧. ଉପସ୍ଥିତ ସମସ୍ତେ ନିର୍ବାଚନ ପାଠଶାଳା ଗୀତ ଗାଇ ଅଧିବେଶନ ଆରମ୍ଭ କରିବେ। ସମସ୍ତଙ୍କ ସୁବିଧା ଲାଗି ଗୀତଟିକୁ କଳାପଟ (ବ୍ଲାକ ବୋର୍ଡ)ରେ ଲେଖି ଦିଆଯିବ।

୨. ଆବାହକ, 'କାହାଣୀ କଥନ' ଅଧିବେଶନଟିଏ ଆରମ୍ଭ କରି ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରିବେ।

୩. ତା'ପରେ ବିଷୟଟି ଉପରେ ନିଜ ନିଜ ଅଭିଜ୍ଞତା ବଣ୍ଟନ ପାଇଁ ଆବାହକ ସଦସ୍ୟଙ୍କୁ ନିମନ୍ତ୍ରଣ ଜଣାଇବେ।

୪. ପରେ ପରେ ଏକ ସୁସ୍ଥ ଆଲୋଚନା ଜାରି ରହିବ ଯାହାଦ୍ୱାରା ଆବାହକ, ଲୋକମାନଙ୍କର ଉପଲବ୍ଧିକୁ ମାପି ପାରିବେ ଓ ସେମାନଙ୍କ ସମସ୍ୟା ବିଷୟରେ ଅବଗତ ହେବେ।

୫. ବୋଧଗମ୍ୟ ଓ ଅନ୍ତର୍ଭୁକ୍ତି ଉପରେ ଲୁଡୁ ଖେଳ କରାଯାଇ ଅଧିବେଶନ ସାଙ୍ଗ କରାଯିବ। ଆବାହକ ଖେଳ ସହିତ ଥିବା ନିର୍ଦ୍ଦେଶାବଳୀକୁ ବୁଝାଇଦେବେ ଓ ସମସ୍ତ ସଦସ୍ୟଙ୍କୁ ଖେଳରେ ଭାଗନେବାକୁ ଉତ୍ସାହିତ କରିବେ।

**ସମୂହ କାର୍ଯ୍ୟକ୍ରମ : ସାପ ଶିଡ଼ି ଖେଳ**

**ସମୀକ୍ଷା :**

ନିର୍ବାଚନ ପାଠଶାଳାର ସଦସ୍ୟମାନେ ଖେଳ ପରିଚାଳନା କରିବେ ଓ ଗୋଷ୍ଠୀର ସଦସ୍ୟମାନେ ଏହି ଖେଳ ଖେଳିବେ।

**ଶିକ୍ଷାରୁ ଲାଭ :**

ଏହି କାର୍ଯ୍ୟକ୍ରମ ଶେଷ ହେବା ପରେ, ସଦସ୍ୟମାନେ ନିମ୍ନଲିଖିତ ବିଷୟଗୁଡ଼ିକରେ ନିଶ୍ଚୟ ଅବଗତ ହେବେ;

(କ) ମତଦାତା ପଞ୍ଜିକରଣ ପ୍ରକ୍ରିୟା

(ଖ) ପଞ୍ଜିକରଣ ପାଇଁ ଫର୍ମ ନଂ. ୬

(ଗ) ମତଦାତା ସହାୟତା ଟେଲିଫୋନ ନଂ. ୧୮୦୦-୧୧-୧୯୫୦

(ଘ) ମତଦାତା ତାଲିକାରେ ନାମ ଯାଞ୍ଚ କରିବା

(ଙ) ଭୋଟ ପରିଚୟପତ୍ର

**ସାଧନ :**

(କ) ନିର୍ବାଚିତ୍ର ସିନେମା / ଚିତ୍ର ପଟ୍ଟଳ (ସାଧନ ଉପକରଣରେ ଦିଆଯାଇଛି)

(ଖ) ବିଜ୍ଞ ମତଦାତା ବିଷୟରେ ସାପଶିଡ଼ି ଖେଳ

**ସାମଗ୍ରୀ :** ଖେଳଚିତ୍ର ଅଙ୍କନ ପାଇଁ (ସାଧନ ଉପକରଣରେ ଦିଆଯାଇଛଇ) ଚକ୍ ଖଡ଼ି କିମ୍ବା ଶୁଖିଲା ରଙ୍ଗ (ମୁରୁଜ)

**ପ୍ରସ୍ତୁତି :**

ଅଙ୍ଗନବାଡ଼ି କେନ୍ଦ୍ର, ସରକାରୀ ବିଦ୍ୟାଳୟର ପଡ଼ିଆ, ପଞ୍ଚାୟତ ସଭା ପଡ଼ିଆ କିମ୍ବା ଅନ୍ୟ ଯେକୌଣସି ପଡ଼ିଆ ଏହି କାର୍ଯ୍ୟକ୍ରମ ପାଇଁ ସମ୍ଭାବ୍ୟ ଉପଯୁକ୍ତ ସ୍ଥାନ ହୋଇପାରେ।


**ପ୍ରଣାଳୀ :**

(୧) ନିର୍ବାଚନ ପାଠଶାଳା ସଦସ୍ୟମାନଙ୍କ ଦ୍ୱାରା ନିର୍ବାଚନ ପାଠଶାଳା ଗୀତ ଗାନ କରାଯାଇ ସମୂହ ଅଧିବେଶନ ଆରମ୍ଭ କରାଯିବ। ଆବାହକ ନିର୍ବାଚନ ପାଠଶାଳା ସଦସ୍ୟଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମକୁ ତଦାରଖ କରିବେ ଓ ଆବଶ୍ୟକସ୍ଥଳେ ହସ୍ତକ୍ଷପ କରିବେ।

(୨) ସମୂହ / ଗୋଷ୍ଠୀଙ୍କୁ ନିର୍ବାଚିତ୍ର ସିନେମା / ଚିତ୍ରପଟ୍ଟଳ ପ୍ରଦର୍ଶନ କରାଯିବ।

(୩) ଏ ଭିତରେ ନିର୍ବାଚନ ସାକ୍ଷରତା କ୍ଲବର ସଦସ୍ୟମାନେ ଚଟାଣରେ ଏହି ଖେଳର ଏକ ଚିତ୍ର ଅଙ୍କ କରିବେ କିମ୍ବା ଖେଳ ଛପା ହୋଇଥିବା ଫ୍ଲେକ୍ସ ବିଛାଇଦେବେ।





(୪) ଏହି ଖେଳର ଚିତ୍ର ଆଙ୍କିବା ବେଳେ ସଦସ୍ୟମାନେ ନିର୍ବାଚନ ପ୍ରକ୍ରିୟାର ବିଭିନ୍ନ ଅଙ୍ଗ ସବୁକୁ ଆଉଥରେ ଶିଖିବେ।

(୫) ସମୁହର ସଦସ୍ୟମାନେ, ଏହି ଖେଳ ଖେଳିବା ବେଳେ ପଞ୍ଜିକରଣ ପ୍ରକ୍ରିୟା ଓ ମତଦାନ ବିଷୟରେ ଶିଖିବେ।

(୬) ୩-୨-୧ ସାରାଂଶ ପରିଚାଳନା ଓ ସ୍ମୃତିଚାରଣ କାର୍ଯ୍ୟକ୍ରମ ଯେଉଁଥିରେ ଆବାହକ ଉପସ୍ଥିତ ସଦସ୍ୟମାନଙ୍କ ଭିତରୁ ଯାହାକୁ ଇଚ୍ଛା ତା'କୁ ଏହି ସବୁ କଥା ପଚାରିବେ।

- ଯେଉଁ ତିନୋଟି କଥା ଆଜି ସେମାନେ ଶିଖିଲେ
- ଯେଉଁ ଦୁଇଟି ସେମାନେ ମନେ ରଖିବାକୁ ଯାଉଛନ୍ତି
- ଯେଉଁ ଗୋଟିଏ କଥା ବିଷୟରେ ସେମାନେ ଆହୁରି ଅଧିକା ଜାଣିବା ଦରକାର (ଏଇଠି ସେମାନେ ବିଷୟ ସଂପର୍କିତ ପ୍ରଶ୍ନ ପଚାରି ପାରିବେ)

(୭) ଉପସଂହାର : ମତଦାତା ପଞ୍ଜିକରଣ ପ୍ରକ୍ରିୟା, ବିଶେଷ କରି ଫର୍ମ ନଂ. ୬, ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ଏବଂ ମତଦାତା ତାଲିକା ଏହି ସବୁର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରି ପାଠଶାଳାର ସଦସ୍ୟମାନେ ଖେଳ ଶେଷ କରିବେ।



## ସମୂହ କାର୍ଯ୍ୟକ୍ରମ : ନିର୍ବାଚନ ଯନ୍ତ୍ର (ଇଭିଏମ୍ ଓ ଭିଭିପ୍ୟାଟ୍)

**ସମୀକ୍ଷା :**

'ନିର୍ବାଚନ ଯନ୍ତ୍ର' ଏକ ଚଳଚ୍ଚିତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ଯେଉଁଥିରେ ଦର୍ଶକମାନଙ୍କୁ ଇଭିଏମ୍ ଓ ଭିଭିପ୍ୟାଟ୍ ଉପରେ ଏକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଏ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦର୍ଶକମାନେ ଶିଖିବେ ଇଭିଏମ୍ (ଇଲୋକ୍ଟ୍ରୋନିକ ମତଦାନ ଯନ୍ତ୍ର) କିପରି କାମ କରେ ଏବଂ ଭି ଭି ପ୍ୟାଟ୍ ମେସିନ୍ କିପରି ଜଣେ ମତଦାତାଙ୍କ ମତଦାନ (ଭୋଟ)ର ଗୋପନୀୟତା ରକ୍ଷା କରେ।

**ଯୋଗଦାନକାରୀ :** ସମୂହର ସମସ୍ତ ସଦସ୍ୟ ଏବଂ ନିର୍ବାଚନ ପାଠଶାଳାର ସମସ୍ତ ସଦସ୍ୟ।


**ଶିକ୍ଷାର ଫଳାଫଳ :**

ଏହି କାର୍ଯ୍ୟକ୍ରମ ଶେଷ ହେବା ପରେ ସଦସ୍ୟମାନେ ନିଶ୍ଚିତ;

(କ) ଇଭିଏମ୍ ଓ ଭିଭି ପ୍ୟାଟ ମେସିନ୍ ବାବଦରେ ଜ୍ଞାନ ଅର୍ଜନ କରିବେ

(ଖ) ଇଭିଏମ୍‌ରେ କିପରି ମତଦାନ କରାଯାଏ ସେ ବିଷୟରେ ଜ୍ଞାନ ଅର୍ଜନ କରିବେ

(ଗ) ଇଭିଏମରେ ମତଦାନର ନିରାପତ୍ତା ଓ ଅପରିବର୍ତ୍ତନୀୟତା ବିଷୟରେ ହୃଦୟଙ୍ଗମ କରିବେ।



**ସାଧନ :**

(କ) ଇଭିଏମ୍ - ଭିଭି ପ୍ୟାଟ୍ ଚଳଚ୍ଚିତ୍ର (ସାଧନ ଉପକରଣରେ ଦିଆଯାଇଛି)

(ଖ) ପ୍ରତିରୂପ (ଡମି) ଇଭିଏମ୍

(ଗ) ଇଭିଏମ୍ ବିଷୟରେ ପ୍ରଚାରପତ୍ର

**ଆବଶ୍ୟକ ସାମଗ୍ରୀ :**

(କ) ପରଦା (ସିନେମା ପାଇଁ), ପ୍ରୋଜେକ୍ଟର, ଲ୍ୟାପଟପ୍, ସ୍ପିକର (ମାଇକ୍)

**ପ୍ରଣାଳୀ:**

୧. ଆବାହକ ଓ ପାଠଶାଳା ସଦସ୍ୟମାନେ ଗୋଷ୍ଠୀର ସବୁଲୋକମାନଙ୍କୁ ଗୋଟିଏ ଉପଯୁକ୍ତ ଜାଗାରେ ଏକତ୍ରିତ କରାଇବେ।

୨. ନିର୍ବାଚନ ପାଠଶାଳା ସଦସ୍ୟମାନଙ୍କ ଦ୍ୱାରା ନିର୍ବାଚନ ପାଠଶାଳା ଗୀତ ଗାନ କରାଯାଇ ସମୂହ ଅଧିବେଶନ ଆରମ୍ଭ କରାହେବ।

୩. ଆବାହକ ଇଭିଏମ୍-ଭିଭି ପ୍ୟାଟ୍ ସିନେମା ପ୍ରଦର୍ଶନ କରାଇବେ।

୪. ସିନେମା ଦେଖା ସରିବା ପରେ, ସେ ଦର୍ଶକମାନଙ୍କ ଠାରୁ ଇଭିଏମ୍ ବ୍ୟବହାର ଉପରେ ପ୍ରଶ୍ନ ଆମନ୍ତ୍ରଣ କରିବେ।


୫. ଏହାପରେ ଆବାହକ ଏକ ନମୁନା (ପ୍ରତିରୂପ) ଇଭିଏମ୍ ବାହାର କରିବେ ଏବଂ ଏହା କିପରି ବ୍ୟବହାର କରାଯାଏ ଦେଖାଇବେ।

୬. ପ୍ରଦର୍ଶନ ପରେ, ଇଭିଏମ୍‌ରେ କିପରି ମତଦାନ କରିବାକୁ ହୁଏ ସେ ବିଷୟରେ ସଦସ୍ୟମାନଙ୍କୁ ପ୍ରଶ୍ନ ପଚାରି ଆବାହକ ଇଭିଏମ୍‌ର ପୁନରାଲୋଚନା କରିବେ।

୭. ଇଭିଏମ୍ ଭୋଟ ସଂଗ୍ରହର ଏକ ନିରାପଦ ଓ ଫଳପ୍ରଦ ଯନ୍ତ୍ର ଏବଂ ଇଭିଏମ୍ ମତଦାନର ଗୋପନୀୟତା ରକ୍ଷା କରିବା ନିଶ୍ଚିତ କରେ- ଏହିକଥା ଆଉଥରେ ଦୃଢ଼ ଭାବରେ ଘୋଷଣା କରି ଆବାହକ ଏ ଅଧିବେଶନ ସାଙ୍ଗ କରିବେ।

୮. ସଦସ୍ୟମାନେ ଉପସ୍ଥିତ ସମସ୍ତଙ୍କୁ ଇଭିଏମ୍ ଉପରେ ପ୍ରଚାରପତ୍ର ବଣ୍ଟନ କରିବେ।





## ସମୂହ କାର୍ଯ୍ୟକ୍ରମ : ଲୋକକଳା ପ୍ରଦର୍ଶନ

କାହାଣୀ କଥନ ଏବଂ ପାରମ୍ପରିକ ଲୋକକଳାର ମାଧ୍ୟମ ବ୍ୟବହାର କରି, ବିଭିନ୍ନ ଗୋଷ୍ଠୀର ସଦସ୍ୟଙ୍କ ଭିତରେ ଗଣତନ୍ତ୍ରରେ ପ୍ରତ୍ୟେକ ଭୋଟର ମୂଲ୍ୟର ଭାବନା ଉଦ୍ରେକ କରିବା ଓ ସଂଗେସଂଗେ ପଞ୍ଜିକରଣ ପ୍ରକ୍ରିୟା ବିଷୟରେ ଲବ୍ଧଜ୍ଞାନକୁ ଦୋହରାଇବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ।

**ଯୋଗଦାନକାରୀ :** ପାଠଶାଳା ସଦସ୍ୟମାନେ ଲୋକନୃତ୍ୟ ପ୍ରସ୍ତୁତ କରିବେ ଯାହାକି ପରେ ସର୍ବସାଧାରଣରେ ପ୍ରଦର୍ଶିତ ହେବ।

**ମୁଖ୍ୟ ଶିକ୍ଷା :** କାହାଣୀ ଉପରେ ନିର୍ଭର କରେ।

**ସାଧନ :** 'ଅଭୟ ଓ ଆଭା' ଛବି ବହି, ସାଧନ ଭିତରେ ଅନ୍ତର୍ଭୁକ୍ତ କାହାଣୀ ଓ ଗଳ୍ପ।

**ପ୍ରସ୍ତୁତି :**

(କ) ସ୍ଥାନୀୟ ଲୋକନୃତ୍ୟ କଳାକାରଙ୍କ ସହିତ ଯୋଗାଯୋଗ ସ୍ଥାପନ କରନ୍ତୁ। ନିର୍ବାଚନ ସାକ୍ଷରତା କ୍ଲବର ଏକ ଯୁଗ୍ମ ଅଧିବେଶନର ଆୟୋଜନ କରନ୍ତୁ ଯେଉଁଠି ପାଠଶାଳା ସଦସ୍ୟ ଓ କଳାକାରମାନେ, କଳା ମାଧ୍ୟମରେ ମତଦାନ-ଶିକ୍ଷା ଉପରେ ବାର୍ତ୍ତା / ଗଳ୍ପ ସୃଷ୍ଟି କରିବେ।

(ଖ) ବିଭିନ୍ନ ଅଞ୍ଚଳକୁ ନେଇ ଏହି ଲୋକକଳା ଭିନ୍ନ ଭିନ୍ନ ହେବ। ଏହି ଲୋକକଳା ନୃତ୍ୟ, ନାଟକ କିମ୍ବା କଣ୍ଢେଇନାଚ ହୋଇପାରେ ଅଥବା ରାଜସ୍ଥାନର କାବାଡ୍ କିମ୍ବା ଗୁଜୁରାଟର ୱାର୍ଲି ଚିତ୍ରକଳା, ଚିତ୍ରପଟ୍ଟଳ ବା ଅନ୍ୟ ଯେକୌଣସି ଆଞ୍ଚଳିକ ଲୋକକଳା ହୋଇପାରେ।

(ଗ) ଲୋକନୃତ୍ୟ, ନାଟକ, ପ୍ରଥପ୍ରାନ୍ତ ନାଟକ ବା ଗୀତିନାଟ୍ୟ ଯାହାହେଉନା କାହିଁକି ଚେଷ୍ଟା କରିବେ, ଯେତେସମ୍ଭବ ସେତେ ନିର୍ବାଚନ ସାକ୍ଷରତା କ୍ଲବର ସଦସ୍ୟମାନେ ଏଥିରେ ଯୋଗଦେବେ।

(ଘ) ଯଦି ଲୋକନୃତ୍ୟ କଳାକାର କେହି ମିଳୁନାହାନ୍ତି, ତେବେ ତାଙ୍କୁ ବାଦ୍ ଦେଇ ଏ କାର୍ଯ୍ୟକ୍ରମ ଅନୁଷ୍ଠିତ କରାନ୍ତୁ।

(ଙ) ସାଧନରେ ଦିଆଯାଇଥିବା କାହାଣୀଗୁଡ଼ିକୁ ସଦସ୍ୟମାନେ ବିଚାରକୁ ନେଇପାରିବେ। ତେବେ ଆଶା କରାଯାଏ ଯେ, ସାଧନରେ ପ୍ରଦତ୍ତ ଗଳ୍ପ ଆଧାରରେ ଉକ୍ତ ଗଳ୍ପଗୁଡ଼ିକୁ କେବଳ ଉଦାହରଣ ଭାବେ ନେଇ ନିଜର ଗଳ୍ପ ସୃଷ୍ଟି କରିବେ। ସେମାନଙ୍କୁ ଏହି ଗଳ୍ପ ସୃଷ୍ଟି କରିବା ଦିଗରେ ରାସ୍ତା ଦେଖାଇବାକୁ ପଡ଼ିବ।

(ଚ) ଯେଉଁ ସଦସ୍ୟମାନେ ନୃତ୍ୟ ପ୍ରଦର୍ଶନରେ ଭାଗ ନେଉନାହାନ୍ତି, ସେମାନେ ଏସବୁ କଳା ପ୍ରଦର୍ଶନର ବାର୍ତ୍ତା / ଫଳାଫଳକୁ ଗୁରୁତ୍ୱ ଦେଇ ପ୍ରଚାରପତ୍ର ତିଆରି କରିବେ।

(ଛ) ଗୋଟିଏ ସାମୂହିକ ଉତ୍ସବ / ମିଳନସ୍ଥଳ ଠିକ୍ କରନ୍ତୁ ଯେଉଁଠି ନିର୍ବାଚନ ସାକ୍ଷରତା କ୍ଲବର ସଦସ୍ୟମାନେ ଏହି କଳା ପ୍ରଦର୍ଶନ କରିବେ। କୌଣସି ହାଟ, ମେଳା ବା ପର୍ବପର୍ବାଣୀ ମିଳନସ୍ଥଳ ଏଥିପାଇଁ ଉପଯୁକ୍ତ ହେବ।

**ପ୍ରଣାଳୀ :**

୧. ଆବାହକ ଓ ପାଠଶାଳାର ସଦସ୍ୟମାନେ ଗୋଷ୍ଠୀର ସମସ୍ତ ସଭ୍ୟଙ୍କୁ ଗୋଟିଏ ଉପଯୁକ୍ତ ସ୍ଥାନରେ ଏକାଠି କରାଇବେ।

୨. ନିର୍ବାଚନ ପାଠଶାଳାର ସଦସ୍ୟମାନେ ପାଠଶାଳା ଗୀତ ଗାଇ ସମୂହ ଅଧିବେଶନ ଆରମ୍ଭ କରିବେ।


୩. ବିଏଲ୍‌ଓ କିମ୍ବା ଆବାହକ କିମ୍ବା ଜଣେ ପାଠଶାଳାର ସଦସ୍ୟ ଦର୍ଶକମାନଙ୍କୁ ଏ ପ୍ରଦର୍ଶନ ବାବଦରେ ପ୍ରାରମ୍ଭିକ ସୂଚନା ଦେବେ।

୪. ସଦସ୍ୟମାନେ ଦର୍ଶକମାନଙ୍କ ଆଗରେ କଳା ପ୍ରଦର୍ଶନ କରିବେ।

୫. କଳା ପ୍ରଦର୍ଶନ ପରେ, ଏହି ଉଦ୍ଦେଶ୍ୟରେ ନିସାସ ସଦସ୍ୟମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରଚାରପତ୍ର ବଣ୍ଟନ କରାଯିବ।

୬. ୩-୨-୧ ସାରାଂଶ ପରିଚାଳନା ଏବଂ ସ୍ମୃତିଚାରଣ କାର୍ଯ୍ୟକ୍ରମ ଯେଉଁଥିରେ ଆବାହକ ବିଭିନ୍ନ ପାଠଶାଳା ସଦସ୍ୟମାନଙ୍କୁ ନିମ୍ନଲିଖିତ ବିଷୟଗୁଡ଼ିକ ପଚାରିବେ।

- ଯେଉଁ ତିନୋଟି କଥା ସେମାନେ ଆଜି ଶିଖିଲେ।
- ଯେଉଁ ଦୁଇଟି କଥା ସେମାନେ ମନେରଖିବାକୁ ଯାଉଛନ୍ତି।
- ଯେଉଁ ଗୋଟିଏ କଥା ବିଷୟରେ ସେ ଅଧିକା ଜାଣିବା ଦରକାର କରିବେ। (ଏହିଠାରେ ସେମାନେ କାର୍ଯ୍ୟକ୍ରମ ସମ୍ବନ୍ଧରେ ପ୍ରଶ୍ନ ପଚାରିପାରିବେ)



# ୨୧. କାର୍ଯ୍ୟକ୍ରମ ପାଇଁ ସାଧନ



## ନିର୍ବାଚନ ପତ୍ରିକା : ପ୍ରଥମ ପତ୍ରିକା ସଚିତ୍ର ଦୃଷ୍ଟାନ୍ତ


### ପ୍ରାଚୀର ପତ୍ରିକା ନମୁନା – ୧

**ବିଷୟ –** ଗଣତନ୍ତ୍ର

ଗଣତନ୍ତ୍ର :


- ଗଣତନ୍ତ୍ର : ଲୋକମାନଙ୍କର, ଦ୍ୱାରା, ଲୋକମାନଙ୍କ ପାଇଁ ଏକ ସରକାର
- ଲୋକମାନେ ନିର୍ବାଚନରେ ମତଦାନ କରି ସେମାନଙ୍କର ପ୍ରତିନିଧି ବାଛନ୍ତି

ବୃଦ୍ଧ ହୁଅ କି ଯୁଆନ ସମସ୍ତେ କର ମତଦାନ
ମୋ ଭୋଟର ମୂଲ୍ୟ ଅଛି



ପ୍ରଶ୍ନ – ଭାରତରେ ମତଦାତା ହେବା ପାଇଁ ଯୋଗ୍ୟତାର ପରିମାପକ କ'ଣ ?

ନିର୍ବାଚନ ସାକ୍ଷରତା କ୍ଲବର ପରବର୍ତ୍ତୀ ସଭା
ତା.....................ରେ ................ଠାରେ ଅନୁଷ୍ଠିତ ହେବ




ବିଏଲ୍‌ଓ ଯୋଗାଯୋଗ-

କେନ୍ଦ୍ରୀୟ ଅଧିକାରୀ -

*ଟୀକା :* (ଏହି ପ୍ରାଚୀର ପତ୍ରିକାର ସମସ୍ତ ବିଷୟବସ୍ତୁ ଆବାହକଙ୍କ ମାର୍ଗଦର୍ଶନରେ ପାଠଶାଳା ସଦସ୍ୟମାନେ ପ୍ରସ୍ତୁତ କରିବେ)





# ନିର୍ବାଚନ ପତ୍ରିକା – ପ୍ରଥମ ପତ୍ରିକା ପାଇଁ ସଚିତ୍ର ଦୃଷ୍ଟାନ୍ତ


## ପ୍ରାଚୀର ପତ୍ରିକା ନମୁନା – ୨

**ବିଷୟ-** ପଞ୍ଜିକୃତ ହେବା (ପଞ୍ଜିକରଣ ? )

- ପଞ୍ଜିକୃତ ହେବା ପାଇଁ ଅର୍ଥାତ୍ ମତଦାତା ତାଲିକାରେ ନାଁ ଚଢ଼ିବା ପାଇଁ ୧୮ବର୍ଷ
- ଯୋଗ୍ୟତା ପାଇଁ ନିର୍ଣ୍ଣାୟକ ତାରିଖ (ଯେଉଁ ତାରିଖରୁ ଯୋଗ୍ୟତା ହିସାବକୁ ନିଆଯିବ) – ଚଳିତ ବର୍ଷର ଜାନୁଆରୀ ୧ ତାରିଖ
- ତାଲିକାରେ ନାମ ସାମିଲ କରିବାର ଫର୍ମ- ଫର୍ମ ନଂ. ୬
- ତାଲିକାଭୁକ୍ତ ହେବା ପାଇଁ ଆବଶ୍ୟକୀୟ କାଗଜପତ୍ର www.nvsp.in

ଅନଲାଇନ୍ ପଞ୍ଜିକରଣ ପାଇଁ, ଫର୍ମ ସବୁ ଡାଉନଲୋଡ୍ ପାଇଁ


(ପୂର୍ବ ପୃଷ୍ଠାର ଚିତ୍ର ସହିତ ସମ୍ପୂର୍ଣ୍ଣ ସମାନ ସେଇଟିକୁ ଏଠାରେ କପି କରାଯିବ)



ପ୍ରଶ୍ନ – ବରିଆପାରି ଭାରତୀୟ ନାଗରିକମାନଙ୍କର ତାଲିକାରେ ଅନ୍ତର୍ଭୁକ୍ତ ହେବା ପାଇଁ କେଉଁ ଫର୍ମ ଆବଶ୍ୟକ ?

ପରବର୍ତ୍ତୀ ନିର୍ବାଚନ ସାକ୍ଷରତା କ୍ଲବ (ନିର୍ବାଚନୀ ସାକ୍ଷରତା ସମିତି) ସଭା

ତା....................ରେ .....................ଠାରେ ଅନୁଷ୍ଠିତ ହେବ।



ବିଏଲ୍ଓ ଯୋଗାଯୋଗ-

କେନ୍ଦ୍ରୀୟ ଅଧିକାରୀ -

*ଟୀକା : (ପ୍ରାଚୀର ପତ୍ରିକାର ସମସ୍ତ ବିଷୟବସ୍ତୁ ସଦସ୍ୟମାନଙ୍କ ଦ୍ୱାରା ପ୍ରସ୍ତୁତ କରାହେବ)*


## ନମୁନା ମତଦାନ : ମତଦାତା ତାଲିକା ସଜ୍ଜୀକରଣ ପଦ୍ଧତି (ଫର୍ମାଟ୍)

**ମତଦାତା ତାଲିକା / ନିର୍ବାଚକ ନାମାବଳୀ**

ନିର୍ବାଚନ ପାଠଶାଳା
(ମତଦାନ କେନ୍ଦ୍ରର ନାମ)

| କ୍ର.ସଂ. | ନାମ | ଲିଙ୍ଗ (ପୁ / ସ୍ତ୍ରୀ ?) | ହସ୍ତାକ୍ଷର (ଦସ୍ତଖତ) |
|---|---|---|---|
| | | | |
| | | | |
| | | | |
| | | | |
| | | | |
| | | | |
| | | | |
| | | | |
| | | | |
| | | | |
| | | | |
| | | | |
| | | | |





# 'ଶୁଭ ଚିହ୍ନ' (ମାସ୍କଟ୍) ପୁସ୍ତିକା

## ଶ୍ରୀଯୁକ୍ତ ଘୋଡ଼ା

**ଘୋଡ଼ା:** ନିଦା ଟାଣ ଖୁରାଥିବା, ଗଛପତ୍ର ଖାଉଥିବା, ଗହଳିଆ କେଶର ଓ ଲାଞ୍ଜ ଥିବା ଏକ ଗୃହପାଳିତ ପଶୁ, ଘୋଡ଼ା ଉପରେ ଆରୋହଣ କରାଯାଏ; ଦୌଡ଼ ପ୍ରତିଯୋଗିତା, ବୋଝ ବୋହିବା, ମାଲ୍ ଆଦି ଟାଣିବାରେ ମଧ ଘୋଡ଼ାକୁ ବ୍ୟବହାର କରାଯାଏ

### ଆପଣ ଜାଣିଥିଲେ କି ?

ଗୋଟିଏ ଘୋଡ଼ା ଦଳର ସମସ୍ତେ ଏକାବେଳେ ଶୁଅନ୍ତିନାହିଁ- ଦଳ ଭିତରୁ କେହି ଜଣେ ହେଲେ ଅନ୍ୟମାନଙ୍କ ଉପରେ ଦୃଷ୍ଟି ରଖିବାକୁ ଚେଇଁ ରହିଥିବା।



### ଶ୍ରୀଯୁକ୍ତ ଘୋଡ଼ାଙ୍କ ଭାଷଣ

"ସେଇଟା କ'ଣଟେ? ବଢ଼ିଆ ମୋଟରସାଇକେଲ (ସୁପର ବାଇକ୍)?"

"ସେଇଟା କ'ଣ ଗୋଟାଏ ଦ୍ରୁତଗାମୀ ରେଳ (ଟ୍ରେନ୍)"

ନା, ନା ମୁଁ ତେଜସ୍ – ଏକ ଘୋଡ଼ା – ତୁମର ସର୍ବଶ୍ରେଷ୍ଠ ବନ୍ଧୁ।

ଆପଣମାନେ ସମସ୍ତେ ଜାଣିଥିବେ ମୁଁ ଖୁବ୍ ଦ୍ରୁତ – ୪ଟି

ଗୋଡ଼ (ହଁ ମୁଁ ଗର୍ବରେ କହେ ଯେ ମୋର ଅଛି ଗୋଡ଼, ଅନ୍ୟମାନଙ୍କ ପରି ପଞ୍ଝା ନୁହେଁ) ଥିବା ପ୍ରାଣୀ। ମୋର ଅଧିକାଂଶ ସମୟ ବନ୍ଧୁଭାବାପନ୍ନ ଦୌଡ଼ ଅଭ୍ୟାସରେ ଅତିବାହିତ କରେ। ଆପଣମାନେ ମୋତେ ପଢ଼ିଆ ନିଶ୍ଚୟ ଦେଖିଥିବେ। ମୁଁ କିପରି ଲକ୍ଷ୍ୟ ଗାର ପାଖକୁ ଦ୍ରୁତଗତିରେ ଦୌଡ଼ିଯାଇ ପୁଣି ଆରମ୍ଭ ସ୍ଥାନକୁ ଫେରିଆସେ। ଏଇଟା ମୋ ପ୍ରତିଦିନର କାର୍ଯ୍ୟ।

"ମୁଁ ଅଭ୍ୟାସ କରେ, ମୁଁ କାମ କରେ," ଏଇଟା ହିଁ ମୋର ଆଦର୍ଶ ମୁଁ ଏଥିରେ ବିଶ୍ୱାସ କରେ। ଖେଳଦିନଟି ମୋର ବହୁତ ପ୍ରିୟ। ବର୍ଷ ପରେ ବର୍ଷ ମୁଁ ମୋ କାମରେ ଉନ୍ନତି କରିଚାଲିଛି। ମୋ ପାଇଁ ସର୍ବୋତ୍କୃଷ୍ଟ ହେବା ହିଁ ଗୁରୁତ୍ୱପୂର୍ଣ୍ଣ ଏବଂ ମୁଁ ଭାବୁଛି ମୋତେ ଆପଣଙ୍କ ଶ୍ରେଣୀର ଶୁଭଚିହ୍ନ ରୂପେ ନେଲେ ଆପଣମାନେ ସମସ୍ତେ ସର୍ବୋତ୍କୃଷ୍ଟ ହୋଇପାରିବେ। ଦାନା, ନଡ଼ା, ଘାସର ସନ୍ତୁଳିତ ଆହାର ଏବଂ ଏକ ସ୍ୱାସ୍ଥ୍ୟକର ଦିନଚର୍ଯ୍ୟା – ମୁଁ ଦ୍ରୁତତମ ହେବା ପାଇଁ ଏତିକିମାତ୍ର ଆବଶ୍ୟକ। ଆପଣ ବି ପ୍ରଥମ ହୋଇପାରିବେ। ଶୃଙ୍ଖଳିତ ହୁଅନ୍ତୁ, ଦୃଢ଼ ପ୍ରତିଜ୍ଞ ହୁଅନ୍ତୁ ଏବଂ କଠିନ ପରିଶ୍ରମ କରନ୍ତୁ – ଆପଣ ଆପଣଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ।

ତେଣୁ ଆପଣ ଯଦି ଭାବୁଥାନ୍ତି ଯେ ଆପଣଙ୍କ ଶ୍ରେଣୀ ଠିକ୍ ମୋ ଭଳି ଉଦ୍ଦାମ ଏବଂ ପ୍ରତିଯୋଗୀ ମନୋଭାବାପନ୍ନ ହେଉ ତା'ହେଲେ ମୁଁ – ମୁଁ ତେଜସ୍, ଆପଣଙ୍କ ଶୁଭଚିହ୍ନ ହେବା ପାଇଁ ମୁଁ ବହୁତ ଖୁସି ହେବି। ବହୁତ ଧନ୍ୟବାଦ। ଭଲରେ ଦିନଟି ବିତନ୍ତୁ।

## ଶ୍ରୀଯୁକ୍ତ ମଇଁଷି



**ଜଳ ମଇଁଷି –** ଏକ ବିଶାଳ ଓଜନଦାର ପ୍ରାଣୀ। ମୂଳତଃ ଏହା ଦକ୍ଷିଣ ଏସିଆ, ଦକ୍ଷିଣପୂର୍ବ ଏସିଆ ଏବଂ ଚୀନ୍‌ରେ ବସବାସ କରନ୍ତି। ୫୦୦୦ ବର୍ଷ ତଳୁ ଏମାନଙ୍କୁ ଗୃହପାଳିତ କରାଯାଇଛି।

### ଆପଣ ଜାଣନ୍ତି କି?!

ବିପଦର ସମ୍ମୁଖୀନ ହେଲେ ଏହି ମୋଟାସୋଟା ଜଳମଇଁଷି ଖୁବ୍ ଦ୍ରୁତଗତିରେ ଦୌଡ଼ିପାରେ। ଗୋଟିଏ ଜଳମଇଁଷିର ହାରାହାରି ବେଗ ଘଣ୍ଟାପ୍ରତି ୩୦ମାଇଲ।

## ଶ୍ରୀଯୁକ୍ତ ମଇଁଷିଙ୍କ ବକ୍ତୃତା

ନମସ୍କାର ବନ୍ଧୁଗଣ,

ଏଠି ଆପଣମାନେ ସମସ୍ତେ ମତେ ଜାଣିଛନ୍ତି! ନା ନାଇଁ? ମୁଁ ଆମ ସମାଜରେ ଉଗ୍ର, ଜିଦ୍‌ଖୋର ଏବଂ କ୍ରୋଧୀ ଜୀବ। ଏତିକି କିନ୍ତୁ ମୋ ବିଷୟରେ ସମଗ୍ର କଥା ନୁହେଁ। ମୋ ନିଜ ଉପରେ ମତେ ଛାଡ଼ିଦିଆଗଲେ ମୁଁ ପୁରା ଅଲଗା। ମୁଁ ଘଣ୍ଟାଘଣ୍ଟା ଧରି ସବୁଜ ଘାସକୁ ଚୋବେଇବା, ପାକୁଳେଇବାକୁ ଭାରି ଭଲପାଏ। ଆପଣମାନେ ଜାଣନ୍ତି ଏହା ମତେ ସୁସ୍ଥ ଓ କାର୍ଯ୍ୟକ୍ଷମ ରଖେ। ଏହି କଥାଟିକୁ ଆପଣମାନେ ଗମ୍ଭୀରତାର ସହ ବିଚାର କରିବା ଉଚିତ୍। ଏହା ମତେ ବଳବାନ୍ ହେବାରେ ସାହାଯ୍ୟ କରେ; ମୋର ମାଂସପେଶୀ ତିଆରି କରେ। ମତେ ଦେଖି ଆପଣମାନେ ଭାବୁଥିବେ ମୁଁ ଗୋଟିଏ ଜୀବ ଯାହାକୁ ଏକା ଏକା ରହିବାକୁ ଭଲଲାଗେ। କିନ୍ତୁ ଶୁଣନ୍ତୁ ମୁଁ ଯେତେବେଳେ ପାଣିରେ ପଡ଼ିଥାଏ, ମୁଁ ଦଳମେଳରେ ବକର ବକର କରି ଗପସପ କରିବାକୁ ବହୁତ ଭଲଲାଗେ। କିନ୍ତୁ ହଁ, ମୁଁ ଯେତେବେଳେ ରାଗିଯାଏ, ମୋର ବଡ଼ବଡ଼ ଶିଙ୍ଗ ଦେଖାଇ ମୁଁ ଡରାଏ, ଭୟଭୀତ କରାଏ। ସେଇଟା ହିଁ ମୋର ଖରାପ ଗୁଣ। ଆପଣ ମୋର ସେହି ଦିଗଟା ଦେଖିବାକୁ ଚାହାନ୍ତି ନାହିଁ! ଚାହାନ୍ତି କି? ମୁଁ ମଧ ଚାହେଁନା, ମୁଁ ସବୁବେଳେ ଆରାମରେ, ବିନା ଝମେଲାରେ ରହିବାକୁ ଚାହେଁ। ସମସ୍ତେ ମଧ ସେଇଆ ଚାହାନ୍ତି। ତେଣୁ ଆପଣଙ୍କ ଶ୍ରେଣୀ ଯଦି ଗୋଟିଏ ଶକ୍ତିଶାଳୀ, ଟାଣୁଆ ଶୁଭ ଚିହ୍ନ ଦରକାର କରୁଥାଏ ତେବେ ମୋ ସପକ୍ଷରେ ମତଦାନ କରନ୍ତୁ। ମୁଁ ପ୍ରତିଜ୍ଞା କରୁଛି, ମୁଁ ତୁମକୁ ନିରାଶ କରିବି ନାହିଁ, ଆସୁଛି, ଦେଖାହେବ।

## କୁମାରୀ ଠେକୁଆ



**ଗୃହପାଳିତ ଠେକୁଆ –** ଏମାନେ ବହୁତ ବନ୍ଧୁପ୍ରିୟ, ରୁମୁରୁମିଆ, ବିଳ କରି ରହୁଥିବା, ଘାସପତ୍ର ଖିଆ ସ୍ତନ୍ୟପାୟୀ ପ୍ରାଣୀ। ଏମାନଙ୍କର କାନ ଲମ୍ବା, ପଛଗୋଡ଼ ଲମ୍ବା ଓ ଛୋଟ ଲାଞ୍ଜଟିଏ ଅଛି।

**ଆପଣ ଜାଣିଛନ୍ତି କି ?!**

କୁନି ଠେକୁଆ ଛୁଆକୁ କିଟ୍, ସ୍ତ୍ରୀ ଠେକୁଆକୁ ଡୋ (Doe) ଓ ପୁରୁଷ ଠେକୁଆକୁ ବକ୍ (buck) କୁହାଯାଏ। ଠେକୁଆ ଦଳକୁ 'ପଲ' ବୋଲି କୁହାଯାଏ।

## କୁମାରୀ ଠେକୁଆଙ୍କ ବକ୍ତୃତା

ହେ ଶୁଣ,

ଆରେ ବାଃ, ଶୁଭଚିହ୍ନ ଖୋଜାଚାଲିଛି, ବଢ଼ିଆ କଥା। ମୁଁ କେବେ ଭାବିନଥିଲି ଯେ ମୋ ଭଳି ଗୋଟିଏ କ୍ଷୁଦ୍ର ନରମା ଜୀବ ତୁମ ପ୍ରତିନିଧିତ୍ୱ କରିବାକୁ ଠିଆ ହେବ। କିନ୍ତୁ ଭାବିଲି ବୟସ ଦିନକୁ ଦିନ ବଢ଼ୁଛି, କିଛି ଗୋଟେ ଅର୍ଥପୂର୍ଣ୍ଣ କାମ କରିବା ଦରକାର।

ପ୍ରକୃତରେ ଆମର ଗୋଟେ ମଜାଳିଆ ଟୋକା-ଚଗଲା – (Bugs Bunny) ମତେ ବାଧ୍‌କଲା ଏବଂ ମୁଁ ଭାବିଲି- ଥରେ ଚେଷ୍ଟା କରିବିନ କାହିଁକି? ଆମେ ଛୋଟମୋଟିଆ, ରୁମୁରୁମିଆ ନରମା ସ୍ତନ୍ୟପାୟୀ ପ୍ରାଣୀ ହେଲେ କ'ଣ ହେଲା, ଆମେ ଭାରି କୁଶଳୀ, ସବୁବେଳେ ଚଳଚଞ୍ଚଳ ରହିଥାଉ ଏବଂ ଆମକୁ ସମସ୍ତେ ଭାଗ୍ୟଶାଳୀ ବୋଲି କହନ୍ତି। ଏଇଟା ସତ ଯେ ମାଂସଖିଆ ପ୍ରାଣୀମାନେ ଆମଯୋଗୁ ବହୁତ କଷ୍ଟ ପାଆନ୍ତି ଆମ ପାଇଁ। ସହଜରେ ସେମାନେ ଆମକୁ ଧରିପାରନ୍ତି ନାହିଁ। ଦେଖନ୍ତୁ ଆମର କେତେବଡ଼ ଦଳ। ଏଇଟି ମୋ ପରିବାର। ଆମେ ସମସ୍ତେ ଏକାଠି ରହୁ। ସାଧାରଣତଃ ଖରାଥିବାଯାଏ ମୁଁ ବଣସାରା ଡିଆଁଡେଇଁ କରୁଥାଏ, କିନ୍ତୁ ରାତି ହେଲାମାନେ ଆମ ଗାତକୁ ଫେରି ଆମ ପରିବାରର ରାତିଆସର ଜମାଉ। ହଁ, ଏଇଥିରୁ ମନେପଡ଼ିଲା, ମୁଁ ଜିତେ କି ନ ଜିତେ, ଆପଣମାନଙ୍କୁ ସମସ୍ତଙ୍କୁ ମୋ ଘରକୁ ନିମନ୍ତ୍ରଣ ରହିଲା। ଥରେ ଆମ ସହିତ ମିଶିଗଲେ, ମଜାକରିବା। ମୁଁ ରାଣଦେଇ କହୁଛି।

ଶେଷରେ ଆପଣମାନେ ଯଦି ସାହସିକ ପଦକ୍ଷେପ ନେବାକୁ ଭଲପାଆନ୍ତି ଏବଂ ମୋ ଭଳି ବଡ଼ ମଜାରେ ଜୀବନ କଟେଇବାକୁ ଚାହାନ୍ତି ଆଉ, ହଁ ଯଦି ଗାଜର ଖାଇବାକୁ ଭଲପାଆନ୍ତି- ହୁଁ – ଗାଜର! ମୁଁ ତାକୁ କେମିତି ଭୁଲିବି! ତେବେ ଆଗେଇ ଆସନ୍ତୁ, ମତେ ଭୋଟ ଦିଅନ୍ତୁ।

ସେ ପର୍ଯ୍ୟନ୍ତ ମଜାରେ ଖେଳକୁଦ ଡିଆଁଡେଇଁ କରୁଥାନ୍ତୁ।

## ଶ୍ରୀଯୁକ୍ତ ଓଟ

**ଓଟ -** ଏକ ବୃହତ୍‌, ଲମ୍ବା ବେକଥିବା, ମରୁଭୂମି ଅଞ୍ଚଳର ଏକ ସ୍ତନ୍ୟପାୟୀ ପ୍ରାଣୀ। ଏହାର ଗୋଡ଼ଗୁଡ଼ିକ ସରୁ, ଓସାରିଆ ପାଦଗୁଡ଼ିକ ଗଦିଭଳି ନରମ ଏବଂ ପିଠିରେ ଗୋଟିଏ କିମ୍ବା ଦୁଇଟି କୁଜ।



### ଆପଣମାନେ ଜାଣନ୍ତି କି?!

ଓଟର କୁଜ ଜଳ ସଞ୍ଚୟ କରେନାହିଁ; ଏହା ସଞ୍ଚୟ କରେ ଚର୍ବି।

### ଶ୍ରୀଯୁକ୍ତ ଓଟଙ୍କ ଭାଷଣ

ହଁ, ହଁ, ହଁ – ମୁଁ ଏଇଠି ଅଛି। ଆପଣମାନଙ୍କୁ ଅପେକ୍ଷା କରେଇଥିବାରୁ ମୁଁ ଦୁଃଖିତ। ଦେଖନ୍ତୁ ମୁଁ ଥର ମରୁଭୂମିରେ ମୋର ଦ୍ୱିତୀୟଥର ଯାତ୍ରା ଏଇ ମାତ୍ର ଶେଷ କଲି। ଆରେ କିଏ କହୁଛି ମୁଁ ଥକିଯାଇଛି ବୋଲି। ମୋର ଭାଷଣ ପ୍ରସ୍ତୁତ। ମୁଁ ଜାଣେ ଏହା ଆପଣଙ୍କୁ ଭଲ ଲାଗିବ।

ବାଟରେ ଆସିବାବେଳେ କିଛି କଥା ମୁଁ ଭାବିଛି। ହେଇ ଏଇଠି ସବୁ ଟିପିରଖିଛି, ଏଇ ଖାତାରେ। ତା'ହେଲେ ଆରମ୍ଭ କରିବି? ଠିକ୍ ଅଛି ଶୁଣନ୍ତୁ- ପ୍ରଥମେ ମୁଁ ବହୁତ ଧୈର୍ଯ୍ୟଶୀଳ ଓ  ଦୃଢ଼ପ୍ରତିଜ୍ଞ। ନହେଲେ କେମିତି ଜଣେ ଏ ପ୍ରଚଣ୍ଡ, ଶ୍ୱାସ ରୁନ୍ଧି ଦେଉଥିବା ଖରାରେ ମାଇଲ ମାଇଲ ଧରି ଚାଲିପାରିବ? ଏବଂ ଅକ୍ଳାନ୍ତ ଭାବରେ ଧୂଳିଝଡ଼ର ସାମନା କରିପାରିବ! ମୁଁ ସେଥିରେ ପାରଙ୍ଗମ।  କିଛି କାରଣ ନ ଥାଇ କ'ଣ "ମତେ ମରୁଭୂମିର ଜାହାଜ" କୁହାଯାଏ, ହେଲା! ତା'ପରେ ମୋ ଚମଡ଼ା ଖୁବ୍ ମୋଟା, ଯାର ମାନେ କ'ଣ ମୁଁ ଜାଣିନି, କିନ୍ତୁ ମୋ ମାଆ ମତେ କହିଛି, "ଏକଥା ସମସ୍ତଙ୍କୁ ଜଣେଇବୁ।" ଗତକାଲି ଏ ଭାଷଣ ପ୍ରସ୍ତୁତ କଲାବେଳେ ସିଏ ମତେ ବହୁତ ସାହାଯ୍ୟ କରିଛି। "ମୋ ସୁନା ମାଆଟା!" ଆଉ, ଉଁ, ହଁ! କୁଜ, କୁଜ ମୋର ଅପୂର୍ବ ସୁନ୍ଦର କୁଜ। ସେଇଟା ମୋ ଟାଙ୍କି, ମୋ ଭଣ୍ଡାର, ମୋର ଯାହା ଦରକାର, ସବୁ ସେଇଥିରେ ଥାଏ। ହଁ ମୁଁ ଜାଣିଛି, ଆପଣଙ୍କ ପିଠିରେ କୁଜ ବାହାରିବ ନାହିଁ। କିନ୍ତୁ ଯାହାସବୁ ତୁମର ନିହାତି ଦରକାର, ଟିକେ ଟିକେ (ଅଳ୍ପଅଳ୍ପ) କରି ତୁମେ ସେସବୁ ସଞ୍ଚୟ କରିପାରିବ, ପାରିବନି? ସେଇଟା ହିଁ ହେବ ଆପଣଙ୍କ କୁଜ, ଆପଣମାନେ ବୁଝିବେ ସେଇଟା କେତେ ମୂଲ୍ୟବାନ୍।

ମୁଁ ଆଉ କିଛି ଭୁଲିଗଲି କି? ନା ମୁଁ ଭାବୁଛି କିଛି ଭୁଲିନାହିଁ। ଆଜି ଏତିକି, ଆରେ ନାହିଁ ଟିକେ ରୁହନ୍ତୁ, ମୁଁ ସମୟ ପାଇଲେ ଆପଣଙ୍କୁ "ବାଲିରେ ଚାଲିବା" ଶିଖେଇଦେବି। ମୁଁ ଆଉ ମୋ ସାଙ୍ଗମାନେ ମରୁଦ୍ୱୀପରେ ଏଇଆ କରିବାକୁ ଭଲପାଉ! ସତରେ ଭାରି ମଜା ଲାଗେ। କିନ୍ତୁ ଏଇଟା ବଡ଼ ଗୋପନ କଥା। ମୁଁ ସମସ୍ତଙ୍କୁ କହିବିନି। ମତେ ଭୋଟଦିଅ, ତା' ହେଲେ ସମସ୍ତେ ସବୁ ଜାଣିପାରିବେ। ରହିଲି, ବିଦାୟ!

## ଶ୍ରୀଯୁକ୍ତ କୁକୁର

**କୁକୁର -** ଏକ ଗୃହପାଳିତ ମାଂସାସୀ, ସ୍ତନ୍ୟପାୟୀ ପ୍ରାଣୀ। ଏହାର ଘ୍ରାଣଶକ୍ତି ପ୍ରଚଣ୍ଡ। ସେ ଭୁକିପାରେ, ଚିତ୍କାର କରିପାରେ ଏବଂ କୁନ୍ଥେଇ ହେବାଭଳି ସ୍ୱରରେ ବୋବେଇପାରେ। ପ୍ରାୟ ୩୪୦ ସ୍ୱୀକୃତିପ୍ରାପ୍ତ ପ୍ରଜାତିର କୁକୁର ଅଛନ୍ତି।



### ଆପଣ ଜାଣନ୍ତି କି?!

କୁକୁରମାନେ ମନର ଭାବନା ବି ଶୁଙ୍ଘିପାରନ୍ତି। ଆପଣ ଡରୁଛନ୍ତି କିମ୍ବା ରାଗିଛନ୍ତି, ଖୁସିରେ ବା ଦୁଃଖରେ ଅଛନ୍ତି କୁକୁରମାନେ ଜାଣିପାରିବେ।

*ସାଧନ*

## ଶ୍ରୀଯୁକ୍ତ କୁକୁରଙ୍କ ଭାଷଣ


ଠିକ୍ ଅଛି, ଠିକ୍ ଅଛି, ହଁ ମୋ ଗାଲସାରା ଲୋମ ଭର୍ତ୍ତି, କିନ୍ତୁ ମୁଁ ଭାବୁଛି ସେଗୁଡ଼ା ଗୁଲୁଗୁଲିଆ! ଏବେ ମୁଁ ମୋ ଭାଷଣ ଆରମ୍ଭ କରିପାରେ କି? ମୁଁ ନିୟମକରି କହୁଛି, ମୋ ଭାଷଣ ଖୁବ୍ ଛୋଟ ହିଁ ହେବ। ମୋ ସାଙ୍ଗ ତେଜସ୍, ଆକ୍ରାମ୍, ମାରୁଫ୍ ଓ ଆଶୁ- ଏମାନଙ୍କ ସହିତ ଏଠିକି ଆସି ମତେ ବହୁତ ଖୁସି ଲାଗୁଛି। ମୁଁ ସେମାନଙ୍କୁ ସମସ୍ତଙ୍କୁ ବହୁତ ବହୁତ ଶୁଭେଚ୍ଛା ଜଣାଉଛି।

ଏବେ ମୋ କଥା- ମୋ କୌତୁକିଆ ଗାଲ ତ ଅଛି! ତା'ଛଡ଼ା ଆପଣ ଜାଣିଛନ୍ତି କି ମୋଠାରେ ବିଶ୍ୱସ୍ତତା ଓ ସାହସିକତାର ମୋହର ବାଜିଛି, ମୁଁ ଏ ବିଷୟରେ ଅଧିକ କହିବାକୁ ଚାହୁଁନି, ମୋର ବିଶ୍ୱାସ, ଏ ମୋହରଟି ମୋର କେତେକ ଭଲଗୁଣ ପାଇଁ ମତେ ପୁରସ୍କାର ମିଳିଛି।


ମାତ୍ର ସବୁବେଳେ ସେମିତି ନୁହେଁ, ବେଳେବେଳେ ମୁଁ ଆରାମରେ ସମୟକାଟେ ଉଡ଼ନ୍ତା ଥାଳିଆ, ବଲ୍ ଖେଳକୁ ନେଇ।ବଢ଼ିଆ ମଜା ଖେଳନା ଏସବୁ, ନୁହେଁ? ଏସବୁ କିନ୍ତୁ ମୋ ଫାଙ୍କା ସମୟରେ ଖେଳେ। ଯେତେବେଳେ ମୁଁ କାମ ଉପରେ ଥାଏ ମୁଁ ଥାଏ ସଜାଗ, ସତର୍କ। ଚାରିଆଡ଼େ ନଜର ଦେଉଥାଏ। ଏହି ନିୟମରେ ମୁଁ ଚଳେ। "ଏଇଟା ମୋ ସମ୍ପତ୍ତି ଏବଂ ମତେ ହିଁ ଏହାକୁ ସୁରକ୍ଷା କରିବାକୁ ପଡ଼ିବ"- ଏଇଟି ହେଉଛି ମୋର ଆଦର୍ଶ, ସରଳ ଏବଂ ସ୍ପଷ୍ଟ। ପ୍ରତିବଦଳରେ ମୁଁ ଖାଲି ଚାହେଁ ଚୋବେଇବାକୁ ଗୋଟିଏ ପ୍ୟାକେଟ୍ ବିସ୍କୁଟ ଓ ସୁଆଦିଆ ଜଳଖିଆ। ମୁଁ ଅଳ୍ପରେ ଖୁସି ହୋଇଯାଏ, ନୁହେଁ?

ଶେଷରେ, ଯଦି ଆପଣ ଚାହୁଁଛନ୍ତି ଜଣେ ଆଦରଣୀୟ, ସାହସୀ ଓ ବିଶ୍ୱସ୍ତ ବନ୍ଧୁ ଆପଣଙ୍କ ଦଳର ପ୍ରତିନିଧିତ୍ୱ କରୁ- ଆଉ କୁଆଡ଼େ ଚାହାନ୍ତୁ ନାହିଁ, ମତେ ଭୋଟ ଦିଅନ୍ତୁ। ମୁଁ ନିଶ୍ଚିତ, ଆମେ ବହୁତ ମଜା କରିବା- ଦିନଟି ଭଲରେ ବିତୁ- ବିଦାୟ।

**ମତପତ୍ର ନମୁନା** (ସାଧନ ଉପକରଣରେ ଦିଆଯାଇଛି)

| ନିର୍ବାଚନ ପାଠଶାଳା ଶୁଭଚିହ୍ନ ନିର୍ବାଚନ ମତପତ୍ର | | |
|---|---|---|
| ଶ୍ରୀଯୁକ୍ତ ମଇଁଷି |  | ☐ |
| ଶ୍ରୀଯୁକ୍ତ ଓଟ |  | ☐ |
| ଶ୍ରୀଯୁକ୍ତ କୁକୁର |  | ☐ |
| ଶ୍ରୀଯୁକ୍ତ ଘୋଡ଼ା |  | ☐ |
| କୁମାରୀ ଠେକୁଆ |  | ☐ |
| ଉପରୋକ୍ତମାନଙ୍କ ଭିତରୁ କେହି ନୁହଁନ୍ତି | NOTA | ☐ |





## ନିର୍ବାଚନ ଯନ୍ତ୍ର – ଇଭିଏମ୍ ପ୍ରଚାରପତ୍ର

ବନ୍ଧୁଗଣ, ମୁଁ ଇଭିଏମ୍, ମତେ ଜାଣିବାକୁ ଚାହୁଁଛନ୍ତି, ମୋର ନାମଟି ଇଲେକ୍ଟ୍ରୋନିକ୍ ମତଦାନ ଯନ୍ତ୍ର। ମାତ୍ର ସମସ୍ତେ ମତେ ସହଜରେ ଡାକନ୍ତି ଇଭିଏମ୍।

### ଆପଣ ଜାଣିବାକୁ ଚାହାନ୍ତି ମୁଁ କ'ଣ କରେ? ମୋ କାମ କାହିଁ ଗୁରୁତ୍ୱପୂର୍ଣ୍ଣ?

- ମୁଁ ଏକ ବ୍ୟାପକ ନିର୍ବାଚନ ପ୍ରକ୍ରିୟାକୁ ସୁରକ୍ଷିତ ରଖେ।
- ଜାଣିଛନ୍ତି କି ୨୦୧୪ ସାଧାରଣ ନିର୍ବାଚନରେ ୫୫କୋଟି ଭାରତୀୟ ଘରୁ ବାହାରି ନିର୍ବାଚନରେ ଅଂଶଗ୍ରହଣ କରିଥିଲେ।
- ହଁ ଠିକ୍ କଥା, ଏହି "ସଂଖ୍ୟା" ପାଇଁ ହିଁ ଆମ ନିର୍ବାଚନକୁ ବିଶ୍ୱର ସର୍ବବୃହତ୍ତମ ଗଣତାନ୍ତ୍ରିକ କାର୍ଯ୍ୟକଳାପର ମାନ୍ୟତା ଦିଏ।
- ଏତେ ବିରାଟ ଆକାରର ମୁକ୍ତ ଏବଂ ଅବାଧ ନିର୍ବାଚନ ପରିଚାଳନାରେ ମୁଁ ସାହାଯ୍ୟ କରେ।

ଆପଣ ଜାଣିବାକୁ ଚାହୁଁଥିବେ ମୁଁ କେଉଁଥିରେ ତିଆରି ଏବଂ ମୁଁ ପ୍ରକୃତରେ କିଭଳି ଭାବେ ସାହାଯ୍ୟ କରେ।

- ଅନେକ ନିରାପତ୍ତା ବୈଶିଷ୍ଟ୍ୟ ସହ – ମୁଁ ସମସ୍ତ ମତଦାନକୁ ଯାନ୍ତ୍ରିକ (ଇଲୋକ୍ଟ୍ରୋନିକ୍) ଭାବେ ଧରିରଖେ ଏବଂ ଗଣନା କରିପାରେ, ମୋର ଯାନ୍ତ୍ରିକ ବିନ୍ୟାସ ବିଗାଡ଼ିବା ସମ୍ପୂର୍ଣ୍ଣ ଅସମ୍ଭବ। କାହିଁକି ଏହା ଅସମ୍ଭବ?
- ମୋର ମସ୍ତିଷ୍କ ଓ ସୂତ୍ରାଧାରକୁ ଏପରି ଭାବରେ ଏକୀଭୂତ କରାଯାଇଛି ଯେ ଏଥିରେ ଯାହା ଥରେ ଘଟିଗଲା ତାକୁ ପଢ଼ିହେବ ନାହିଁ କିମ୍ବା ପରବର୍ତ୍ତନ କରାଯାଇପାରିବ ନାହିଁ।
- ମତେ ଅନ୍ୟ କୌଣସି ଯନ୍ତ୍ର (କମ୍ପ୍ୟୁଟର) ବା ଇଣ୍ଟରନେଟ୍ ସହିତ ସଂଯୁକ୍ତ କରାଯାଇପାରିବ ନାହିଁ, ତା'ର ସରଳ ଅର୍ଥ ହେଲା କୌଣସି ତାର ସଂଯୁକ୍ତ ଯନ୍ତ୍ର ବା ବେତାରଯନ୍ତ୍ର ଦ୍ୱାରା ମୋ ଭିତରର ତଥ୍ୟକୁ କେହି ହସ୍ତକ୍ଷେପ କରି ବିକୃତ କରିପାରିବେ ନାହିଁ।

### କିଏ ମତେ ଏମିତି ବିପଦମୁକ୍ତ କରିଛି ?

- ଦୁଇଟି ପ୍ରମୁଖ ରାଷ୍ଟ୍ରାୟତ ଉଦ୍ୟୋଗରେ କାର୍ଯ୍ୟରତ କେତେକ କୁଶଳୀ ଯନ୍ତ୍ରୀ ମୋତେ ତିଆରି କରିଛନ୍ତି। ହଁ ସେହି ଯନ୍ତ୍ରୀ (ଇଞ୍ଜିନିୟର), ଯେଉଁମାନେ କି ଭାରତର ପ୍ରତିରକ୍ଷା ବିଭାଗ ଓ 'ଆଣବିକ ଶକ୍ତି କାର୍ଯ୍ୟକ୍ରମ' ବିଭାଗରେ ଯନ୍ତ୍ରପାତି ତିଆରି କରନ୍ତି ଓ ବୈଷୟିକ ଜ୍ଞାନ ପ୍ରଦାନ କରନ୍ତି, ସେହିମାନଙ୍କ ଦ୍ୱାରା ମୁଁ ନିର୍ମିତ।
- ସେଇଟି କଥା ସରୁନି। ମୁଁ ଶତକଡ଼ା ଶହେ ନିରାପଦ ବୋଲି ନିଶ୍ଚିତ କରିବାକୁ, ବିଭିନ୍ନ ଆଇଆଇଟିର ପ୍ରବୀଣ ପ୍ରଫେସରମାନଙ୍କୁ ନେଇ ଗଠିତ ବିଶେଷଜ୍ଞ କମିଟି ଦ୍ୱାରା ମୋର ବାହ୍ୟ ଯନ୍ତ୍ରପାତି (ହାର୍ଡଓୟାର) ଓ ଅନ୍ତର୍ନିହିତ ବିନ୍ୟାସ (ସଫ୍ଟୱେୟାର) ର ପରୀକ୍ଷା କରାଯାଇଛି।

### କିନ୍ତୁ ଏବେ କ'ଣ ମୁଁ ନିର୍ବାଚନରେ ବ୍ୟବହାର ପାଇଁ ପ୍ରସ୍ତୁତ?

- ନା, ଏବେ ବି କାମ ସରିନାହିଁ। ମୁଁ ତିଆରି ହେଉଥିବାବେଳେ ଏବଂ ନିର୍ବାଚନରେ ବ୍ୟବହାର ହେବା ପୂର୍ବରୁ ମତେ ବହୁସ୍ତରୀୟ ପରୀକ୍ଷା ନିରୀକ୍ଷା ତଥା ନିରାପତ୍ତା ଯାଞ୍ଚ ପ୍ରକ୍ରିୟା ଭିତରଦେଇ ଯିବାକୁ ପଡ଼େ।
- ଭାରତ ଇଲୋକ୍ଟ୍ରୋନିକ୍ସ ଲିମିଟେଡ୍ (ବିଇଏଲ୍) ଏବଂ ଇଲେକ୍ଟ୍ରୋନିକ୍ କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ୍ (ଇସିଆଇଏଲ୍) ର ଯନ୍ତ୍ରୀ (ଇଞ୍ଜିନିୟର)ମାନେ, ପ୍ରାଥମିକ ସ୍ତରରେ, ମୋ ଦେହରେ ଲାଗିଥିବା ଯନ୍ତ୍ରପାତି ଓ ମୁଁ ଠିକ୍ ଭାବେ କାମ କରୁଛି ବୋଲି ପରୀକ୍ଷା କରନ୍ତି। ତା'ପରେ ସର୍ବୋତ୍କୃଷ୍ଟ ନିରାପତ୍ତା ଜଉମୁଦ କାଗଜ ଦ୍ୱାରା ମତେ ଏମିତି ବନ୍ଦ କରିଦିଆଯାଏ ଯେ ନ ଭାଙ୍ଗିଲେ ଏହା ଖୋଲିବ ନାହିଁ।

- ଏହାପରେ ମତେ ଗୋଟିଏ ପରୀକ୍ଷା ଦେବାକୁ ପଡ଼େ ଯାହାକୁ ଛାୟା କୁହାଯାଏ। ଏଥିରେ ସବୁ ରାଜନୈତିକ ଦଳର ପ୍ରତିନିଧିଙ୍କ ସାମନାରେ ଇଭିଏମ୍‌ରେ ଏଣୁତେଣୁ କରି ୧୦୦୦ ଭୋଟ ଗ୍ରହଣ କରାଯାଏ।
- କାଗଜରେ ହାତଲେଖା ଭୋଟ ମଧ୍ୟ ନିଆଯାଇ ରଖାଯାଏ। ଛାୟା ମତଦାନ ପରେ କାଗଜ ହିସାବ ଓ ଇଲେକ୍ଟ୍ରୋନିକ୍ ଯନ୍ତ୍ର ଦେଇଥିବା ହିସାବକୁ ମିଳାଯାଏ, ଏହି ଛାୟା ନିର୍ବାଚନ ଦ୍ୱାରା ମୋର ସାଧୁତାକୁ ନିଶ୍ଚିତ କରାଯାଏ।

**ତା'ପରେ କିପରି ମୁଁ ମତଦାନ କେନ୍ଦ୍ରମାନଙ୍କ ଭିତରେ ବଣ୍ଟାଯାଏ?**

- ସଫ୍ଟଓୟାର ମାଧ୍ୟମରେ, ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ, ଇଭିଏମ୍‌ଗୁଡ଼ିକୁ ଏମିତି ଫେଣ୍ଟିଦିଆଯାଏ ଯେ, ଏପରିକି ନିର୍ବାଚନ ଆୟୋଗ ମଧ୍ୟ କହିପାରିବେ ନାହିଁ ବା ଅନୁମାନ କରିପାରିବେ ନାହିଁ ଯେ କେଉଁ ଇଭିଏମ୍ କେଉଁ ନିର୍ବାଚନ ମଣ୍ଡଳୀକୁ ଯିବ।
- ମିଶାମିଶି ହୋଇଯାଇଥିବା ଇଭିଏମ୍‌ଗୁଡ଼ିକର ତାଲିକା ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଏବଂ ପ୍ରାର୍ଥୀମାନଙ୍କୁ ଦେଇଦିଆଯାଏ।
- ଏବେ ନିର୍ବାଚନରେ ପ୍ରତିଯୋଗିତା କରୁଥିବା ପ୍ରାର୍ଥୀମାନଙ୍କର ନାମ, ଆଦ୍ୟାକ୍ଷର କ୍ରମରେ ଇଭିଏମ୍‌ର ମତପତ୍ର ଯନ୍ତ୍ରାଂଶରେ ଭର୍ତ୍ତି କରାଯାଏ। ଏଣୁ କୌଣସି ପ୍ରାର୍ଥୀଙ୍କ ନାମ ପୂର୍ବରୁ ଅନୁମାନ କରିବା ଅସମ୍ଭବ।
- ପ୍ରାର୍ଥୀମାନଙ୍କର ନାମ ଯନ୍ତ୍ରରେ ଭର୍ତ୍ତିହେବା ପରେ ପ୍ରାର୍ଥୀମାନେ ମନଇଚ୍ଛା ଗୋଟିଏ ଇଭିଏମ୍ ବାଛନ୍ତି ଏବଂ ପୁଣି ଥରେ ମତେ ଛାୟା ମତଦାନ ପାଇଁ ନିଆଯାଏ ଯେଉଁଥିରେ କି ଅତିକମ୍‌ରେ ୧୦୦୦ଜଣ ମତଦାନ କରନ୍ତି।


**ଏବଂ ତା'ପରେ ସେହି ମହାଦିବସ ଉପସ୍ଥିତ ହୁଏ।**

- ମତଦାନ ଦିବସରେ, ପ୍ରକୃତ ମତଦାନ ଆରମ୍ଭ ହେବା ପୂର୍ବରୁ, ମତେ ଆଉଥରେ, ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ, ଅତିକମ୍‌ରେ ୫୦ଜଣ ମତଦାତାଙ୍କର ଛାୟା ମତଦାନର ପରୀକ୍ଷା ଦେବାକୁ ହୁଏ।
- ପ୍ରତିସ୍ତରରେ, ନାସିକ୍‌ସ୍ଥିତ ନିରାପତ୍ତା ଛାପାଖାନା (ନାସିକ୍ ସିକ୍ୟୁରିଟି ପ୍ରେସ୍)ରେ ତିଆରି କାଗଜ ଦ୍ୱାରା ଜଉମୁଦ କରାଯାଉଥାଏ ଏବଂ ରାଜନୈତିକ ଦଳର ପ୍ରତିନିଧି ଓ ନିର୍ବାଚନ ପ୍ରତିଯୋଗିତା କରୁଥିବା ପ୍ରାର୍ଥୀମାନେ ଏଥିରେ ଦସ୍ତଖତ କରନ୍ତି।
- ମତଦାନ ଶେଷ ହେବାପରେ ମତେ ମୋ ଖୋଳ ଭିତରେ ଜଉମୁଦ କରାଯାଏ ଏବଂ ମତଦାନ-ପ୍ରତିନିଧି (ପୁଲିଂ ଏଜେଣ୍ଟ) ମାନେ କାଗଜ ଜଉମୁଦ ଉପରେ ଦସ୍ତଖତ କରନ୍ତି। ତା'ପରେ ସେମାନେ ମୋ ସହିତ ଶକ୍ତ ପ୍ରକୋଷ୍ଠ (ଷ୍ଟ୍ରଙ୍ଗ ରୁମ୍) କୁ ଯାଆନ୍ତି। ଏହି ଷ୍ଟ୍ରଙ୍ଗ୍ ରୁମ୍‌କୁ ଜଉମୁଦ କରାଯାଏ ଏବଂ ଏହି ଜଉମୁଦ ଉପରେ ପ୍ରାର୍ଥୀମାନେ କିମ୍ବା ସେମାନଙ୍କର ପ୍ରତିନିଧିମାନେ ଦସ୍ତଖତ କରନ୍ତି।
- ଭୋଟ ଗଣତି ଦିନ ପ୍ରାର୍ଥୀ ଓ ସେମାନଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଭୋଟ ଗଣନା କରାଯାଏ।
- ଏହିପରି ଭାବରେ, ରାଜନୈତିକ ଦଳର ପ୍ରତିନିଧି ଓ ପ୍ରାର୍ଥୀମାନେ ନିର୍ବାଚନର ପ୍ରତ୍ୟେକ ସ୍ତରରେ ସକ୍ରିୟ ଯୋଗଦାନ କରନ୍ତି ଏବଂ ପୂରା ସମୟତକ ମୋ ଉପରେ ସତର୍କ ଦୃଷ୍ଟି ରଖିଥାନ୍ତି।

✓ ବର୍ଷ ବର୍ଷ ଧରି ୫ଟି ବିଭିନ୍ନ ଉଚ୍ଚନ୍ୟାୟାଳୟ (ହାଇକୋର୍ଟ) ମୋର ସାଧୁତା ଉପରେ ପ୍ରଶ୍ନ ଉଠାଇଥିବା ଦରଖାସ୍ତ ସବୁର ଶୁଣାଣି କରିଛନ୍ତି। ପାଞ୍ଚଟିରୁ ପ୍ରତ୍ୟେକ ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ ମୁଁ ବିଶ୍ୱସ୍ତ ଏହା ଅନୁଧ୍ୟାନ କରି ପ୍ରଶଂସା କରିଛନ୍ତି ଯେ, ନିର୍ଭରଯୋଗ୍ୟ ଏବଂ ଅସାଧୁ ପ୍ରଭାବମୁକ୍ତ ।

✓ ସାରା ବିଶ୍ୱର ବିଶେଷଜ୍ଞମାନେ ୮୬.୬ କୋଟିରୁ ଅଧିକ ମତଦାତାଙ୍କୁ ନେଇ ଭାରତର ନିର୍ବାଚନ ପ୍ରକ୍ରିୟା ମୁକ୍ତ ଏବଂ ଅବାଧ ନିର୍ବାଚନକୁ ନିଶ୍ଚିତ କରିପାରୁଛି।





# ଲୋକକଳା ପ୍ରଦର୍ଶନ : ବର୍ଣ୍ଣନାତ୍ମକ କାହାଣୀ

## କାହାଣୀ୧

ଆଜି ଦିବ୍ୟାର ଜନ୍ମଦିନ ଏବଂ ସେ ଏବେ ୧୮ବର୍ଷରେ ପଦାର୍ପଣ କଲା। ମାତ୍ର ଜନ୍ମଦିନ ଉତ୍ସବ ଟିକେ ଡେରିରେ ପାଳନ କରାଯିବ, କାରଣ ଗୋଟିଏ ଭଲ ଇଞ୍ଜିନିୟରିଂ କଲେଜରେ ପଢ଼ିବା ପାଇଁ ଦିବ୍ୟାର ପ୍ରବେଶିକା ପରୀକ୍ଷା ଗୋଟିଏ ସପ୍ତାହ ପରେ। ସେ ମନପ୍ରାଣ ଦେଇ ପ୍ରସ୍ତୁତିରେ ଲାଗିଛି। ଦିବ୍ୟାର ଜେଜେବାପା ଜଣେ ପ୍ରାକ୍ତନ ମତଦାନ କର୍ମଚାରୀ। ସେ ଦିବ୍ୟା ଘରକୁ ତା' ଜନ୍ମଦିନ ପାଇଁ ଆସିଛନ୍ତି। ତାଙ୍କର ଏକମାତ୍ର ନାତୁଣୀ ଭୋଟଦେବା ବୟସରେ ପଦାର୍ପଣ କରୁଛି ଏହାଠୁ ବଳି ଭଲ ଘଟଣା ତାଙ୍କ ପାଇଁ ଆଉ କ'ଣ ହୋଇପାରେ। ଜେଜେ ଖୁସି ଯେ ଦିବ୍ୟା ପରୀକ୍ଷା ପାଇଁ ଖୁବ୍ କଠିନ ପରିଶ୍ରମ କରୁଛି, ତେବେ ତାଙ୍କୁ ହତାଶ ବି ଲାଗୁଛି ଯେ ଭୋଟର ଭାବେ ପଞ୍ଜିକୃତ ହେବା ଦିଗରେ ଦିବ୍ୟାର ଆଗ୍ରହର ଅଭାବ। ଜେଜେ ସ୍ଥିର କଲେ ଯେ ଏସବୁ ବଦଳିବା ଦରକାର। ତା'ର ପରୀକ୍ଷା ଶେଷହେଲା ପରେ, ଗୁଡ଼ିଏ ଘଟଣାକ୍ରମ ଓ ଅଭିଜ୍ଞତା ମାଧ୍ୟମରେ ଜେଜେ ଦିବ୍ୟାକୁ ଆଗେଇ ନିଅନ୍ତି, ଯାହାଦ୍ୱାରା ଏହି ଉଚ୍ଚାକାଂକ୍ଷୀ ଝିଅଟି ଆସନ୍ତାକାଲିର ଗଣତନ୍ତ୍ରର ଯନ୍ତ୍ରୀ ରୂପେ ବିକଶିତ ହୁଏ।

## କାହାଣୀ ୨

ବିବେକ ଜଣେ ବଳିଷ୍ଠ ଯୁବକ। ଅଳ୍ପ କିଛି ଚାଷବାସ କରି ଜୀବନ ବିତାଏ। ଗୁଜୁରାଣ ମେଣ୍ଟାଇବା ପାଇଁ ଗାଁରେ ଲୋକମାନଙ୍କ ଘରେ ଛୋଟମୋଟ କାମ ମଧ୍ୟ କରେ। ମୁହଁରେ ସବୁବେଳେ ସାଙ୍ଗ-ମଉଜିଆ ହସଟିଏ ଲାଖିଥାଏ। ବିବେକକୁ ସମସ୍ତେ ଭଲପାଆନ୍ତି ଏବଂ ଗାଁରେ ସେ ଏକ ଚିହ୍ନା ମୁହଁ। ନିର୍ବାଚନ ପାଖେଇ ଆସୁଛି। ସେଇଠିକାର ବି.ଏଲ୍.ଓ ଯେ ବିବେକକୁ ୨୪ବର୍ଷ ହେଲାଣି, ହେଲେ ତା'ର ନାଁ ଭୋଟର ତାଲିକାରେ ନାହିଁ। ଶୁଣିକରି ସିଏ (ବିଏଲ୍ଓ) ଆଶ୍ଚର୍ଯ୍ୟ ହେଉଛନ୍ତି ଯେ ବିବେକ ଜିଦ୍ ଧରିଛି ଯେ ଭୋଟର ତାଲିକାରେ ତା' ନାଁ ରଖିବ ନାହିଁ। ବିବେକ କାହିଁକି ମତଦାନ କରିବାକୁ ଚାହୁଁନାହିଁ। ବିଏଲ୍ଓ, ବିବେକକୁ କ'ଣ ସବୁ ଦେଖାଉଛନ୍ତି ଯେ ତା'ର ମନ ପୂରା ପରିବର୍ତ୍ତନ ହୋଇଯାଉଛି?

## କାହାଣୀ ୩

ରାଜ୍ୟ ପରିବହନ ବସ୍‌ରେ ସଂହିତା, ସୁଶାନ୍ତ ଏବଂ ଦୀପା ଚାଲିଛନ୍ତି ଉତ୍ତରକୁ-ହିମାଚଳ ପ୍ରଦେଶ ଅଭିମୁଖେ। ଦିଲ୍ଲୀର ଏଇ ତିନିଜଣ ଯୁବ କଲେଜ ଛାତ୍ରଛାତ୍ରୀ ଦଶେର ରାଜନୈତିକ ଦୃଶ୍ୟପଟ୍ଟ ଉପରେ ଖୁବ୍ ଜୋରରେ ଆଲୋଚନା କରୁଛନ୍ତି। ସଂହିତା ସରକାରଙ୍କ ଉତ୍ତମ ଦିଗଗୁଡ଼ିକ ଉପରେ ମନ୍ତବ୍ୟ ବାଢୁଥିବାବେଳେ ଦୀପା ସରକାରଙ୍କ ବିରୁଦ୍ଧରେ କହିଚାଲିଛି। ବିଚରା ସୁଶାନ୍ତର ମନ୍ତବ୍ୟ ଏ ଦୁଇଜଣଙ୍କ କଥାର ଫଣ୍ଡ୍ରୋଫଣ୍ଡ୍ରି। ମନମେନେ ବିରକ୍ତ ହେଉଥିବା ବସ୍ କଣ୍ଡକ୍ଟରଜଣକ ଏମାନଙ୍କ କଥା ମନଦେଇ ଶୁଣୁଛନ୍ତି। ତାଙ୍କର ହୃଦ୍‌ବୋଧ ହେଉଛି ଯେ ଏ ତିନିଜଣଙ୍କ ଭିତରୁ କେହି କେବେହେଲେ ଥରେ ବି ନିର୍ବାଚନରେ ମତଦାନ କରିନାହାନ୍ତି।

କଣ୍ଡକ୍ଟର ସେମାନଙ୍କର ଆଲୋଚନାରେ ଭାଗ ନିଅନ୍ତି ଏବଂ ନିର୍ବାଚନ ପରିପ୍ରେକ୍ଷୀରେ ଭାରତର ବିକାଶ ଆଡ଼କୁ ଦୃଷ୍ଟି ଦେବାକୁ ଏବଂ ଗଣତନ୍ତ୍ର ପ୍ରକୃତ ଆତ୍ମାକୁ ପ୍ରଶଂସା କରିବାକୁ ଏ ଯୁବ ତ୍ରିମୂର୍ତ୍ତୀଙ୍କୁ ବାଟ ଦେଖାନ୍ତି। ଏହି ବସ୍ ଯାତ୍ରାଟି ସେମାନଙ୍କ ମନରେ ଗଣତନ୍ତ୍ରର ପ୍ରକୃତ ଭାବ ଉପରେ ହୃଦବୋଧ କରାଏ ଓ ତାଙ୍କ ମନରେ ଗଣତନ୍ତ୍ରର ପ୍ରକୃତ ଆତ୍ମା ବିଷୟରେ ସଚେତନତା ଜାଗ୍ରତ କରାଏ।

## ଉତ୍ତରପ୍ରଦେଶ

(ଆମେ ଆମ ଅଧିକାର ପାଇଁ ଯୁଦ୍ଧ କରିବୁ, କେବଳ ଯେ ଆମେ ଭୋଟଦେବାକୁ ଯିବୁ ସେ କଥା ନୁହେଁ, ଆମେ ଦେଖିବୁ ସମସ୍ତେ ଯେମିତି ମତଦାନ କରନ୍ତି) କହୁଥିଲା ଦିଲୀପ, ଜଣେ ଭିନ୍ନକ୍ଷମ ମଧ୍ୟବୟସ୍କ ଲୋକ।

ଉତ୍ତରପ୍ରଦେଶର ସୀତାପୁର ଜିଲ୍ଲାରେ ମତଦାନ କେନ୍ଦ୍ର (ବୁଥ୍) ବାର୍ତ୍ତାବହ ଭାବେ ବଛାଯାଇଥିବା ୩୦୦୦ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଭିତରୁ ଦିଲୀପ ଅନ୍ୟତମ। ବାସ୍ତବରେ ସୀତାପୁର ଜିଲ୍ଲାର ୩୦୦୦ ମତଦାନ କେନ୍ଦ୍ରରୁ ପ୍ରତ୍ୟେକଟି ପାଇଁ ଜଣେ ଲେଖାଏଁ ଭିନ୍ନକ୍ଷମ ବ୍ୟକ୍ତି ପ୍ରତିନିଧିତ୍ୱ କରୁଥିଲେ। ସେମାନଙ୍କୁ ଲୋକତନ୍ତ୍ରର ଦୂତ ରୂପେ ମୁକୁଟ ମଣ୍ଡିତ କରାଯାଇଥିଲା ଏବଂ ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏ ପରିଚୟପତ୍ର (ଆଇଡେଣ୍ଟିଟି କାର୍ଡ) ଦିଆଯାଇଥିଲା। ଏହା ସେମାନଙ୍କର ସମ୍ମାନ ବୃଦ୍ଧିକଲା ଏବଂ ତାଙ୍କ ଭିତରେ ପ୍ରଚୁର ଆତ୍ମବିଶ୍ୱାସ ଜାଗ୍ରତ କରାଇଲା। ଏକ ଭବ୍ୟ ଉତ୍ସବର ଆୟୋଜନ କରାଗଲା। ଏହି ୩୦୦୦ "ଲୋକତନ୍ତ୍ରର ଦୂତ"ଙ୍କୁ ମୋଟରସାଇକେଲ (ଲୋକତନ୍ତ୍ରର ବାହାନ)ରେ ଶୋଭାଯାତ୍ରାରେ ନିଆଗଲା। ଗାଡ଼ିପଛରେ ବସିଥିବା ଏହି ଭିନ୍ନକ୍ଷମ ଲୋକଙ୍କର ଶୋଭାଯାତ୍ରାକୁ ସମବେତ ଜନତା ପ୍ରବଳ ତାଳିମାଡ଼ କରି ଉତ୍ସାହିତ ମତଦାନ କରିଥିଲେ। ଦୂତଭାବେ କାର୍ଯ୍ୟକରି ସେ ଅଞ୍ଚଳରେ ସର୍ବାଧିକ ମତଦାନ ପାଇଁ ଏକ ଅଭିଯାନ ଚଳେଇବାକୁ ଏହି ଲୋକତନ୍ତ୍ର ଦୂତମାନଙ୍କୁ ଉତ୍ସାହିତ କରାଗଲା। ପ୍ରତ୍ୟେକ ଲୋକତନ୍ତ୍ର ଦୂତଙ୍କୁ ଗୋଟିଏ ଲେଖାଏଁ ମଶାଲ ଧରାଇ ଦିଆଗଲା ଏବଂ ତାକୁ ଧରି ସେମାନେ ନିଜ ନିଜ ମତଦାନ କେନ୍ଦ୍ରରେ ପହଞ୍ଚାଇଲେ।


ଏହି ପରିକଳ୍ପନାଟି ଥିଲା ସୀତାପୁରର ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ କିନ୍‌ଜାଲଙ୍କ ମାନସ ପ୍ରସୁତ। ସେ ଚାହୁଁଥିଲେ ଭିନ୍ନକ୍ଷମ ବ୍ୟକ୍ତିମାନେ ଘରୁ ବାହାରିଆସି ମତଦାନ କରିବାକୁ ପ୍ରୋତ୍ସାହିତ ହୁଅନ୍ତୁ। ସେମାନଙ୍କୁ ଏଥିରେ ସଂପୃକ୍ତ କରିବାର ଏହି ପରିକଳ୍ପନା ଗୋଟିଏ ଚିତ୍ରକଳା / ପ୍ରାଚୀର ପତ୍ର (ପୋଷ୍ଟର) ପ୍ରତିଯୋଗିତାରୁ ଆରମ୍ଭ କରାଯାଇଥିଲା। ଏହି ପ୍ରତିଯୋଗିତାର ଶୀର୍ଷକ ଥିଲା (ମୋ ଭୋଟ ମଧ୍ୟ ଗଣତନ୍ତ୍ରକୁ ଆହୁରି ସୁଦୃଢ଼ କରିବ ଏବଂ ଆହୁରି ଉଚ୍ଚତର ସୋପାନକୁ ଉଠାଇନେବ)। ଏହି ପ୍ରତିଯୋଗିତାରେ ୪୦୦୦ରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଜିଲ୍ଲା ପ୍ରଶାସନ ଆମକୁ ବିଶେଷ ଭାବେ ନିମନ୍ତ୍ରଣ କରିଥିବାରୁ ଆମକୁ ବହୁତ ଭଲ ଲାଗୁଛି। ଆମେ କାହାଠାରୁ କୌଣସି ଗୁଣରେ କମ୍ ନୋହୁ; ଆମେ ନିଶ୍ଚୟ ମତଦାନ କରିବୁ" ଆଶାବାଡ଼ି ସାହାଯ୍ୟରେ ଚାଲୁଥିବା ରାମଲାଲ୍ କହୁଥିଲେ। ସେମାନଙ୍କ ମଧ୍ୟରୁ ଅନେକ "ଭିନ୍ନକ୍ଷମ ବ୍ୟକ୍ତିଙ୍କର ଅଧିକାର ଓ କର୍ତ୍ତବ୍ୟ" ଉପରେ ଚିତ୍ର ଅଙ୍କନ କରିଥିଲେ। ପ୍ରାଚୀରପତ୍ର (ପୋଷ୍ଟର)ରେ ଅଙ୍କିତ ହୋଇଥିଲା – କେଉଁଠି ଭିନ୍ନକ୍ଷମ ବ୍ୟକ୍ତିଟିଏ ମତଦାନ କେନ୍ଦ୍ରରେ ପହଞ୍ଚି ମତଦାନ କରୁଛି ଆଉ କେଉଁଠି ଆଙ୍ଗୁଠିରେ ଲାଗିଥିବା କାଳିକୁ ଦେଖି ଭିନ୍ନକ୍ଷମ ମତଦାତାଟିଏ ମୁରୁକି ହସୁଛି। ତା'ପରେ ଏହି ପ୍ରାଚୀରପତ୍ର (ପୋଷ୍ଟର)ଗୁଡ଼ିକୁ ସୀତାପୁର ଜିଲ୍ଲାର ପ୍ରତ୍ୟେକ ଭୋଟଦାନ କେନ୍ଦ୍ରରେ ଟଙ୍ଗାଇ ଦିଆଯାଇଥିଲା।

"ମୁଁ ମୋ ଜୀବନରେ ପ୍ରଥମଥର ପାଇଁ ଭୋଟ ଦେଲି। ଆମକୁ ମିଳିଥିବା ପ୍ରୋତ୍ସାହନ, ଆତ୍ମବିଶ୍ୱାସ ଓ ସୁବିଧାସୁଯୋଗ ଯୋଗୁ ଏହା ସମ୍ଭବ ହୋଇପାରିଲା, କେତେ ଖୁସି ଲାଗୁଛି ମତେ!" ଗୋଟିଏ ପାଦରେ ଚାଲି ଚାଲି ରାମଲାଲ କହୁଥିଲା।

## ମୁଁ ମୋ ନେତା ବାଛିବି

ମିଜୋରାମର ଉତ୍ତର ପଶ୍ଚିମ ଭାଗରେ, ଆସାମ ସୀମା ନିକଟବର୍ତ୍ତୀ ରଙ୍ଗାଳୀ ଗୋଟିଏ ଛୋଟିଆ ଗାଁ। ବର୍ତ୍ତମାନ ଏହି ଗାଁ କୋଲାସିବ ଜିଲ୍ଲାରେ ଅଛି, ମାତ୍ର ୧୯୯୮ ବିଧାନସଭା ନିର୍ବାଚନ ସମୟରେ ଏହା ଆଇଜ୍ୱାଲ ଜିଲ୍ଲା ଅଧୀନରେ ଥିଲା। ଏହି ଗାଁ ପାଇଁ ବିଧାନସଭା ନିର୍ବାଚନର ତାରିଖ ଥିଲା ୨୩ ଫେବୃଆରୀ ୧୯୯୮ ଏବଂ ରାଜ୍ୟସରକାର ମତଦାନ ପ୍ରକ୍ରିୟାକୁ ସୁଗମ କରାଇବାକୁ ଏହିଦିନଟିକୁ ସାଧାରଣ ଛୁଟି ଦିବସ ଭାବେ ଘୋଷଣା କରିଥିଲେ। ହେଲେ ଆଖପାଖ ଗାଁରେ କାଠ ବିକ୍ରି କରି ଗୁଜୁରାଣ ମେଣ୍ଟାଉଥିବା ଜଣେ କାଠବିକାଳୀ ପାଇଁ ଏହା ଛୁଟିଦିନ ନଥିଲା, ପଡ଼ୋଶୀ ଗାଁକୁ ଯାଇ ଫେରିବାକୁ ତାକୁ ୮କି.ମି. ପାଦରେ ଚାଲିବାକୁ ପଡୁଥିଲା।





ତେବେ ଯେତେବେଳେ ସେ ଘରୁ ଗୋଡ଼ କାଢ଼ିବାକୁ ପ୍ରସ୍ତୁତ ହେଲା, ନାଗରିକ କର୍ତ୍ତବ୍ୟ, ଭ୍ରାତୃଭାବ ଓ ସାମ୍ୟବାଦ ଭାବନା ତା'ମନକୁ ଆନ୍ଦୋଳିତ କରିବାକୁ ଲାଗିଲା। ଆଜି ଦିନରେ ଆଇନ ଆଖିରେ ସେ ସମସ୍ତଙ୍କ ସହିତ ସମାନ। ତା'ର ସାମାଜିକ, ଅର୍ଥନୈତିକ ସ୍ଥିତି ସତ୍ତ୍ୱେ, ସେ ଜଣେ ନିର୍ବାଚକ; ମତଦାନ କରିବାର ଅଧିକାର ତା'ର ଅଛି। ଯେତେବେଳେ କାଠ ବିକ୍ରି କରିବାକୁ ସେ ପଡ଼ୋଶୀ ଗାଁ ଆଡ଼କୁ ଆଗେଇଲା, ମନେମନେ ପ୍ରତିଜ୍ଞା କଲା ଯେ ମାଲ୍ ବିକ୍ରି କରିସାରିଲେ ସେ ନିଶ୍ଚୟ ଫେରିବ ଏବଂ ମତଦାନ କରିବ! କିନ୍ତୁ ମତାଧିକାର ସାବ୍ୟସ୍ତ କରିବାକୁ ହେଲେ ତାକୁ ମୁହଁସଞ୍ଜ (ଗୋଧୂଳି) ପୂର୍ବରୁ ମତଦାନ କେନ୍ଦ୍ରରେ ପହଞ୍ଚିବାକୁ ପଡ଼ିବ। ସବୁଦିନ ଅପେକ୍ଷା ଶୀଘ୍ର ସେ ତା' ମାଲ୍ ବିକ୍ରି କରିଦେଲା ଏବଂ ଚାଲିଚାଲି ଗାଁକୁ ଫେରି ଖୁବ୍ ଆଗ୍ରହର ସହିତ ମତଦାନ କେନ୍ଦ୍ର ଆଡ଼କୁ ଚାଲିଲା। ମତଦାନ କେନ୍ଦ୍ରରେ ପହଞ୍ଚି ସେ ସେଠିକାର ଲମ୍ବାଧାଡ଼ିରେ ଯେତେବେଳେ ଠିଆ ହୋଇପଡ଼ିଲା, ତା' ହୃଦୟ ସନ୍ତୋଷରେ ଭରିଗଲା। ଖୁସିରେ ପୂରିଉଠି ସେ ମନକୁମନ ଭାବିଲା, "ଆଜି ମୁଁ ଦେଶର ସମସ୍ତଙ୍କ ଭିତରେ ଜଣେ।"

## ରାଷ୍ଟ୍ର ଗଠନରେ ଆମ କ୍ଷୁଦ୍ର ସତ୍ତା

ଏହି ଗଳ୍ପଟି ସେହି କେତେଜଣ ଅଜଣା ଅଶୁଣା ଲୋକମାନଙ୍କର ଅକ୍ଳାନ୍ତ ଆନୁଗତ୍ୟର କାହାଣୀ ଯେଉଁମାନେ ୨୦୧୪ରେ ଅନୁଷ୍ଠିତ ଏକକାଳୀନ ସଂସଦୀୟ ନିର୍ବାଚନ ଓ ବିଧାନସଭା ନିର୍ବାଚନ ପରିଚାଳନା କରିବାର କର୍ଣ୍ଣଧାର ଥିଲେ। ଚାଙ୍ଗ୍ରା ମତଦାନ କେନ୍ଦ୍ର, ଚାଙ୍ଗଲାଙ୍ଗ୍ ଜିଲ୍ଲାର, ୫୩-ଚାଙ୍ଗଲାଙ୍ଗ (ଉତ୍ତର) (ଅନୁସୂଚିତ ଜନଜାତି) ନିର୍ବାଚନ ମଣ୍ଡଳୀର ବହୁ ଦୂରବର୍ତ୍ତୀ ମତଦାନ କେନ୍ଦ୍ରମାନଙ୍କ ଭିତରୁ ଅନ୍ୟତମ। ଜିଲ୍ଲା ସଦର ମହକୁମାରୁ ଏହା ପ୍ରାୟ ୪୮କି.ମି. ଦୂରରେ ଅବସ୍ଥିତ। କୁଲିମାନଙ୍କ କାନ୍ଧରେ ଜିନିଷପତ୍ର ବୁହାଇ ଦୀର୍ଘ ଚାରିଘଣ୍ଟାର କ୍ଳାନ୍ତିକର ପଦଯାତ୍ରା ପରେ ଏଠାରେ ପହଞ୍ଚିବାକୁ ହୁଏ, କାରଣ ଏଠାକୁ ସଡ଼କ ଯୋଗାଯୋଗ ନାହିଁ। ମାର୍ଚ୍ଚ ୯ ତାରିଖ ୨୦୧୪ ଦିନ ଏଠାରେ ମତଦାନ ହେବାର ଥିଲା।

ମତଦାନ ଗ୍ରହଣକାରୀ ଦଳଙ୍କ ସହିତ, ଚାଙ୍ଗ୍ରା ଯିବାକୁ ମତେ ଦୁଇଦିନ ପୂର୍ବରୁ ବାହାରିବାକୁ ପଡ଼ିଲା। ଚାଙ୍ଗ୍ରାରେ ମୋବାଇଲ ଫୋନ୍ କିମ୍ବା ଲ୍ୟାଣ୍ଡ ଫୋନ୍‌ର କୌଣସି ପ୍ରକାର ବ୍ୟବସ୍ଥା ନ ଥିବାରୁ ଆମ ସାଙ୍ଗରେ ଯାଉଥିବା ସେ ସେକ୍ଟର ମାଜିଷ୍ଟ୍ରେଟ୍‌ଙ୍କୁ ଗୋଟିଏ ୱାକି ଟକି (ସାଙ୍ଗରେ ନେଇହେଉଥିବା ଟେଲିଫୋନ୍) ଦିଆଯାଇଥିଲା। ପ୍ରତି ଘଣ୍ଟାରେ ସେ ଚାଙ୍ଗଲାଙ୍ଗସ୍ଥିତ ନିୟନ୍ତ୍ରଣ କକ୍ଷକୁ ବିବରଣୀ ପ୍ରଦାନ କରିବେ।

କାନ୍ଧରେ ବୋହିନେଉଥିବା ଜିନିଷପତ୍ର ଓଜନରେ ଟଳମଳ ହେଉଥିବା ଆଣ୍ଠୁକୁ କୌଣସିମତେ ସ୍ଥିର ରଖି ଆମେ ଏହି ଉଠାପକା ରାସ୍ତାରେ ଚାଲିଚାଲି ତିରାପ ନଦୀର ବାଉଁଶ ନିର୍ମିତ ଏକ ଝୁଲାପୋଲ ନିକଟରେ ପହଞ୍ଚିଲୁ। ପୋଲଟି ବହୁତ ପୁରୁଣା ଏବଂ ଘୁଣଖିଆ। ପ୍ରବଳବର୍ଷା ସତ୍ତ୍ୱେ ଛତା ବନ୍ଦ କରି, ଉପରେ ବନ୍ଧାଥିବା ଦଉଡ଼ିକୁ ଦୁଇହାତରେ ଧରି ଆମେ ଧୀରେଧୀରେ ସେ ପୋଲ ପାରିହେଲୁ। ତା'ର ଠିକ୍ ପରେ ଏକ ପାହାଡ଼ିଆ ଉଠାଣି ଚଢ଼ିବା ଆମକୁ ଅପେକ୍ଷା କରିଥାଏ। କ୍ଳାନ୍ତ ହାତଗୋଡ଼ ନେଇ ଏଠି ସେଠି ଝୁଣ୍ଟିପଡ଼ି, ଗୋଟିଏ ସରୁ ପାଦଚଲା ରାସ୍ତାରେ ତିନିଘଣ୍ଟାର ଯନ୍ତ୍ରଣାଦାୟକ ଯାତ୍ରା ପରେ ଆମେ ମତଦାନ କେନ୍ଦ୍ରରେ ପହଞ୍ଚିଲୁ। ଆମେ କିଛି ପର୍ବତାରୋହଣ ହାତ ହତିଆର ସାଙ୍ଗରେ ନେଇନଥିଲୁ। କେତେକ ଜାଗାରେ ବାଲି ଭୁଶୁଡ଼ିପଡ଼ି ରାସ୍ତା ପୁରା ବନ୍ଦ ହୋଇଯାଇଥାଏ। ସେ ସବୁକୁ ରାସ୍ତାରେ ପଡ଼ିଥିବା କାଠଖଣ୍ଡରେ ଆଡ଼େଇ ସଫା କରିବାକୁ ପଡୁଥିଲା।

ସ୍ଥାନେସ୍ଥାନେ ରାସ୍ତା ଏତେ ଅଣଓସାରିଆ ଯେ ପାଦ ଟିକେ ଏପଟସେପଟ ହେବା ଅର୍ଥ ଗଭୀର ଗର୍ତ୍ତକୁ ଗଳିପଡ଼ିବା। ସାମାନ୍ୟ ଭୁଲ୍ ହେଲେ ବି ରକ୍ଷାନାହିଁ। ଓଜନିଆ ବ୍ୟାଗ୍ ସବୁ ବୋହି ବେଳେବେଳେ ଆମକୁ ପଥରଖଣ୍ଡ ତଳେ ଗୁରୁଣ୍ଡି ଗୁରୁଣ୍ଡି ଯିବାକୁ ପଡୁଥାଏ। ମତଦାନ ଜିନିଷପତ୍ର ସବୁକୁ କେତେବେଳେ ଟାଣିଟାଣି କେତେବେଳେ ଠେଲିଠାଲି ନେବାକୁ ହେଉଥାଏ। ମତଦାନ ଦିନ ୱାକିଟକିର ସଙ୍କେତ (ସିଗ୍‌ନାଲ) ଖୁବ୍ କ୍ଷୀଣ ହୋଇଯାଉଥାଏ। ମତଦାନ ଆରମ୍ଭ ହେବା ଓ ପ୍ରତି ଘଣ୍ଟାରେ ବିବରଣୀ ଚାଙ୍ଗଲାଙ୍ଗ ନିୟନ୍ତ୍ରଣ କକ୍ଷକୁ ପଠାଇବାକୁ ସେକ୍ଟର ମାଜିଷ୍ଟ୍ରେଟ୍ ମହୋଦୟଙ୍କୁ, ୱାକିଟକିରେ ଟିକେ ଭଲ ସଙ୍କେତ ଆଣିବା ପାଇଁ, ପ୍ରକୃତରେ ଗଛ ଉପରେ ଚଢ଼ିବାକୁ ପଡୁଥାଏ। ଆମେ ଯେ ନିର୍ବାଚନ କାମକୁ ସୁରୁଖୁରରେ ପରିଚାଳନା କରିପାରିଲୁ, ଏହା ଆମ ମନରେ ବହୁତ ଗର୍ବ ଆଣିଦିଏ। "ମୁଁ ଭାବୁଛି ଦେଶ ଗଠନରେ ଆମେ ଆମର କ୍ଷୁଦ୍ର ଅବଦାନ ଦେଉଥିଲୁ"

*(ଚାଙ୍ଗ୍ରା ମତଦାନ କେନ୍ଦ୍ରର ଜଣେ କର୍ମଚାରୀ ଯାହା ଯେମିତି କହିଥିଲେ)*

## ଭୋଟଦେଲି, ବିଭା ହେଲି

"ଦାୟିତ୍ୱବାନ୍ ନାଗରିକ ଭାବେ ମୁଁ ନିଶ୍ଚିତ କଲି ଯେ ମୋ ନାଁ ଭୋଟର ତାଲିକାରେ ନିଶ୍ଚିତ ରହିବ ଏବଂ ମତଦାନ ଦିବସ ଓ ମୋ ବାହାଘର ତିଥି ଏକାଦିନେ ପଡୁଥିବାରୁ, ମୁଁ ସ୍ଥିରକଲି ଯେ, ପ୍ରଥମେ ମୁଁ ମୋ ଭୋଟଦେବି ଏବଂ ତା'ପରେ ଯାଇ ବେଦୀକୁ ଯିବି। ମୁଁ ସମସ୍ତ ନାଗରିକମାନଙ୍କୁ ଅନୁରୋଧ କରୁଛି ଯେ, ଯାହା କାମଥାଉନା କାହିଁକି, ଦୟାକରି ମତଦାନ କରିବାକୁ ଯାଆନ୍ତୁ। ଏହା ଆମର କର୍ତ୍ତବ୍ୟ"- ଏକଥା କହୁଥିଲେ ଭିଓ୍ୱାଣ୍ଡି ସଂସଦୀୟ ନିର୍ବାଚନ ମଣ୍ଡଳୀର କବିତା ଥାକ୍‌ରେ। ପେନ୍ ତାଲୁକର ମାଲେଘରର ଦିଗମ୍ବର ରାମ ମୋକଲ୍, ଜଲଗାଓଁର ନୀତିନ୍ ବଡ଼ଗୁଜାର ରାଭର୍, କବିତା ପାଟିଲ ନନ୍ଦୁରବାରାରେ ସେହି ଦାୟିତ୍ୱବାନ୍ ନାଗରିକମାନଙ୍କର ଲମ୍ବା ତାଲିକାରେ ଅଛନ୍ତି, ଯେଉଁ ତାଲିକାର ନାଗରିକମାନେ ନିଜ ବାହାଘରରୁ ସମୟ ବାହାର କରି ମତଦାନ କେନ୍ଦ୍ରକୁ ଯାଇ ଭୋଟ ଦେଇଛନ୍ତି। ନିଜର ଏହି କର୍ତ୍ତବ୍ୟ ଶେଷକରି ସେମାନେ ବେଦୀକୁ ଫେରିଛନ୍ତି ଓ ହାତଗଣ୍ଠି ପଡ଼ିଛି।

## ଭାରତର ପ୍ରଥମ ମତଦାତା – ଶ୍ୟାମଶରଣ ନେଗ୍

ଜୁଲାଇ ୭, ୨୦୧୪ର ସକାଳ। "ମୁଁ ଭୋଟଦେବାକୁ ଚାଲିଛି" କହିଲେ ଶ୍ୟାମ ଶରଣ ନେଗ ଓ ତାଙ୍କ ପତ୍ନୀ ହୀରାମଣିଙ୍କ ସହିତ ଚାଲିଲେ ଭୋଟଦେବାକୁ, କିନାଉର୍ ଜିଲ୍ଲାର କଲ୍‌ପା ଗାଁରେ ଥିବା ମତଦାନ କେନ୍ଦ୍ର (ବୁଥ) ନଂ.୫୦କୁ। ଆନନ୍ଦରେ ଚିତ୍କାର କରୁଥିବା ଜନସମୂହ ଓ ପାରମ୍ପରିକ ତୁରୀ ବାଦନ ଭିତରେ ଯେତେବେଳେ ସେ ମତଦାନ କେନ୍ଦ୍ର (ବୁଥ)ରେ ପହଞ୍ଚିଲେ, ସେଠାକାର ଉପାୟୁକ୍ତ (ଡେପୁଟୀ କମିଶନର୍) ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଲେ। ମତଦାତା ତାଲିକାର ୧୨୩ ନମ୍ବରରେ ତାଙ୍କ ନାମ ଖୋଜି ପାଇବା ପରେ ସଗର୍ବେ ଆଙ୍ଗୁଠିରେ କାଳି ଲଗାଇଲେ ଏବଂ ଷୋଡ଼ଶ ଲୋକସଭା ନିର୍ବାଚନ ପାଇଁ ମତଦାନ କଲେ।


୯୭ ବର୍ଷ ବୟସ୍କ ଶ୍ୟାମଶରଣ ନେଗ୍ ଜଣେ ଅବସରପ୍ରାପ୍ତ ସ୍କୁଲ ଶିକ୍ଷକ। ୧୯୪୭ ରେ ଭାରତରୁ ବ୍ରିଟିଶ୍ ଶାସନ ଶେଷହେବା ପରେ ୧୯୫୧ ରେ ଦେଶରେ ଅନୁଷ୍ଠିତ ପ୍ରଥମ ନିର୍ବାଚନରେ ନେଗ୍ ମତଦାନ କରିଥିଲେ। ତାଙ୍କ ପାଇଁ ମତାଧିକାର ସାବ୍ୟସ୍ତ କରିବା କର୍ତ୍ତବ୍ୟଠାରୁ ଢେର୍ କିଛି ଅଧିକ ଓ ଅଧିକାରଠାରୁ ଆହୁରି କିଛି ବେଶୀ। ନେଗ୍ ୧୯୫୧ ଠାରୁ ଅନୁଷ୍ଠିତ ସମସ୍ତ ନିର୍ବାଚନରେ ମତଦାନ କରିଛନ୍ତି ଏବଂ ଲକ୍ଷ ଲକ୍ଷ ଜନତାଙ୍କୁ ତାଙ୍କ ମନୋଭାବ ଦ୍ୱାରା ପ୍ରୋତ୍ସାହିତ କରିଛନ୍ତି। ଭାରତର ବହୁ ପୁରାତନ ମତଦାତାଙ୍କ ଭିତରୁ ସେ ଜଣେ ବୋଲି ବିଶ୍ୱାସ କରାଯାଏ।

## ଜଣେ ବାପାଙ୍କର ନିଷ୍ଠା

ମିଜୋରାମ୍‌ର ଆଇଜଲ୍ ଜିଲ୍ଲାର ବରବେକ୍ ଏକ ଛୋଟ ଗାଁ। ୨୦୦୮ ର ବିଧାନସଭା ନିର୍ବାଚନରେ, ମତଦାନ-ଅଧିକାରୀ (ପୁଲିଂ ଅଧିକାରୀ), ବିଏଲଓ ଅନ୍ୟ ସମସ୍ତ କର୍ମଚାରୀ ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ଥା'ନ୍ତି। ଦ୍ୱିପହର ସୁଦ୍ଧା ଗାଁର ସମସ୍ତେ ଭୋଟ ଦେଇସାରିଲେଣି। ପ୍ରିଜାଇଡିଂ ଅଫିସର (ପିଓ) ଗାଁ ଚୌକିଆକୁ କହିଲେ, "ଗାଁରେ ଯାଇ ଜଣାଇଦିଅ। ଯଦି ଆଉ କେହି ମତଦାନ କରିବାକୁ ବାକି ରହିଲେ ତେବେ ଭୋଟ ବନ୍ଦ ହେବା ପୂର୍ବରୁ ଆସିଯାନ୍ତୁ।" ଦିନ ୨ଟାରେ ଚୌକିଆ ଦୌଡ଼ି ଦୌଡ଼ି ଆସି ପିଓଙ୍କୁ ଜଣାଇଲା ଯେ ଜଣେ ଲୋକ, ତାଙ୍କ ଝିଅର ଦେହ ତିନିଦିନ ହେଲା ଖରାପ ଥିବାରୁ ପାଖ ଗାଁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଔଷଧ ଆଣିବାକୁ ଯାଇଛନ୍ତି। ସେହି ଲୋକ ଭୋଟ ଦେଇନାହାନ୍ତି।

ପୁଲିଂ ଅଧିକାରୀଙ୍କୁ ଲୋକଜଣକ ପାଇ ଅପେକ୍ଷା କରିବାକୁ ଅନୁରୋଧ କରାଗଲା। କାରଣ ଲୋକଟି ଯିବା ପୂର୍ବରୁ ମନେରଖି କହିଯାଇଛନ୍ତି ଯେ ସେ ସମୟ ପୂର୍ବରୁ ଫେରିବେ ଓ ଭୋଟଦେବେ। ନିର୍ବାଚନ ଆୟୋଗଙ୍କ ଦଳ ସେ ଲୋକଜଣଙ୍କ ପାଇଁ ଅପେକ୍ଷା କରିବାରେ ଲାଗିଲେ। ଏଇଟା ନଭେମ୍ବର ମାସ ଏବଂ ଦିନ ଛୋଟ। ମତଦାନ ୪ଟାବେଳେ ବନ୍ଦ ହେବାକଥା ଏବଂ ପୁଲିଂ ଅଧିକାରୀ (ପିଓ) ବ୍ୟସ୍ତ ହୋଇପଡ଼ିଲେ, କାଳେ ଲୋକଜଣକ ଠିକ୍ ସମୟରେ ଫେରିବେନି! ତାଙ୍କ ସହିତ ଯୋଗାଯୋଗ କରିବାର କୌଣସି ଉପାୟ ବି ନଥିଲା।

ଯାହାହେଉ ଚାରିଟା ବାଜିବାର କେତେମିନିଟ୍ ପୂର୍ବରୁ ଲୋକଜଣକ ଗାଁରେ ପହଞ୍ଚିଲେ ଏବଂ ସିଧା ମତଦାନ କେନ୍ଦ୍ରକୁ ଦୌଡ଼ିଲେ। ବିଏଲ୍‌ଓ ତାଙ୍କଠାରୁ ଔଷଧଗୁଡ଼ିକ ନଇେ ଜଣେ ପିଅନକୁ ତାଙ୍କ ଘରେ ପହଞ୍ଚାଇ ଦବୋକୁ କହିଲେ। ମତଦାନ ବନ୍ଦ ହବୋ ବଳେକୁ ସେ ଗ୍ରାମର ପ୍ରତ୍ୟକେ ମତଦାତା ମତଦାନ କରିସାରିଥିଲେ ଏବଂ ନିର୍ବାଚନ କମିସନ ଦଳ, ଶତକଡ଼ା ୧୦୦ ମତଦାନରେ ବହୁତ ସନ୍ତୁଷ୍ଟ ହେଲେ।



## 'ନୋଟା'କୁ ଜାଣନ୍ତୁ: ଚକ୍‌ଚକିଆ ତାସ

ଗାଲିଚା



ପିମ୍ପା



**ଏ ଭିତରୁ କେଉଁଟିକୁ ପରିବହନର ଏକ ସାଧନ ରୂପେ ବ୍ୟବହାର କରାଯାଇପାରେ?**



କୁକୁଡ଼ା




ନୋଟା



କୁତବ୍ ମୀନାର



ତାଜମହଲ

**ଏଥିରୁ କେଉଁ ଗୋଟିଏ ଭାରତୀୟ ସ୍ମାରକୀ ନୁହେଁ**

ଲାଲକିଲ୍ଲା






ନୋଟା



ବାଲିଗରଡ଼ା (ପଥରଖଣ୍ଡ)



ଚୌକି

**ଏ ଭିତରୁ କେଉଁଟି ଭଲ ଖାଇବା ଜିନିଷ**



ପକ୍ଷୀ ପର




ନୋଟା



ପାଚିଲା କଦଳୀ



ସେଫ୍‌ଟିପିନ୍

**ଏଥିରୁ କେଉଁଟିକୁ ବ୍ୟବହାର କରି ଆପଣ ମାଟି ଖୋଳି ଗୋଟିଏ ସୁସ୍ଥ ସବଳ ଚାରାଗଛ ପୋତିପାରିବେ।**




ଇଞ୍ଜେକ୍ସନ୍ ସିରିଞ୍ଜ୍




ନୋଟା






# ନିର୍ବାଚନ ଯନ୍ତ୍ର ଏବଂ ଆପଣଙ୍କ ମତପତ୍ର ତିଆରି କରନ୍ତୁ


## ନମୁନା ସଙ୍କେତ

| ଦଳ / ସ୍ୱାଧିନ ପ୍ରାର୍ଥୀ | ସଙ୍କେତ |
|---|---|
| ଜାତୀୟ ଦଳ (ସ୍ୱୀକୃତିପ୍ରାପ୍ତ)<br>୫<br><br>ରାଜ୍ୟସ୍ତରୀୟ ଦଳ (ସ୍ୱୀକୃତିପ୍ରାପ୍ତ)<br>୪ | କ<br>ଖ<br>ଗ<br>ଘ<br>ଚ<br>ଛ<br>ଜ<br>ଝ<br>ଟ |
| ଦଳ (ପଞ୍ଜିକୃତ)<br>୩ | ଠ<br>ଡ<br>ଢ |
| ସ୍ୱାଧୀନ ପ୍ରାର୍ଥୀ<br>୩ | ତ<br>ଥ<br>ଦ |

## ନମୁନା ମତପତ୍ର



| | | |
|---|---|---|
| रोहन मणियार<br>(देश कल्याण पार्टी)<br>Rohan Maniyar<br>(Desh Kalyan Party) | Photograph | |
| अनिल कुमार<br>(जन महाभारत पार्टी)<br>Anil Kumar<br>(Jan Mahabharath Party) | Photograph | |
| अशफाक खान<br>(अतुल्य किसान पार्टी)<br>Ashpakh Khan<br>(Atulya Kisan Party) | Photograph | |
| राजपाल भवानी<br>(विश्व शक्ति पार्टी)<br>Rajpal Bahavani<br>(Vishwa Shakti Party) | Photograph | |
| दुर्गा प्रसाद शास्त्री<br>(नया दौर पार्टी)<br>Durgaprasad Sastry<br>(Naya Daur Party ) | Photograph | |
| प्रदीप चौधरी<br>(सेकुलरवादी जन पार्टी)<br>Pradip Choudhary<br>(Secularist Jan Party) | Photograph | |
| सुदेश पाटील<br>(जय हो पार्टी)<br>Sudesh Patil<br>(Jai Ho Party) | Photograph | |
| इनमें से कोई नहीं<br>None Of The Above | | NOTA |



## ମତପତ୍ର ଏବଂ ନୋଟା (ଏମାନଙ୍କ ଭିତରୁ କେହି ନୁହେଁ) ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ

ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ତାଲିକାରେ ନାମଗୁଡ଼ିକ ଯେଉଁକ୍ରମରେ ଥାଏ ମତପତ୍ର (ବ୍ୟାଲଟ୍ ପେପର୍) ରେ ଠିକ୍ ସେହିକ୍ରମରେ ନାମଗୁଡ଼ିକ ସଜ୍ଜିତ ହୋଇ ରହିଥାଏ।

### *ରିଟର୍ଣ୍ଣିଂ ଅଧିକାରୀ (ଆରଓ) ପୁସ୍ତକର ଉଦ୍ଧୃତାଂଶ*

### କାଏମ ରହିଥିବା ମନୋନୀତ ପ୍ରାର୍ଥୀଙ୍କ ତାଲିକାରେ ନାମ ସଜାହେବା ବ୍ୟବସ୍ଥା

୧. ଲୋକ ପ୍ରତିନିଧି ଅଧିନିୟମ, ୧୯୫୧, ଫର୍ମ ନଂ.୪ (କାଏମ ରହିଥିବା ମନୋନୀତ ପ୍ରାର୍ଥୀଙ୍କ ତାଲିକା) ଏବଂ ଫର୍ମ ନଂ.୭ (କ) (ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ତାଲିକା) ଅନୁସାରେ କଥିତ ତାଲିକାରେ ନାମଗୁଡ଼ିକ ତିନୋଟି ବିଭାଗରେ ରଖାଯାଏ।

   i. ଜାତୀୟସ୍ତରରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରାର୍ଥୀ ଏବଂ ସମ୍ପୃକ୍ତ ରାଜ୍ୟସ୍ତରୀୟ ରାଜନୈତିକ ଦଳର ପ୍ରାର୍ଥୀ

   ii. ପଞ୍ଜିକୃତ ଅଣସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରାର୍ଥୀ

   iii. ଅନ୍ୟାନ୍ୟ (ସ୍ୱାଧୀନ) ପ୍ରାର୍ଥୀ

୨. ସୁତରାଂ, ଏହିସବୁ ବିଭାଗରେ ପ୍ରାର୍ଥୀମାନଙ୍କ ନାମ, ଉପରୋକ୍ତ ତାଲିକା ଓ ମତପତ୍ରରେ ସମାନକ୍ରମରେ ରହିବା ଉଚିତ୍। ଏହା ଜାଣି ରଖିବା ଉଚିତ୍ ଯେ ନାମଗୁଡ଼ିକ, ବିଭିନ୍ନ ବିଭାଗରେ, ନାମର ଆଦ୍ୟ ଅକ୍ଷର କ୍ରମରେ, ଅଲଗା ଅଲଗା ରହିବା ଉଚିତ୍, ପଞ୍ଚମ ପରିଚ୍ଛେଦରେ ଯେଭଳି ଭାବରେ ବୁଝାଇ ଦିଆଯାଇଛି।

   (ଯାହାହେଲେ ବି ଫର୍ମ ନଂ.୪ ଏବଂ ଫର୍ମ ନଂ.୭(କ) ରେ ଥିବା ଶୀର୍ଷକଗୁଡ଼ିକ ମତପତ୍ରରେ ରହିବ ନାହିଁ।)

୩. ନାମଗୁଡ଼ିକ 'ପ୍ରକୃତ ନାମ' କିମ୍ବା 'ସାଙ୍ଗିଆ' ଯେଉଁଥିରୁ ଆରମ୍ଭ ହୋଇଥାଉନା କାହିଁକି, ତିନୋଟି ବିଭାଗରୁ ପ୍ରତ୍ୟେକରେ ଆଦ୍ୟଅକ୍ଷରଗୁଡ଼ିକର କ୍ରମ ଅନୁସାରେ ନାମଗୁଡ଼ିକ ସଜ୍ଜିତ ହୋଇ ରହିବ। ଏହି ତିନୋଟି ଜାଗା ଯଥା- କାଏମ ରହିଥିବା ମନୋନୀତ ପ୍ରାର୍ଥୀଙ୍କର ତାଲିକା, ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କର ତାଲିକା ଓ ମତମତ୍ର (ବ୍ୟାଲଟ୍ ପେପର୍) – ସବୁଥିରେ ଏକ ହିଁ କ୍ରମରେ ନାମଗୁଡ଼ିକ ସଜ୍ଜିତ ହୋଇ ରହିବ। ନାମ ପୂର୍ବରୁ ଯଦି କୌଣସି ଏକଅକ୍ଷର ବିଶିଷ୍ଟ ଉପନାମ ଯୋଗ କରାଯାଇଥିବ, ତେବେ ସେହି ଆଦ୍ୟ ଅକ୍ଷରକୁ ଏ ପ୍ରକାର ନାମସଜ୍ଜାରେ ବିଚାରକୁ ନିଆଯିବ ନାହିଁ। ଧରାଯାଉ, କୌଣସି ଜଣେ ପ୍ରାର୍ଥୀ ତାଙ୍କ ନାମ 'ତ.କୁ.ରେଡି' ବୋଲି ଲେଖିଛନ୍ତି ତେବେ ଅକ୍ଷରକ୍ରମ ପାଇଁ ଆଦ୍ୟଅକ୍ଷର ଭାବରେ 'ର' କୁ ନିଆଯିବ, 'ତ' କୁ ନୁହେଁ, ତେବେ ଯଦି ଗୋଟିଏ ବିଭାଗରେ ଦୁଇଜଣ ପ୍ରାର୍ଥୀଙ୍କର ସମାନ ନାମ ଥାଇ ଉପନାମ ଅକ୍ଷର ଭିନ୍ନ ଭିନ୍ନ ହୋଇଥିବ, ତେବେ ନାମଦୁଇଟି ସଜେଇଲାବେଳେ ଉପନାମର ଅକ୍ଷରଟିକୁ ଆଦ୍ୟଅକ୍ଷରକୁ ବିଚାରକୁ ନିଆଯିବ। ଉଦାହରଣସ୍ୱରୂପ, ଗୋଟିଏ ବିଭାଗରେ ଯଦି ପ୍ର.ଚ. ରେଡ଼ି ଓ ତ.କୁ. ରେଡ଼ି, ଦୁଇଜଣ ଥାଆନ୍ତି ତେବେ 'ପ' ଓ 'ତ' ର କ୍ରମ ଅନୁସାରେ ନାମଗୁଡ଼ିକ ରହିବ। ପୁଣି ଯଦି ଦୁଇଜଣ ପ୍ରାର୍ଥୀଙ୍କର ନାମ ସମାନ ହୋଇଥିବ ଓ ସାଙ୍ଗିଆ ଭିନ୍ନ ହୋଇଥିବ, ତେବେ ସାଙ୍ଗିଆରେ ଥିବା ପ୍ରଥମ ଅକ୍ଷରକ୍ରମରେ ନାମ ଦୁଇଟିକୁ ରଖାହେବ।

୪. ଯଦି ସଂସଦୀୟ ନିର୍ବାଚନ ହୋଇଥାଏ, ତେବେ ନାମଗୁଡ଼ିକ ଦେବନାଗରୀ ଲିପିରେ ଲେଖାହେଲେ ଯେଉଁ ଅକ୍ଷର ଆଦ୍ୟ ଅକ୍ଷର ହେବ ସେହିକ୍ରମରେ ନାଁଗୁଡ଼ିକ ସଜାହେବ। ଯଦି ବିଧାନସଭା ନିର୍ବାଚନ ହୋଇଥାଏ, ସମ୍ପୃକ୍ତ ରାଜ୍ୟର ସରକାରୀ ଭାଷାରେ ନାମଗୁଡ଼ିକ ଲେଖାଯାଇ ନାମର ପ୍ରଥମ ଅକ୍ଷର ଅନୁସାରେ କ୍ରମ ନିର୍ଦ୍ଧାରଣ କରାଯିବ।

୫. ନିର୍ବାଚନ ପରିଚାଳନା ଅଧିନିୟମ, ୧୯୬୧ ଧାରା ୨୨ (୩) ଏବଂ ୩୦ (୩) ରେ ଉଲ୍ଲେଖ ଅଛି ଯେ ଯଦି ଦୁଇ କିମ୍ବା ତତୋଽଧିକ ପ୍ରାର୍ଥୀଙ୍କର ନାମ ସର୍ବୋତ ଭାବେ ସମାନ ହୋଇଥିବ ତେବେ ସେମାନଙ୍କୁ ସେମାନଙ୍କର ବୃତ୍ତି, ବାସସ୍ଥାନ ଅଥବା ଅନ୍ୟକୌଣସି ଭିତ୍ତିରେ ଭିନ୍ନ ଭିନ୍ନ ଭାବେ ଚିହ୍ନିତ କରିବାକୁ ପଡ଼ିବ। ଏହିପରି ଅବସ୍ଥା ଯଦି ଏହି ପ୍ରାର୍ଥୀମାନଙ୍କ ନାମ, କାଏମ ରହିଥିବା ମନୋନୀତ ପ୍ରାର୍ଥୀ ତାଲିକା, ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ତାଲିକା, ଓ ମତପତ୍ର – ଏହି ତିନିଜାଗାରେ ଗୋଟିଏ ବିଭାଗରେ ଆସେ, ତେବେ ସେମାନଙ୍କୁ ଭିନ୍ନ ଚିହ୍ନଟ କରୁଥିବା ଉପସର୍ଗ ଅନୁସାରେ ନାମଗୁଡ଼ିକ ସଜ୍ଜିତ ହେବ।

୬. ପ୍ରାର୍ଥୀମାନଙ୍କ ନାମ ସହିତ କୌଣସି ସମ୍ମାନସୂଚକ, ଶିକ୍ଷାଗତ, ବଂଶଗତ, ବୃତ୍ତିଗତ କିମ୍ବା ଅନ୍ୟକୌଣସି ଉପାଧି ଯୋଗକରିବାରେ କୌଣସି ଆପତ୍ତି ନାହିଁ। କିନ୍ତୁ ନାମ ସଜାର ଆଦ୍ୟଅକ୍ଷର କ୍ରମରେ- କାଏମ ରହିଥିବା ମନୋନୀତ ପ୍ରାର୍ଥୀଙ୍କ ତାଲିକାରେ, ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ତାଲିକାରେ କିମ୍ବା ମତମତ୍ରରେ – ଏହିସବୁ ଉପରୋକ୍ତ ସାଙ୍ଗିଆ ବା ଉପାଧି କୌଣସି ହିସାବରେ ବି ବିଚାରକୁ ନିଆଯିବ ନାହିଁ।

## ନିର୍ବାଚନ ଯନ୍ତ୍ରର 'ମତପତ୍ର ୟୁନିଟ୍' ରେ ରହୁଥିବା ମତପତ୍ର

i. ଯଦି ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ସଂଖ୍ୟା ଷୋହଳ (୧) (ନୋଟା ଆସିବା ପରେ ପନ୍ଦର (୧୫)) ରୁ ଅଧିକା ହୁଏ – ଅର୍ଥାତ୍,

- ଯଦି ପ୍ରାର୍ଥୀମାନଙ୍କ ସଂଖ୍ୟା ସତର (୧୭) ରୁ ବତିଶ (୩୨) (ଏବେ ନୋଟା ପରେ ୩୧) ତେବେ ନିର୍ଦ୍ଧାରିତ ପରିମାପର ଦୁଇଫର୍ଦ୍ଦ ମତପତ୍ରରେ ନାମଗୁଡ଼ିକ ଛପାହେବ।
- ଯଦି ପ୍ରାର୍ଥୀମାନଙ୍କ ସଂଖ୍ୟା ତେତିଶ (୩୩)ରୁ ଅଠଚାଳିଶ (୪୮) ଭିତରେ ହୁଏ ତେବେ ତିନିଫର୍ଦ୍ଦ ମତପତ୍ରରେ ଛପାହେବ।
- ଯଦି ଅଣଚାଶରୁ ତେଷଠୀ ଭିତରେ ପ୍ରାର୍ଥୀ ସଂଖ୍ୟା ହୁଏ ତେବେ ଚାରିଫର୍ଦ୍ଦରେ ଛପାହେବ।


ii. ଯେଉଁଠି ମତପତ୍ର ଏକାଧିକ ଫର୍ଦ୍ଦରେ ଛପାହେବ, ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ଭିତରୁ କ୍ରମିକ ନଂ.୧୭ ରୁ ୩୨ ଯାଏ ଦ୍ୱିତୀୟ ଫର୍ଦ୍ଦରେ ଛପାହେବ, କ୍ରମିକ ନମ୍ବର ୩୩ ରୁ ୪୮ ଯାଏ ତୃତୀୟ ଫର୍ଦ୍ଦରେ ଛପାହେବ ଏବଂ କ୍ରମିକ ନମ୍ବର ୪୯ରୁ କ୍ର.ନଂ. ସବୁ ଚତୁର୍ଥ ଫର୍ଦ୍ଦରେ ଛପାହେବ। ଯଦି ପ୍ରାର୍ଥୀମାନଙ୍କ ସଂଖ୍ୟା ବତିଶ (୩୨) ରୁ କମ୍ ହୋଇଥାଏ ତେବେ ଦ୍ୱିତୀୟ ଫର୍ଦ୍ଦରେ, ଶେଷ ପ୍ରାର୍ଥୀଙ୍କ ନାମ ତଳକୁ ବାକିଥିବା ଜାଗାକୁ ଫାଙ୍କା ଛାଡ଼ିଦିଆଯିବ। ତୃତୀୟ, ଚତୁର୍ଥ ଫର୍ଦ୍ଦ ପାଇଁ ମଧ୍ୟ ସେହିପରି କରାଯିବ।

iii. ପ୍ରତ୍ୟେକ ଫର୍ଦ୍ଦରେ, ଯେଉଁ ଜାଗାରେ ନିର୍ବାଚନର ନିର୍ଦ୍ଦିଷ୍ଟ ବିବରଣୀ ସବୁ ଲେଖାହେବା ପାଇଁ ଜାଗାଥିବ, ସେହି ଜାଗାରେ ଗାଢ଼ କାଳିରେ, ଶବ୍ଦ ଏବଂ ଅକ୍ଷରରେ ଫର୍ଦ୍ଦ ନଂ.୧, ଫର୍ଦ୍ଦ ନଂ.୨ ଇତ୍ୟାଦି ଲେଖାହେବ।

iv. ଯେଉଁ ଭାଷାରେ, ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ନାମ ଛପାଯାଇଛି ଠିକ୍ ସେହି ଭାଷାରେ ନାମଗୁଡ଼ିକ ମତପତ୍ରରେ ଛପାହେବ। ପ୍ରାର୍ଥୀମାନଙ୍କ କ୍ରମାଙ୍କ ଭାରତୀୟ ଅଙ୍କର ଅନ୍ତର୍ଜାତୀୟ ରୂପରେ ଚିହ୍ନିତ କରାଯିବ।

v. ପ୍ରାର୍ଥୀମାନଙ୍କର କ୍ରମିକ ନମ୍ବର ଏବଂ ନାମ ବାମପାର୍ଶ୍ୱରେ ଛପାହେବ ଓ ଡାହାଣ ପାଖରେ, ସେହି ନାମ ପାଇଁ ଉଦ୍ଦିଷ୍ଟ ସ୍ଥାନରେ ପ୍ରାର୍ଥୀଙ୍କ ସଙ୍କେତ ଛପାହେବ।





*ସାଧନ*

## ନୋଟା (ଏମାନଙ୍କ ଭିତରୁ କେହିନୁହେଁ)

ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ରାୟ ଓ ନିର୍ଦ୍ଦେଶର ପାଳନ କରିବାକୁ ଯାଇ, ଆୟୋଗ ଏତଦ୍ଦ୍ୱାରା, ଇଭିଏମ୍ ମତପତ୍ରରେ ନୋଟା (ଏମାନଙ୍କ ଭିତରୁ କେହି ନୁହେଁ) ବିକଳ୍ପ / ଇଚ୍ଛାଧିକାରର ପ୍ରଚଳନ ପାଇଁ ନିମ୍ନମତେ ନିର୍ଦ୍ଦେଶ ଦେଉଛନ୍ତି।

i. ମତପତ୍ରରେ ଶେଷ ପ୍ରାର୍ଥୀଙ୍କ ନାମ ଓ ଅନ୍ୟାନ୍ୟ ବିବରଣୀ ଛପା ହୋଇଥିବା ଧାଡ଼ି ତଳକୁ ଆଉ ଗୋଟିଏ ଧାଡ଼ି ରହିବ। ସେହି ଘରେ 'ଏମାନଙ୍କ ଭିତରୁ କେହି ନୁହେଁ' ବୋଲି ଲେଖା ରହିବ। ଏହିଲେଖା ଡାହାଣକୁ ନୋଟାର ଚିହ୍ନ ରହିବ। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ଭିତରୁ କାହାକୁ ହେଲେ ଭୋଟ ଦେବାକୁ ଇଚ୍ଛା ନ କରୁଥିବା ମତଦାତାମାନେ ଏହି ବିକଳ୍ପର ବ୍ୟବହାର କରିପାରିବେ।

ii. ପ୍ରାର୍ଥୀମାନଙ୍କର ନାମ ଯେଉଁ ଭାଷା ବା ଭାଷାଗୁଡ଼ିକରେ ଲେଖାଯାଇଚି 'ନୋଟା' ଘରେ ଶବ୍ଦଗୁଡ଼ିକ ସେହି ଭାଷାରେ ଲେଖା ରହିବ। ପ୍ରାର୍ଥୀମାନଙ୍କ ନାମଲେଖା ଇତ୍ୟାଦି ପାଇଁ ଉଦ୍ଦିଷ୍ଟ ଧାଡ଼ିର ଲମ୍ବ ପ୍ରସ୍ଥ ଯାହା 'ନୋଟା' ଘରର ଲମ୍ବ ପ୍ରସ୍ଥ ସେତିକି ରହିବ।

iii. ଯଦି ଷୋହଳ (୧୬) ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ତେବେ ଗୋଟିଏ ଅଧିକ ମତପତ୍ର ୟୁନିଟ୍ ପ୍ରଥମ ମତପତ୍ର ୟୁନିଟ୍ ସହିତ ସଂଯୋଗ କରାଯିବ।


iv. ସେହିପରି ଏକାଧିକ ମତପତ୍ର ୟୁନିଟ୍ ଯଦି ବ୍ୟବହାର କରାଯାଉଥାଏ, ତେବେ ନୋଟା (ଏମାନଙ୍କ ଭିତରୁ କେହି ନୁହେଁ) ଧାଡ଼ିଟି ଶେଷ ମତପତ୍ର ୟୁନିଟ୍‌ରେ ଶେଷ ପ୍ରାର୍ଥୀଙ୍କ ନାମ ତଳକୁ ରହିବ।

**ଅନ୍ୟାନ୍ୟ ସାଧନ**

୧. ମତରେ ଆସ୍ଥା
୨. ଗଣତନ୍ତ୍ରର ପ୍ରହରୀ
୩. ମଜା, ବନ୍ଧୁତା ମତଦାନ – ସଜୀବିକୃତ ସିନେମା (ମସ୍ତି, ଦୋସ୍ତି, ମତଦାନ) – ଆନିମେଟେଡ୍ ସିନେମା)
୪. ଅଭୟ ଓ ଆଭା – ଛବିବହି
୫. ପଞ୍ଜିକରଣ ଓ ମତଦାନ ଉପରେ ଚିତ୍ରପଟ୍ଟଳ
୬. ବାରମ୍ବାର ଆସୁଥିବା ପ୍ରଶ୍ନ ଓ ଶବ୍ଦକୋଷ
୭. ଖେଳ
  କ. ମତଦାନର ପର୍ଯ୍ୟାୟ
  ଖ. ଖୋଜିଲେ ପାଇବ
  ଗ. ବର୍ଣ୍ଣାବଳୀ
  ଘ. ସୁଗମ୍ୟତା ଓ ଅନ୍ତର୍ଭୁକ୍ତି ଉପରେ ଲୁଡୁଖେଳ
  ଚ. ସାପ ଓ ଶିଡ଼ି

## ଆବାହକଙ୍କ ଟିପ୍ପଣୀ






## ଆବାହକଙ୍କ ଟିପ୍ପଣୀ

## ଆବାହକଙ୍କ ଟିପ୍ପଣୀ






## ଆବାହକଙ୍କ ଟିପ୍ପଣୀ

ଆବାହକଙ୍କ ଟିପ୍ପଣୀ






ଆବାହକଙ୍କ ଟିପ୍ପଣୀ

ଆବାହକଙ୍କ ଟିପ୍ପଣୀ






ଆବାହକଙ୍କ ଟିପ୍ପଣୀ

## ଆବାହକଙ୍କ ଟିପ୍ପଣୀ






# ଆବାହକଙ୍କ ଟିପ୍ପଣୀ

## ଆବାହକଙ୍କ ଟିପ୍ପଣୀ





# ଆବାହକଙ୍କ ଟିପ୍ପଣୀ



OGP—MP—CTCP (HOME ELEC.) 14—40,000 Bks.—10-9-2018

ELECTORAL LITERACY CLUB

No Voter to be Left Behind


**ଭାରତର ନିର୍ବାଚନ ଆୟୋଗ**

ନିର୍ବାଚନ ସଦନ, ଅଶୋକା ରୋଡ଼, ନୂଆଦିଲ୍ଲୀ

ଟେଲିଫୋନ୍ – ୯୧-୧୧-୨୩୦୫୨୨୦୫

ଫାକ୍ସ: ୯୧-୧୧-୨୩୦୫୨୨୧୯

www.eci.nic.in / www.ecisveep.nic.in